

ଭାରତର ବିଶାଳ ବିଜୟ
ବୁମ୍ରା ମ୍ୟାନ୍ ଅଫ୍ ଦ ମ୍ୟାଚ୍ ପୃଷ୍ଠା ୬


# ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 32 | ISSUE 242 | ଭାଗ ୩୨ | ସଂଖ୍ୟା ୨୪୨ | Bhubaneswar | Tuesday 26 November 2024 | Page 8 Rs. 4.00 | ଭୁବନେଶ୍ୱର | ମଙ୍ଗଳବାର ୨୬ ନଭେମ୍ବର ୨୦୨୪ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା


### 'ଦ ଟିଚର୍ ଆପ୍' ଶୁଭାରମ୍ଭ

## ଶିକ୍ଷକମାନେ ପ୍ରକୃତ କର୍ମଯୋଗୀ




ଭୁବନେଶ୍ୱର,୨୫।୧୧(ସଂଚାର ବ୍ୟୁରୋ): ଆମ ଶିକ୍ଷକମାନେ ହିଁ ପ୍ରକୃତ କର୍ମଯୋଗୀ। ଶିକ୍ଷକମାନେ ଆମ ଛାତ୍ରଛାତ୍ରୀଙ୍କ ଦାୟିତ୍ୱ ନେବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଠନ କରୁଛନ୍ତି ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମତବ୍ୟକ୍ତ କରିଛନ୍ତି।

ସୋମବାର ନୂଆଦିଲ୍ଲୀରେ 'ଭାରତୀ ଏୟାରଟେଲ ଫାଉଣ୍ଡେସନ' ଦ୍ୱାରା ପ୍ରସ୍ତୁତ 'ଦ ଟିଚର୍ ଆପ୍'ର ଶୁଭାରମ୍ଭ କରିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ପ୍ରଧାନ ଭାରତୀ ଏଣ୍ଟରପ୍ରାଇଜେସର ଜନହିତକର ଶାଖା 'ଭାରତୀ ଏୟାରଟେଲ ଫାଉଣ୍ଡେସନ' ଶିକ୍ଷକମାନଙ୍କ ପାଇଁ ଏକ ପ୍ଲାଟଫର୍ମକୁ ବିକଶିତ କରିଥିବାରୁ ଫାଉଣ୍ଡେସନକୁ ଧନ୍ୟବାଦ ଜଣାଇଛନ୍ତି। ଏହି ଅବସରରେ 'ଶିକ୍ଷକଙ୍କ ଉନ୍ନତିରେ ଭାରତର ଉନ୍ନତି' ଶୀର୍ଷକ ବିଷୟବସ୍ତୁ ଉପରେ ସମବେତ ଶିକ୍ଷାବିତ୍ ଓ ବ୍ୟକ୍ତିବିଶେଷଙ୍କୁ ସମ୍ବୋଧିତ କରିଛନ୍ତି ଏହାକୁ ଏକ ପ୍ରଶଂସନୀୟ ପଦକ୍ଷେପ କହିବା ସହ ନିର୍ଦ୍ଦିଷ୍ଟ ଆପ୍ ଅଭିନବ ପାଠ୍ୟକ୍ରମ, ପ୍ରଯୁକ୍ତିବିଦ୍ୟା ଏବଂ କମ୍ୟୁନିଟି ବିଲ୍ଡିଂ କାର୍ଯ୍ୟକ୍ରମ ମାଧ୍ୟମରେ ନିରନ୍ତର ଦକ୍ଷତା ବିକାଶ ➩ପୃଷ୍ଠା-୬

- ଶିକ୍ଷକମାନଙ୍କୁ ସଶକ୍ତ କରିବ ଦ ଟିଚର୍ ଆପ୍
- ଶିକ୍ଷକମାନେ ଭବିଷ୍ୟତର ମାନଚିତ୍ର ପ୍ରସ୍ତୁତିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବେ

### ଆଜିଠୁ ଶୀତ ଅଧିବେଶନ

## ୨୪ ବର୍ଷ ସରକାରର ଖୋଲିବ କଳା ଚିଠା

- ବିଜେଡି ବିଧାୟକ ଦଳରେ ସମନ୍ୱୟର ଅଭାବ
- କଂଗ୍ରେସ ହାଇଜାକ କରିବ ଶୋ
- ସୁପରିଚାଳନା ପାଇଁ ବାଚସ୍ପତିଙ୍କ ସର୍ବଦଳୀୟ ବୈଠକ

ଭୁବନେଶ୍ୱର, ୨୫।୧୧ (ସଂଚାର ବ୍ୟୁରୋ): ମଙ୍ଗଳବାରଠାରୁ ଆରମ୍ଭ ହେଉଥିବା ବିଧାନସଭାର ଶୀତ ଅଧିବେଶନ ପାଇଁ ତିନି ପ୍ରମୁଖ ରାଜନୈତିକ ଦଳ ପ୍ରସ୍ତୁତ କରିଛନ୍ତି ନିଜ ନିଜର ରଣନୀତି। ଗତ ଅଧିବେଶନରେ କଂଗ୍ରେସ ଏକ ପ୍ରକାର ବିରୋଧୀ ଦଳର ଭୂମିକା ତୁଲାଇଥିଲା। ଏଥର ମଧ୍ୟ କଂଗ୍ରେସ ଶୋ ହାଇଜାକ କରିବାକୁ ଯୋଜନା କରିଛି। ସେପଟେ ସରକାରୀ ଦଳ ୨୪ ବର୍ଷର ବିଜେଡି ସରକାରର ଗୁମର ଖୋଲିବାକୁ ରଣନୀତି କରିଛି। ବିରୋଧୀଙ୍କ ପାଖରେ ବିଶେଷ ପ୍ରସଙ୍ଗ ନଥିବାରୁ ଗୃହ ଅଚଳ କରିବାକୁ ଯୋଜନା କରାଯାଉଛି। ଏହାର କାଉଣ୍ଟର କରିବାକୁ ବିଜେଡି ସରକାରର ମହାଦୁର୍ନୀତିର ଲମ୍ବା ତାଲିକା ଉପସ୍ଥାପନ କରିବ ବିଜେପି।

ତେବେ ବିଧାନସଭା କିଭଳି ସୁରୁଖୁରେ ଚାଲିବ ଏବଂ ଲୋକଙ୍କ ସମସ୍ୟା ଭିତ୍ତିକ ପ୍ରସଙ୍ଗ ଉପରେ ଆଲୋଚନା ହୋଇପାରିବ ସେନେଇ ଶୀତ ଅଧିବେଶନର ଅବ୍ୟବହିତ ପୂର୍ବରୁ ବାଚସ୍ପତି ସୁରମା ପାଢ଼ୀ ସର୍ବଦଳୀୟ ବୈଠକରେ ସମସ୍ତଙ୍କ ସହଯୋଗ ଲୋଡ଼ିଛନ୍ତି। ଗୃହକୁ ସୁରୁଖୁରୁରେ ଚଳାଇବାକୁ ବିରୋଧୀଙ୍କ ସହଯୋଗ ଲୋଡ଼ିଛନ୍ତି। ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ବିରୋଧୀଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ, ଭାଜପା ବିଧାୟକ ଜୟନାରାୟଣ ମିଶ୍ର, ସିପିଆଇ (ଏମ୍) ସଦସ୍ୟ ଲକ୍ଷ୍ମଣ ମୁଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ତେବେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଏହି ବୈଠକରେ ଯୋଗ ଦେଇନଥିଲେ।

ସରକାରଙ୍କୁ ଘେରିବାକୁ ବିରୋଧୀ ଆମ୍ବଟାକୁଆ ମୃତ୍ୟୁ, ➩ପୃଷ୍ଠା-୬



## ବବିଙ୍କ ବାଇମୁଣ୍ଡି ଏବେ 'ମିଷ୍ଟର ଇଣ୍ଡିଆ'



ଭୁବନେଶ୍ୱର,୨୫।୧୧ (ସଂଚାର ବ୍ୟୁରୋ): ବିଜେଡି କ୍ଷମତାରେ ଥିବା ବେଳେ ପ୍ରଣବ ପ୍ରକାଶ ଦାସ ଓରଫ ବବି ଦାସ ଓରଫ କ୍ରୀତଦାସଙ୍କ ଚାରିପଟେ ମାଳ ମାଳ ନେତା ବୁଲୁଥିଲେ। ସେହି ନେତାମାନେ ସେତେବେଳେ ଭାରି ପ୍ରଭାବଶାଳୀ ବି ହୋଇପଡ଼ିଥିଲେ। ଯାହାର ମୁଣ୍ଡ ଯେତିକିର ନୁହେଁ, ତାଠାରୁ ଢେର ଅଧିକ ଦେଇଥିଲେ ବବି ଦାସ। କାହାକୁ କର୍ପୋରେସନ ତ କାହାକୁ ଉପଦେଷ୍ଟା, କାହାକୁ ପର୍ଯ୍ୟବେକ୍ଷକ ଭଳି ଦାୟିତ୍ୱ ଦେଇଥିଲେ। ଏବେ ବବି ଦାସ ବିବାଦରେ ଛନ୍ଦି ହୋଇପଡ଼ିଥିବା ବେଳେ ସେଇ ତଥାକଥିତ ବାଇମୁଣ୍ଡିମାନେ ମିଷ୍ଟର ଇଣ୍ଡିଆ ଭଳି ଉଭାନ ହୋଇଯାଇଛନ୍ତି। ଆଉ ସେତେବେଳେ ବବି ଦାସ ଯେଉଁମାନଙ୍କୁ କୋଣ ଠେସା କରିଥିଲେ ସେଇମାନେ ତାଙ୍କ ପାଇଁ ମଡିଆରେ ଓକିଲାତି କରୁଛନ୍ତି। ବିଜେଡି ନିର୍ବାଚନ ହାରିବା ଆଉ ଦଳ ପ୍ରତି ସଂକଟ ସୃଷ୍ଟି ହେବାର ଏହା ଅନ୍ୟତମ କାରଣ ବୋଲି କୁହାଯାଇପାରେ। କାରଣ ଗତ ତିନି ଚାରି ବର୍ଷ ହେଲା ବବି ଦାସ କିଛି ଅଲ୍ପକିଆ ନେତାଙ୍କୁ ବହୁ କ୍ଷମତା ଦେଇଥିଲା। ଚିନ୍ମୟ ସାହୁ, କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର, ବ୍ୟୋମକେଶ ରାୟ, ବିରଞ୍ଚ ମହାସୁପକାର, ରାଜା ଚକ୍ର, ସୌଭିକ ବିଶ୍ୱାଳ, ପ୍ରତାପ ଦେବ, ସଞ୍ଜୀବ ମଲ୍ଲିକ, ଦୁର୍ଗା ସାମନ୍ତରାୟ, ଅମରେଶ ପତ୍ରୀ, ସଂଗ୍ରାମ ପାଇକରାୟ, ପ୍ରୟାସକାନ୍ତି ସାମଲ, ବିଜୟ ନାୟକ, ଜନ୍ମେଜୟ ଲେଙ୍କା, ରଞ୍ଜିତ ଓରଫ ଲିଟୁ ମହାପାତ୍ରଙ୍କ ଭଳି ନେତାମାନେ ଏକ ସମୟରେ ବବି ଦାସଙ୍କ ଆଖି, ନାକ, କାନ ସବୁ କିଛି ହୋଇଯାଇଥିଲେ।

ସୂର୍ଯ୍ୟନଗର ହେଉ କି ହ୍ୱାଇଟ ହାଉସ, ବବି ଦାସଙ୍କ ଏମାନେ ଥିଲେ ମୁଖ୍ୟ କାର୍ପଟଦାର। ଏମାନଙ୍କ ଭିତରୁ କାହାକୁ ନିଗମ ଅଧ୍ୟକ୍ଷ, ତ କାହାକୁ ଉପଦେଷ୍ଟା, ତ କାହାକୁ ପର୍ଯ୍ୟବେକ୍ଷକ ଦାୟିତ୍ୱ ଦେଇଥିଲେ ବବି ଦାସ। ଏମାନେ ବି ସେ ସମୟରେ ଇନ୍ଦ୍ରଚନ୍ଦ୍ର ମାନୁ ନ ଥିଲେ। ଦଳରେ ବବି ଦାସଙ୍କ ପରେ ➩ପୃଷ୍ଠା-୬

## ସବୁଜ ଚଷମା ପିନ୍ଧୁଛନ୍ତି କି ଅରୁଣ?

ଭୁବନେଶ୍ୱର,୨୫।୧୧(ସଂଚାର ବ୍ୟୁରୋ): କ୍ରାଇମବ୍ରାଞ୍ଚ ତଦନ୍ତକୁ ନେଇ ପ୍ରଶ୍ନ ଉଠାଉଥିବା ବିଜେଡି ବିଧାୟକ ଅରୁଣ ସାହୁ ବୋଧହୁଏ ପରୀ ଦୁଷ୍କର୍ମ ଓ ହତ୍ୟା ଘଟଣାକୁ ଭୁଲି ଯାଉଛନ୍ତି। ପରୀ ଘଟଣାର ତଦନ୍ତ ଭାର ମଧ୍ୟ କ୍ରାଇମବ୍ରାଞ୍ଚ ନେଇଥିଲା ଆଉ ପୋଖରୀ ଭିତରୁ ପରୀର ପ୍ୟାଣ୍ଟ ଖୋଜି ତଦନ୍ତର ଦିଗକୁ ଭିନ୍ନ ମୋଡ ଦେଇଥିଲା। ତେଣୁ ବିଜେଡି ନେତାମାନେ କ୍ରାଇମବ୍ରାଞ୍ଚ ତଦନ୍ତ କିପରି ହୁଏ ଭଲ ଭାବେ ଜାଣିଛନ୍ତି। ଯେଉଁଥିପାଇଁ ଅରୁଣ ଯାଜପୁରରେ ବିଧାୟକ ହିମାଂଶୁ ସାହୁଙ୍କ ଉପରେ ଆକ୍ରମଣ ମାମଲାରେ କ୍ରାଇମବ୍ରାଞ୍ଚ ସୁନା ଚେନ ଖୋଜିବାକୁ ତଦନ୍ତ କରୁଛି ବୋଲି କହୁଛନ୍ତି। ବିଜେଡି ନେତାମାନଙ୍କ ଯଦି କ୍ରାଇମବ୍ରାଞ୍ଚର ପାରିବାପଣିଆ ଉପରେ ଏତେ ସନ୍ଦେହ ଥିଲା ତେବେ ନିଜେ ସରକାରରେ ଥିବା ବେଳେ ସବୁ ବିବାଦୀୟ ଘଟଣାର ତଦନ୍ତ ଭାର କାହିଁକି କ୍ରାଇମବ୍ରାଞ୍ଚକୁ ➩ପୃଷ୍ଠା-୬

**ସେତେବେଳେ ପରୀର ପ୍ୟାଣ୍ଟ, ଏବେ ସୁନାଚେନ**

### ଖବର ପ୍ରକାଶ ପରେ ସିଲ ହେଲା ପବ୍

## ଚେଇଁ ଶୋଇଥିଲା ଅବକାରୀ ବିଭାଗ ନିଦ ଭାଙ୍ଗିଦେଲା ଟିମ୍ 'ସଂଚାର'




ଭୁବନେଶ୍ୱର,୨୫।୧୧ (ସଂଚାର ବ୍ୟୁରୋ): ଦୀର୍ଘ ଦିନ ଧରି ବେଧଡ଼କ ପବ୍ ଚାଲିଥିଲା। କୌଣସି ଉପାନ୍ତ ଅଞ୍ଚଳ ନୁହେଁ, ବରଂ ଭୁବନେଶ୍ୱର ସହିଦନଗରରେ ଭୋର ଯାଏଁ ଚାଲିଥିଲା ପବ। ସବୁ ଦେଖି ଶୋଇପଡ଼ିଥିଲା ଅବକାରୀ ବିଭାଗ। କିନ୍ତୁ ଅବକାରୀ ବିଭାଗର ନିଦ ଭାଙ୍ଗି ଦେଲା 'ସଂଚାର'। ଗତକାଲି ଖବର ପ୍ରକାଶ ପାଇବା କ୍ଷଣି ଆରମ୍ଭ ହୋଇଥିଲା ଧରପଗଡ଼। ପେପର ପଢ଼ିବା ମାତ୍ରେ ଚଢ଼ାଉ କରିଥିଲେ ଅବକାରୀ ବାବୁ। ଆଉ ସିଲ ହୋଇଥିଲା ପବ। ଆମେ କହୁଛୁ ସହିଦନଗରରେ ଥିବା ଭକ୍ସ ପପ ବାର କଥା। ଭୋର ପର୍ଯ୍ୟନ୍ତ ଏହି ପବ ଚାଲିଥିବା ନେଇ ଦୁଇଦିନ ତଳେ ଅଭିଯୋଗ ଆସିଥିଲା। କିଛି ଭିଡିଓ ମଧ୍ୟ ଭାଇରାଲ ହୋଇଥିଲା। ଯେଉଁ ଭିଡିଓରେ ରାତି ୩ଟା ପରେ ପବ ଭିତରେ ଶତାଧିକ ଯୁବତୀ ନିଶାସକ୍ତ ଅବସ୍ଥାରେ ଥିବା ଦେଖାଯାଇଥିଲା। ଏପରିକି ସୂର୍ଯ୍ୟ ଉଦୟ ଯାଏଁ ପବ ଚାଲୁଥିବା ଅଭିଯୋଗ ହୋଇଥିଲା। ଯଦି ଡ୍ୟାନ୍ସ ବାର ନିୟମ ନ ମାନିବାରୁ ଚଢ଼ାଉ କରାଯାଉଛି, ତେବେ ପବ ବିରୋଧରେ କାହିଁକି ଅନୁକମ୍ପା ଦେଖାଯାଉଛି ବୋଲି ପ୍ରଶ୍ନ ଉଠିଥିଲା। ଏପରିକି ଅବକାରୀ କମିଶନରଙ୍କ ନାଁ ବଦନାମ ହେଉଥିବା ଖବର ମଧ୍ୟ ପ୍ରକାଶ ପାଇଥିଲା। ଖବର ପରେ ଭୁବନେଶ୍ୱର ଅବକାରୀ ଟିମ୍ ପକ୍ଷରୁ ଚଢ଼ାଉ କରାଯାଇ ପବ୍‌କୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସିଲ କରାଯାଇଛି।

## ଓଡ଼ିଶାରେ ମୋଦିଙ୍କ ୩ଦିନିଆ ଟୁର୍



ଭୁବନେଶ୍ୱର,୨୫।୧୧(ସଂଚାର ବ୍ୟୁରୋ): ଆସନ୍ତା ୨୯ରେ ଓଡ଼ିଶାରେ ଅନୁଷ୍ଠିତ ହେଉଛି ପୁଲିସ ମହାନିର୍ଦ୍ଦେଶକ (ଡିଜିପି)ଙ୍କ ସମ୍ମିଳନୀ। ଏହା ୩ ଦିନ ଚାଲିବ। ଉକ୍ତ ସମ୍ମିଳନୀରେ ସାମିଲ ହେବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ସେଥିପାଇଁ ସେ ୩ ଦିନିଆ ଓଡ଼ିଶା ଗସ୍ତରେ ଆସିବେ ବୋଲି କହିଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ସେ କହିଛନ୍ତି, ଡିଜିପି ସମ୍ମିଳନୀରେ ଯୋଗ ଦେବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୯ ତାରିଖରେ ଓଡ଼ିଶା ଆସିବେ। ପ୍ରଧାନମନ୍ତ୍ରୀ ୩୦ ଓ ଡିସେମ୍ବର ୧ ତାରିଖରେ ଡିଜିପି ସମ୍ମିଳନୀରେ ଭାଗ ନେବେ। ଆଇନ ମନ୍ତ୍ରୀଙ୍କ ପୂର୍ବରୁ ଡିଜିପି ୱାଇବି ଖୁରାନିଆ ସୂଚନା ଦେଇଥିଲେ ➩ପୃଷ୍ଠା-୬

## ମାଫିଆ ସାବଧାନ,ବୁଲୁଛି ଖୁରାନିଆଙ୍କ ଖୁର


ଡ୍ରୋନ ଦ୍ୱାରା ଗଞ୍ଜେଇ ଚାଷର ବିନାଶ

ଭୁବନେଶ୍ୱର,୨୫।୧୧ (ସଂଚାର ବ୍ୟୁରୋ): ଡ୍ରୋନ ଦ୍ୱାରା କରାଯିବ ଗଞ୍ଜେଇ ଚାଷ ନଷ୍ଟ। ଦେଖନ୍ତୁ ଏହି ଭିଜୁଆଲ। ରାଜ୍ୟରୁ ଗଞ୍ଜେଇ ଚାଷକୁ ମୂଳପୋଛ କରିବା ଲକ୍ଷରେ ଓଡିଶା ପୋଲିସ। ୨୦୨୬ ସୁଦ୍ଧା ରାଜ୍ୟରେ ବେଆଇନ ନିଶା କାରବାର ବନ୍ଦ କରିବାକୁ ଟାର୍ଗେଟ ରଖିଥିବା ବେଳେ ଏବେ ପ୍ରତ୍ୟେକ ଦିନ ଏକର ଏକର ଗଞ୍ଜେଇ ଚାଷ କରାଯାଉଛି ନଷ୍ଟ। ରାଜ୍ୟ ପୋଲିସ୍, ଅବକାରୀ ବିଭାଗ, ରାଜସ୍ୱ ବିଭାଗ ପକ୍ଷରୁ ମିଳିତ ଭାବେ ଗଞ୍ଜେଇ ନଷ୍ଟ କରିବା ନେଇ ଗଠନ କରାଯାଇଛି ଯୁଗ୍ମ ଟାସ୍କଫୋର୍ସ। ରାଜ୍ୟର ୯ ଜିଲାରେ ବହୁଳ ମାତ୍ରାରେ ଗଞ୍ଜେଇ ଚାଷ କରାଯାଉଥିବା ରିପୋର୍ଟ କହୁଛି। ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି, କନ୍ଧମାଳ, ବୌଦ୍ଧ, ଗଞ୍ଜାମ, ନବରଙ୍ଗପୁର ଓ ମୟୂରଭଞ୍ଜ ଜିଲାରେ ବହୁଳ ପରିମାଣରେ ବେଆଇନ ଗଞ୍ଜେଇ ଚାଷ କରାଯାଉଥିବା ରାଜ୍ୟ ପୋଲିସ ଜାଣିବାକୁ ପାଇଛି।। ଯେଉଁଥିପାଇଁ ନୂଆ ଟେକ୍ନୋଲୋଜି ସାହାଯ୍ୟରେ ଆରମ୍ଭ ହୋଇଛି ଗଞ୍ଜେଇ ଚାଷ ନଷ୍ଟ ଅଭିଯାନ। ଡ୍ରୋନ ସହ ସାଟେଲାଇଟ ଚିତ୍ର ସାହାଯ୍ୟରେ ଗଞ୍ଜେଇ ଚାଷର ବିନାଶ ଆରମ୍ଭ କରିଛି ଓଡିଶା ପୋଲିସ।

ନଭେମ୍ବର ୧ ତାରିଖରୁ ଆଜି ଭିତରେ ୨୩୭୫ ଏକର ଜମିରୁ ଗଞ୍ଜେଇ ଚାଷ ନଷ୍ଟ ହୋଇଥିବା ବେଳେ ୨୮ ଲକ୍ଷରୁ ➩ପୃଷ୍ଠା-୬

## ବିରଜା ମନ୍ଦିର ସୌନ୍ଦର୍ଯ୍ୟକରଣ ଠିକ୍ ସମୟରେ ଶେଷ କର



ଭୁବନେଶ୍ୱର,୨୫।୧୧ (ସଂଚାର ବ୍ୟୁରୋ): ଯାଜପୁରର ବିରଜା କ୍ଷେତ୍ର କେବଳ ଓଡିଶାର ନୁହେଁ, ସାରା ଦେଶର ଏକ ଗୁରୁତ୍ୱପୂର୍ଣ୍ଣ ଶକ୍ତି ପୀଠ। ଓଡିଶାର ଜନସାଧାରଣଙ୍କ ଧାର୍ମିକ ଓ ଆଧ୍ୟାତ୍ମିକ ଚେତନାରେ ଏହା ଏକ ପ୍ରମୁଖ ତୀର୍ଥ କ୍ଷେତ୍ର । ମହାଭାରତ, ଆଦି ଶଙ୍କରାଚାର୍ଯ୍ୟଙ୍କ ଶକ୍ତି ପୀଠ ସ୍ତବ ଏବଂ ବାମନ ପୁରାଣରେ ମଧ୍ୟ ମା' ବିରଜାଙ୍କ ସମ୍ପର୍କରେ ବର୍ଣ୍ଣନା ରହିଛି। ନାଭି ଗୟା ଭାବରେ ବିରଜା ପୀଠର ରହିଛି ପ୍ରସିଦ୍ଧି। ମା' ବିରଜାଙ୍କ ପ୍ରତି ସାରା ଓଡିଶାର ଜନସାଧାରଣଙ୍କ ପ୍ରଗାଢ଼ ଭକ୍ତି ଓ ନିଷ୍ଠା ରହିଛି। ଏହି ପ୍ରାଚୀନ ପ୍ରସିଦ୍ଧ ଶକ୍ତି ପୀଠର ଉନ୍ନତୀକରଣ ଓ ସୌନ୍ଦର୍ଯ୍ୟକରଣ ପାଇଁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ପ୍ରତିଶ୍ରୁତିବଦ୍ଧ। ଏଥିପାଇଁ ମଞ୍ଜୁର କରାଯାଇଥିବା ପ୍ରକଳ୍ପଗୁଡ଼ିକର କାମ ଜାରି ରହିଛି। ଏହା ସହିତ ମନ୍ଦିରର ସର୍ବାଙ୍ଗୀନ ବିକାଶ ପାଇଁ ଆବଶ୍ୟକ ପଡିଲେ ନୂତନ ➩ପୃଷ୍ଠା-୬

### ଟ୍ରେଣ୍ଡିଂ ନ୍ୟୁଜ୍

ବିଧାନସଭା ନିର୍ବାଚନରେ ଏମ୍‌ଭିଏର ଅତ୍ୟନ୍ତ ଖରାପ ପ୍ରଦର୍ଶନ କାରଣରୁ ନୈତିକତା ଦୃଷ୍ଟିରୁ ରାଜ୍ୟ କଂଗ୍ରେସ ମୁଖ୍ୟ ନାନା ପାଟୋଲଙ୍କ ଇସ୍ତଫା। ପାଟୋଲ ନିଜେ ଭାନ୍ଦ୍ରା ଜିଲ୍ଲା ସାକୋଲି ଆସନରୁ ମାତ୍ର ୨୦୮ ଖଣ୍ଡ ଭୋଟରେ ବିଜୟୀ ହୋଇଛନ୍ତି।

ସମ୍ବିଧାନର ପ୍ରସ୍ତାବନାରୁ ସାମାଜବାଦ ଓ ଧର୍ମନିରପେକ୍ଷ ଶବ୍ଦ ହଟାଇବା ପାଇଁ ଦାଏର ,କ ମାମଲାକୁ ସୁପ୍ରିମକୋର୍ଟ ସୋମବାର ଖାରଜ କରିଛନ୍ତି। ଏହି ମାମଲା ରାଜ୍ୟସଭାର ପୂର୍ବତନ ସଦସ୍ୟ ସୁବ୍ରମଣ୍ୟମ୍ ସ୍ୱାମୀ, ଆଇନଜୀବୀ ଅଶ୍ୱିନୀ ଉପାଧ୍ୟାୟ ଓ ବଳରାମ ସିଂହ ଦାଏର କରିଥିଲେ। ୧୯୭୬ରେ ଇନ୍ଦିରା ଗାନ୍ଧି ପ୍ରଧାନମନ୍ତ୍ରୀ ଥିବା ସମୟରେ ଏହି ଦୁଇ ଶବ୍ଦ ୪୨ ତମ ସଂଶୋଧନ ମାଧ୍ୟମରେ ସମ୍ବିଧାନରେ ସ୍ଥାନ ପାଇଥିଲା।

ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଛାତ୍ର ସଂଘ ନିର୍ବାଚନରେ ଏନ୍‌ଏସ୍‌ୟୁଆଇ ଓ ଏବିଭିପି ମଧ୍ୟରେ କଡ଼ା ଟକ୍କର। ଏନ୍‌ଏସ୍‌ୟୁଆଇପ୍ରାର୍ଥୀ ସଭାପତି ଓ ଯୁଗ୍ମ ସଂପାଦକ ଏବଂ ଏବିଭିପି ଉପସଭାପତି ଓ ସଂପାଦକ ପଦ ହାତେଇଲେ। କୋର୍ଟ ନିର୍ଦ୍ଦେଶରେ ନିର୍ବାଚନ ଫଳାଫଳ ସ୍ଥଗିତ ଥିଲା।

ୟୁକ୍ରେନସ୍ଥିତ ମାଇକେଲେଭ୍‌ର ଦକ୍ଷିଣାଞ୍ଚଳରେ ଥିବା ଶକ୍ତି ଭିତ୍ତିଭୂମି ଉପରେ ରୁଷିଆର ପ୍ରଚଣ୍ଡ ଆକ୍ରମଣ। ଫଳରେ ସଂପୃକ୍ତ ଅଞ୍ଚଳରେ ଗତ ରାତିରୁ ବିଦ୍ୟୁତ୍ ଯୋଗାଣ ବନ୍ଦ ହୋଇଥିବା ସୋମବାର ସରକାରୀ ଭାବେ ସୂଚନା ଦିଆଯାଇଛି।

ଗ୍ରାହକଙ୍କ ତଥ୍ୟ ଜଚାରି ହୋଇଥିବା ଏଚ୍‌ଡିଏଫ୍‌ସି ଲାଇଫ୍ ପକ୍ଷରୁ ସୂଚନା। ଘଟଣାର ବିଧିବଦ୍ଧ ତଦନ୍ତ ଦିଆଯାଇଥିବା ନେଇ ଏଚ୍‌ଡିଏଫ୍‌ସି ପକ୍ଷରୁ ସୂଚନା।

ତଟରକ୍ଷୀ ବାହିନୀ ଆଣ୍ଡାମାନରେ ଏକ ମାଛଧରା ଡଙ୍ଗାରୁ ୫ ଟନ ଡ୍ରଗ୍ସ ଜବତ କରିଛି। ଏହା ଚାଲାଣ କରାଯିବା ବେଳେ ଧରାପଡ଼ିଥିଲା।



### କାନ ଡେରିଥା

ଲିକୁ ଆଉ ଲଲ ଲଢ଼େଇ ଭିତରେ
ପୁଲିସ ବାଲାଏ ବଳି
ଯେଉଁ ଶଂଖବାଲା ପୁଲିସ ବଳରେ
ହୋଇଥିଲେ ମହାବଳୀ
ସେଇମାନେ ଏବେ ଶାସକ ଚାପାରେ
ପୁଲିସ ହାତରେ ବଳି

## ଅରୁଣ ହୋଇପାରନ୍ତି ଓଡ଼ିଶାର ଏକନାଥ ସିନ୍ଦେ

**ଅତ୍ୟଧିକ ଭଲ ପାଇବାର ସାଇଡ ଇଫେକ୍ଟ**



ଭୁବନେଶ୍ୱର,୨୫।୧୧(ସଂଚାର): ବିଧାନସଭାର ଲମ୍ବା ଅଧିବେଶନ ପୂର୍ବରୁ ସରକାର ବିରୁଦ୍ଧରେ ରଣ ହୁଙ୍କାର ଦେଇଛନ୍ତି ନୟାଗଡ଼ ବିଜେଡି ବିଧାୟକ ଡକ୍ଟର ଅରୁଣ ସାହୁ। କଥାରେ କଥାରେ ସେ ବିଜେଡିକୁ କେତେ ଭଲ ପାଆନ୍ତି ତାହାର ଇସାରା ବି ଦେଇଛନ୍ତି। ହେଲେ ତାଙ୍କର ଏହି ଭଲପାଇବାରେ ସତରେ ଭଲ ରହିଛି ନା ମହାରାଷ୍ଟ୍ରର ଏକାନଥ ସିନ୍ଦେଙ୍କ କାର୍ଯ୍ୟକଳାପ ରହିଛି ତାହାକୁ ନେଇ ଏବେ ଆଲୋଚନା।

ଅରୁଣ କହିଛନ୍ତି, ବିଧାନଭାରେ ବିଜେଡି ଲୋକଙ୍କ ସ୍ୱର ହେବ। ଗୃହ ଭିତରେ ଲଢେଇ କରିବ। ପ୍ରସଙ୍ଗ ମାଳ ମାଳ ରହିଛି, ତେଣୁ ସରକାରଙ୍କୁ ଘେରାଯିବ। ହେଲେ ଅରୁଣଙ୍କର ଏହିସବୁ କଥା କେତେ ଅନ୍ତରର ତାହାକୁ ନେଇ ତର୍ଜମା ଚାଲିଛି। କାରଣ ବିଜେଡି ସରକାରରୁ ବିଦା ହେବାପରଠାରୁ ଦଳରେ ଅରୁଣ ଏକ ପ୍ରକାର ଅଣଦେଖା। ବିଜେଡି ରଣନୀତିକାରମାନେ ହାରୁଙ୍କ ହାତରେ ପଛେ ଦାୟିତ୍ୱ ଦେଉଛନ୍ତି ହେଲେ ଅରୁଣଙ୍କୁ ପଚାରୁ ନାହାନ୍ତି।


ଏବେ ଅରୁଣଙ୍କର ଏଭଳି କଥା ଶୁଣି ଲୋକଙ୍କର ମହାରାଷ୍ଟ୍ରର ଏକନାଥ ସିନ୍ଦେଙ୍କ କଥା ମନେ ପଡୁଛି। ସିନ୍ଦେ ବି ଦିନେ ଶିବସେନାର ଆଗଧାଡିର ସୈନିକ ହୋଇ ଲଢୁଥିଲେ। ଶିବସେନାକୁ ସିନ୍ଦେଙ୍କ ଭଲ ପାଇବା ଆଗରେ ଅନ୍ୟମାନେ ଫିକା ପଡ଼ିଯାଉଥିଲେ। କିନ୍ତୁ ଯେତେବେଳେ କ୍ଷମତା ହାତେଇବାର ସୁଯୋଗ ମିଳିଲା ସେତେବେଳେ ଟିମ୍ ସହିତ ଛୁ'ମାରି ମହାରାଷ୍ଟ୍ରର ମୁଖ୍ୟମନ୍ତ୍ରୀ ହୋଇଗଲେ। ଯାହା କେହି କଳ୍ପନା ସୁଦ୍ଧା କରି ନ ଥିଲେ ସିନ୍ଦେ ତାହା କରି ଦେଖାଇଦେଲେ। ଅବଶ୍ୟ ସିନ୍ଦେଙ୍କର ରାଜନୈତିକ କ୍ୟାରିଅର ବେଶ୍ ସଂକ୍ଷିପ୍ତ ଥିବାବେଳେ ଅରୁଣଙ୍କର କ୍ୟାରିଅର ବେଶ୍ ଲମ୍ବା।

ଅରୁଣଙ୍କର କେବଳ ଲମ୍ବା ରାଜନୈତିକ କ୍ୟାରିଅର ନୁହେଁ, ନିର୍ବାଚନ ପରବର୍ତ୍ତୀ ସ୍ଥିତିରେ ତାଙ୍କ ସହିତ ବିଜେଡିର ଗୋଟିଏ ବଡ ଟିମ୍ ରହିଥିବା ନେଇ ଚର୍ଚ୍ଚା ହେଉଛି। ବିଶେଷକରି ଯେଉଁମାନେ ଏଠାରେ କ୍ରୀତଦାସଙ୍କ ଭୟଙ୍କର ଖେଳରେ ଅଣନିଃଶ୍ୱାସୀ ହୋଇଗଲେଣି ସେମାନେ ଏବେ ଆଶ୍ରା ଖୋଜୁଛନ୍ତି। ଅରୁଣଙ୍କ ଭଳି ଯୁବ ଓ ଚତୁର ନେତା ସେମାନଙ୍କ ପାଇଁ ଆଶାବାଡି ପାଲଟିଲେ ସେଥିରେ କିଛି ଆଶ୍ଚର୍ଯ୍ୟ ହେବାର ନାହିଁ।

ଗତ କିଛିଦିନ ହେଲା ଦଳ ଭାଙ୍ଗିବାକୁ ନେଇ ବିଜେଡି ବିଜେପି ଯେଭଳି ତୁ ତୁ ମେଁ ମେଁ ହେଉଛନ୍ତି ସେଥିରେ କିଏ କେତେବେଳେ ଯେ ଏକନାଥ ସିନ୍ଦେ ଅବତାର ନ ଧରିବ ତାହା କହିହେବ ନାହିଁ ବୋଲି ରାଜନୈତିକ ପଣ୍ଡିତମାନେ ଆଶଙ୍କା କରୁଛନ୍ତି। କାରଣ ଜାତୀୟ ରାଜନୀତିର ପୋଖତ ଖେଳୁଆଡ ବିଜେପି ପାଇଁ ଏହା ବାମ ହାତର କାମ। ତେଣୁ ବିଜେଡିରେ କୋଣଠେସା ହେବା ସହିତ କ୍ରୀତଦାସଙ୍କ ବିରୁଦ୍ଧରେ ମେଳି କରିଥିବା ବିଧାୟକମାନେ ଯେ କୌଣସି ➩ପୃଷ୍ଠା-୬

## ଅଙ୍ଗଦାନ କଲେ ଯୁବ ସାମ୍ବାଦିକ

**କେନ୍ଦ୍ରାପଡ଼ା, ୨୫।୧୧ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲା ପାଟକୁରା ଅଞ୍ଚଳର ଯୁବ ସାମ୍ବାଦିକ ତଥା ଚୌଦାବିଶ ବୁଙ୍କ ଇନ୍ଦାଳ ପଞ୍ଚାୟତ ଅଡ଼ଙ୍ଗା ଗ୍ରାମର ଦୟାନିଧି ମିଶ୍ର ଓ ମାନସୀ ମିଶ୍ରଙ୍କ ବଡ଼ପୁଅ ପ୍ରତୀକ ମିଶ୍ର ତାଙ୍କର ଶରୀର ଦାନ କରିଛନ୍ତି। ଶ୍ରୀ ମିଶ୍ର ଗତ ଶୁକ୍ରବାର କଟକ ବାଲିଯାତ୍ରା ପଡ଼ିଆରେ ବ୍ୟବସାୟୀ ସଂଘ ପକ୍ଷରୁ ଆୟୋଜିତ ଶରୀର ଦାନ ଶିବିରରେ ପହଞ୍ଚି ସ୍ୱତଃପ୍ରବୃତ୍ତ ଭାବେ ତାଙ୍କର ତାଙ୍କର ଶରୀର ଦାନ କରିବା ପାଇଁ ଅଙ୍ଗୀକାର କରିଛନ୍ତି । ପ୍ରତୀକ ଏବେ ଘରୋଇ ଟିଭି ଗଣମାଧ୍ୟମ ପାଟକୁରା ପ୍ରତିନିଧି ଭାବେ କାର୍ଯ୍ୟ କରୁଛନ୍ତି। ନିଜର ଶରୀର ଦାନ ପରେ ପ୍ରତୀକ କହିଛନ୍ତି ଆମେ ଆମ ଜୀବନ କାଳ ମଧ୍ୟରେ ଲୋକମାନଙ୍କ ଉପକାର କରୁଥିବା ବେଳେ ମୃତ୍ୟୁ ପରେ ମୋର ଶରୀର ଯଦି ଡାକ୍ତରୀ ଛାତ୍ର ଛାତ୍ରୀ ମାନଙ୍କ କାମରେ ଲାଗିବ ସେଥିଲାଗି ମୁଁ ଖୁସି ହେବି ।



## ଅଗ୍ନି ବିପନ୍ନଙ୍କୁ ବିଧାୟକ ଓ ସାଂସଦଙ୍କ ସହାୟତା



**ମହାକାଳପଡ଼ା, ୨୫।୧୧ (ସଂଚାର ବ୍ୟୁରୋ):** ମହାକାଳପଡ଼ା ବ୍ଲକ ବରକନ୍ଦା ପଞ୍ଚାୟତର ଗୋଖାଖଟି ଗ୍ରାମର ଗୟାଧର ସ୍ୱାଇଁଙ୍କ ଗୁହାଳ ଓ ଘରେ ଗତ ରବିବାର ସଂଧ୍ୟା ପ୍ରାୟ ୮ ଘଟିକା ସମୟରେ ହଠାତ ନିଆଁ ଲାଗି ଜଳି ଯାଇଛି। ଅଗ୍ନିକାଣ୍ଡରେ ଘରର ସମସ୍ତ ଜିନିଷ ପତ୍ର ସହିତ ଧାନ, ଚାଉଳ, ଲୁଗାପଟା, ଟଙ୍କା ଆଦି ଜଳି ପୋଡ଼ି ପାଉଁଶ ହୋଇଯାଇଛି। ଏହି ଘଟଣା ଜାଣିବା ପରେ ମହାକାଳପଡ଼ା ବିଧାୟକ ଙ୍କ ତରଫରୁ ପ୍ରଶାନ୍ତ ସେଠୀ, ରଞ୍ଜନ ଚୌଧୁରୀ, ସୁକାନ୍ତ ସ୍ୱାଇଁ, ତ୍ରିଲୋଚନ ରାଉତ, ସୁଧାଂଶୁ ପ୍ରଧାନ, ଚନ୍ଦ୍ରକାନ୍ତ ସ୍ୱାଇଁ ଆଦି ଅଗ୍ନି ବିପନ୍ନଙ୍କ ଭେଟି ରିଲିଫ ସାମଗ୍ରୀ ଓ କେନ୍ଦ୍ରାପଡ଼ା ସାଂସଦଙ୍କ ତରଫରୁ ପାଲ, ଆର୍ଥିକ ସହାୟତା ଯୋଗାଇ ଦେଇଛନ୍ତି।

## ସମାଜସେବୀ ବିଘ୍ନେଶ ସେଠୀ ସମ୍ମାନୀତ

**ମହାକାଳପଡ଼ା, ୨୫।୧୧ (ସଂଚାର ବ୍ୟୁରୋ):** ଯୁବ ସମାଜସେବୀ ତଥା ସାମ୍ବାଦିକ ବିଘ୍ନେଶ ସେଠୀଙ୍କୁ ସମ୍ବବ ଚାରିଟେବୁଲ ଟ୍ରଷ୍ଟ ତରଫରୁ ସମ୍ବର୍ଦ୍ଧିତ କରାଯାଇଛି। ଟ୍ରଷ୍ଟର ପଞ୍ଚମ ବାର୍ଷିକ ଉତ୍ସବରେ ବିଘ୍ନେଶଙ୍କୁ ସମ୍ବର୍ଦ୍ଧନା କରିଛନ୍ତି ଟ୍ରଷ୍ଟର ସଦସ୍ୟ। ବିଘ୍ନେଶ ଜଣେ ପରୋପକାରୀ ମଣିଷ । ମହାକାଳପଡ଼ା ବ୍ଲକ ଦେଉଳ ପଡା ପଞ୍ଚାୟତର ଚଣ୍ଡିଆପଲ୍ଲୀ ଗ୍ରାମରେ ବିଘ୍ନେଶଙ୍କ ଘର। ସାଧାରଣ ଲୋକଙ୍କ ସମସ୍ୟା ସମାଧାନ ପାଇଁ ପ୍ରୟାସ କରି ଆସୁଥିବା ବିଘ୍ନେଶ ବନ୍ୟା, ବାତ୍ୟା, ମେଡିକାଲ୍ ସହଯୋଗ ଆଦି କାର୍ଯ୍ୟ ରେ ସଦାସର୍ବଦା ନିୟୋଜିତ କରିଥାନ୍ତି। ତାଙ୍କର ସେବା ଓ ନିଷ୍ଠାପର କାର୍ଯ୍ୟ ପାଇଁ ତାଙ୍କୁ ଏହି ସମ୍ବର୍ଦ୍ଧନା କରାଯାଇଛି।



ରାସ୍ତା ମଝିରେ ବିପଦ

# ବିଦ୍ୟୁତ୍ ଖୁଣ୍ଟ ପାଇଁ ଦୈନିକ ଘଟୁଛି ଦୁର୍ଘଟଣା

**କେନ୍ଦ୍ରାପଡା, ୨୫।୧୧ (ସଂଚାର ବ୍ୟୁରୋ):** ବର୍ତ୍ତମାନ କେନ୍ଦ୍ରାପଡା ସହରରେ ପ୍ରାୟ ବିଭିନ୍ନ ସ୍ଥାନ ସହ ଛକ ବଜାର ନିକଟରେ ବିଦ୍ୟୁତ୍ ଖୁଣ୍ଟ ଗୁଡିକ ରାସ୍ତାର ୪-୫ଫୁଟ ମଧ୍ୟରେ ଥିବାରୁ ନିୟମିତ ଦୁର୍ଘଟଣା ଘଟୁଥିବା ନଜରକୁ ଆସୁଛି । ରାସ୍ତା ମଧ୍ୟରେ ବିଦ୍ୟୁତ୍ ଖୁଣ୍ଟ ଥିବା ଯୋଗୁଁ ଏହି ବାହାନାରେ ଅଧିକାଂଶ ଦୋକାନୀ, ବ୍ୟବସାୟୀ ଓ ଘର ମାଲିକ ମାନେ ନିଜର ଘର ଛାତ, ବାରଣ୍ଡା ରାସ୍ତା ମଧ୍ୟକୁ ବଢ଼ାଇଛନ୍ତି । ଯାହା ଦ୍ୱାରାକି ପ୍ରଶାସନ ଏମାନଙ୍କର ଜବରଦଖଲ ହଟାଇଲେ ମଧ୍ୟ ରାସ୍ତା ମଝିରୁ ବିଦ୍ୟୁତ୍ ଖୁଣ୍ଟ ଗୁଡିକ ନ ଉଠିବାରୁ ସେମାନେ ପୁନର୍ବାର ଏହି ବ୍ୟବସାୟୀ ଓ ଦୋକାନୀମାନେ ଆଉଥରେ ସୁଯୋଗ ପାଇ ଜବର ଦଖଲ କରି ଚାଲିଛନ୍ତି ।

କେନ୍ଦ୍ରାପଡା ପୌରସଂସ୍ଥା ସାମ୍ନା ପୁରୁଣା ବସଷ୍ଟାଣ୍ଡ ଠାରୁ ହାଇସ୍କୁଲ ଛକ ପର୍ଯ୍ୟନ୍ତ ଥିବା ମୁଖ୍ୟ ରାସ୍ତା କଡରେ ଟ୍ରେଜେରୀ ଅଫିସ ନିକଟରେ ୨ଟି ବିଦ୍ୟୁତ୍ ଖୁଣ୍ଟ ରାସ୍ତାର ୧୦ ଫୁଟ ଉପରେ ଥିବାରୁ ପ୍ରାୟ ସବୁଦିନ ଟ୍ରାଫିକ ସମସ୍ୟା ଦେଖାଦେବା ସହ ଯାତାୟତ କରୁଥିବା ଲୋକମାନେ ସେହି ବିଦ୍ୟୁତ୍ ଖୁଣ୍ଟରେ ବାଡେଇ ହୋଇ ଦୁର୍ଘଟଣାରେ ସମ୍ମୁଖୀନ ହେଉଛନ୍ତି । ଏଥି ସହିତ ଡ୍ରେନ ଉପରେ ବସୁଥିବା ନିରିହ କ୍ଷୁଦ୍ର ବ୍ୟବସାୟୀଙ୍କୁ ସେଠାରୁ ଉଠାଇ ଦେଲେ ମଧ୍ୟ କୌଣସି ଲାଭ ହୋଇ ନଥିବା ସାଧାରଣରେ ଆଲୋଚନା ହେଉଛି । ତୁରନ୍ତ ଏହି ରାସ୍ତା ଉପରେ ଥିବା ବିଦ୍ୟୁତ୍ ଖୁଣ୍ଟକୁ ଉଠାଇବା ପାଇଁ ସାଧାରଣରେ ଦାବି ହେଉଛି ।



## ଜିଲ୍ଲା ସ୍ତରରେ ପାଳନ ହେବ
# ଗୁରୁଚରଣ ଦାସଙ୍କ ସ୍ମୃତି ସଭା

**କେନ୍ଦ୍ରାପଡା, ୨୫।୧୧ (ସଂଚାର ବ୍ୟୁରୋ):** ବରିଷ୍ଠ ରାଜନେତା ତଥା ସାମ୍ବାଦିକ ସ୍ୱର୍ଗତଃ ଗୁରୁଚରଣ ଦାସଙ୍କ ୧୪ତମ ବାର୍ଷିକ ସ୍ମୃତିସଭା କେନ୍ଦ୍ରାପଡା ସଦର ମହକୁମା ରେ ଜିଲ୍ଲା ସ୍ତରରେ ପାଳନ କରାଯିବ । ଏନେଇ ସୋମବାର ସ୍ୱର୍ଗତଃ ଗୁରୁଚରଣ ଦାସ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ନିଷ୍ପତି ନିଆଯାଇଛି । ସହରର ସାନ୍ତସାହି ଠାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଡିସେମ୍ବର ୮ ତାରିଖରେ ପାଳନ ହେବାକୁ ଥିବା ଏହି ସ୍ମୃତିସଭା ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମ ର ଯୋଜନା କରାଯାଇଛି। ମାନ୍ୟବର ବାଚସ୍ପତି ସୁରମା ପାଢ଼ୀ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ପ୍ରମୁଖ ମୁଖ୍ୟ ଅତିଥି ଭାବେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ଏହି ପ୍ରସ୍ତୁତି ବୈଠକରେ ଆଇନଜୀବି ସଂଜୟ କୁମାର ପତ୍ରୀ, ବୈଦନାଥ ଚାଟାର୍ଜୀ, ସୁନାକର ବେହେରା, ସାମ୍ବାଦିକ ଯଶୋବନ୍ତ ଦାସ, ଅଶୋକ କୁମାର ସ୍ୱାଇଁ, ବିରଂଚି ନାରାୟଣ ଦାସ, ସଚ୍ଚିଦାନନ୍ଦ ବେହେରା, କରୁଣାକର ସାହୁ, ଆଇନଜୀବି ସମର କେଶରୀ ମହାପାତ୍ର, ନୃସିଂହ ପତ୍ରୀ, ରାଜ କିଶୋର ରାଉତରାୟ, ଉପୀନ ରାଉତ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ସଂପର୍କରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ ।



# ଯାଜପୁର ସହରରେ ନାକା



**ଯାଜପୁର, ୨୫।୧୧ (ସଂଚାର ବ୍ୟୁରୋ):** ଯାଜପୁର ସହରରେ ଆଇନ୍ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହୋଇଛି। ତାହାକୁ ଆଖିଆଗରେ ରଖି ଯାଜପୁର ପୁଲିସ୍ ତରଫରୁ ସହରର ବିଭିନ୍ନ ଛକରେ ରାସ୍ତା ଅବରୋଧିତ କରାଯାଇଛି। ନକାବନ୍ଦୀ ସମୟରେ ବିଶେଷ କରି ତିନି ଜଣିଆ ବାଇକ ଚାଳନା ସହ ହେଲମେଟ ଯାଞ୍ଚ ଓ ବିନା ଲାଇସେନ୍ସ ରେ ଗାଡ଼ି ଚଳାଉଥିବା ମୋଟରସାଇକେଲ ଯାଞ୍ଚ ହୋଇଥିଲା। ସହରରେ ବିଶେଷ କରି ଏବେ ବିରଜା ମନ୍ଦିର, ହାଟ ଓ ବିଧାୟକ ଆକ୍ରମଣ ଘଟଣା ଯୋଗୁଁ ଅଶାନ୍ତ ହୋଇଛି । ଏହି ନାକାବନ୍ଦି ଦ୍ୱାରା ସହରରେ ଅସାମାଜିକ କାର୍ଯ୍ୟକଳାପ ଓ ନିଶା କାରବାର ଉପରେ ରୋକ ଲଗାଯିବ। ଏହି ନାକବନ୍ଦୀ ରେ ଆଇଆଇସି ଶରତ ପାତ୍ର ନେତୃତ୍ୱରେ ଯାଜପୁର ଥାନାର କର୍ମଚାରୀଙ୍କ ସହ ଦୁଇ ପ୍ଲାଟୁନ ଫୋର୍ସ ନିୟୋଜିତ ଥିଲେ।

# ଲିଙ୍ଗଭିତ୍ତିକ ହିଂସା ବିରୋଧରେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ

**କେନ୍ଦ୍ରାପଡା, ୨୫।୧୧ (ସଂଚାର ବ୍ୟୁରୋ):** ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗର ନିର୍ଦ୍ଦେଶ ମତେ ଜିଲ୍ଲା ସ୍ତରୀୟ ଲିଙ୍ଗ ଭିତ୍ତିକ ହିଂସା ବିରୋଧରେ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ଜିଲ୍ଲାପାଳ ସ୍ମୃତି ରଂଜନ ପ୍ରଧାନଙ୍କ ଅନୁମୋଦନ କ୍ରମେ ସୋମବାର ଅପରାହ୍ନରେ ଜିଲ୍ଲା କାର୍ଯ୍ୟାଳୟ ସଦ୍ଭାବନା ସଭା ଗୃହରେ ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଶୁଭାରମ୍ଭ କରାଯାଇଛି ।



ଏଥିରେ ଏଲସିସି କମିଟିର ଅଧ୍ୟକ୍ଷା ଆଇନଜୀବି ତମସା ପାତ୍ର, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁ , ଜିଲ୍ଲା ସମାଜ ସୁରକ୍ଷା ଅଧିକାରୀ ମନୋରମା ସ୍ୱାଇଁ, ଜିଲ୍ଲା ସଂଯୋଜିକା ଅମିତା ସିଂହ , କୈଶୋର ସଶକ୍ତିକରଣ ୱାନଷ୍ଟପ ସେଣ୍ଟର ର ମୁଖ୍ୟ, ଚାଇଲ୍ଡ ହେଲ୍ପଲାଇନର ଜିଲ୍ଲା ସଂଯୋଜିକା, ଜିଲ୍ଲାର ସମସ୍ତ ଶକ୍ତ ସଦନର କର୍ମକର୍ତ୍ତା, ୯ଗୋଟି ବ୍ଲକର ସିଡିପିଓ, ଅଙ୍ଗନୱାଡି ସୁପର ଭାଇଜର, ଜିଲ୍ଲାରେ ଶିଶୁ ସୁରକ୍ଷା କାର୍ଯ୍ୟରେ ନିୟୋଜିତ ପଲ୍ଲିଶ୍ରୀ, ଭାରତ ଓ ରେସ୍ପା ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ଏବଂ ଶକ୍ତି ସଦନର ଅନ୍ତେବାସୀ, ଜିଲ୍ଲା ସ୍ତରୀୟ କାର୍ଯ୍ୟାଳୟ ର ମହିଳା କର୍ମଚାରୀ ଓ କୀଶୋରୀ ମାନେ ଉପସ୍ଥିତ ଥିଲେ। ଲିଙ୍ଗ ଭିତ୍ତିକ ହିଂସାକୁ ରୋକିବା ନିମନ୍ତେ ସମସ୍ତ ଯୋଜନାର ସୁଧୁର ପ୍ରସାରୀ ପ୍ରଚାର ପ୍ରସାର କରି ଜିଲ୍ଲାକୁ ଲିଙ୍ଗ ଭିତ୍ତିକ ହିଂସାକୁ ରୋକିବାକୁ ଆଲୋଚନା କରା ଯାଇଥିଲା । ସମାଜ ମଙ୍ଗଳ ଅଧିକାରୀ ମନୋରମା ସ୍ୱାଇଁ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ କାର୍ଯ୍ୟକ୍ରମ ସଂପର୍କରେ ତଥ୍ୟ ରଖିଥିଲେ । ଜିଲ୍ଲାରେ ଏହି କାର୍ଯ୍ୟକ୍ରମଟି ୧୬ ଦିନ ଧରି ପ୍ରତ୍ୟେକ ୯ଗୋଟି ବ୍ଲକ ଓ ପୌରାଂଚଳର ସବୁ ସ୍ତରରେ ସଚେତନ କରିବା ପାଇଁ ନିଷ୍ପତି ନିଆଯାଇଛି ।

ଅଗ୍ନିକାଣ୍ଡରେ ଜଳିଗଲା ଦୋକାନ ଓ ଘର

# ଆର୍ଥିକ ସହାୟତା ଯୋଗାଇ ଦେଲେ ୟୁଥ୍ ଗ୍ରୁପ୍

**ମହାକାଳପଡ଼ା, ୨୫।୧୧ (ସଂଚାର ବ୍ୟୁରୋ):** ସୋମବାର ସକାଳ ସମୟରେ ମହାକାଳପଡ଼ା ବ୍ଲକ ବିଜୟନଗର ଗ୍ରାମର ଏକ ଦୋକାନରେ ଅଗ୍ନିକାଣ୍ଡ ଘଟି ସବୁକିଛି ଜଳି ପୋଡ଼ି ପାଉଁଶ ହୋଇଯାଇଛି। ସୂଚନା ମୁତାବକ ସ୍ୱର୍ଗତ ଅର୍ଜୁନ କୁମାର ସାହୁଙ୍କ ପତ୍ନୀ ଜ୍ୟୋସ୍ନାରାଣି ସାହୁ ଜଣେ ଭୂମିହୀନ ଓ ଅସହାୟ ମହିଳା। ସ୍ଥାନୀୟ ବଜାର ନିକଟରେ ଏକ ଦୋକାନ କରି ନିଜର ଗୁଜୁରାଣ ମେଣ୍ଟାଇ ଆସୁଥିଲେ। ଯେହେତୁ ତାଙ୍କର ଘର ନଥିଲା ସେହି ଦୋକାନରେ ସେ ଦୋକାନ ସହିତ ନିଜେ ମଧ୍ୟ ରହୁଥିଲେ। ଆଜି ସକାଳୁ ସେ ଦୋକାନରେ ଧୂପ ଦେଇ ମନ୍ଦିର ଦର୍ଶନ ଆସିଥିଲେ। ହଠାତ୍ ଦୋକାନ ଘରେ ନିଆଁ ଲାଗିଯାଇଥିଲା। ନିଆଁ ରେ ଦୋକାନ ସମେତ ସବୁ ଜିନିଷପତ୍ର, ଲୁଗାପଟା, ଟଙ୍କା ପଇସା, ସୁନା, ଫ୍ରିଜ୍ ଆଦି ଲକ୍ଷାଧିକ ଟଙ୍କାର ଆସବାବପତ୍ର ଜଳି ପୋଡ଼ି ପାଉଁଶ ହୋଇଯାଇଛି।

ଏହି ଘଟଣା ଜାଣିବା ପରେ ମହାକାଳପଡ଼ା ୟୁଥ୍ ଗ୍ରୁପ୍ ପରିବାର ତରଫରୁ ମମତା ପ୍ରତିହାରୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଅଗ୍ନିକାଣ୍ଡ ଘଟଣାରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହିତ ସମବେଦନା ଜଣାଇଥିଲେ। ମହାକାଳପଡ଼ା ୟୁଥ୍ ଗ୍ରୁପ୍ ସଦସ୍ୟ ଚିତ୍ତରଞ୍ଜନ ଦାସ ଅଗ୍ନିକାଣ୍ଡ ପରିବାର ପାଇଁ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଚିତ୍ତରଞ୍ଜନ ମଲ୍ଲିକ, ପ୍ରଦ୍ୟୁମ୍ନ ସ୍ୱାଇଁ, ଚିତ୍ତରଞ୍ଜନ ସେଠୀ,କାହ୍ନା ସାହାଣୀ, ରଞ୍ଜନ ପ୍ରତିହାରୀ ପ୍ରମୁଖ ଉପସ୍ଥିତ ଥିଲେ। ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ମହାକାଳପଡ଼ା ୟୁଥ୍ ଗ୍ରୁପ୍ ପରିବାର ତରଫରୁ ଦାବି କରିଛନ୍ତି।



# ୧୪ଦିନ ପରେ ପୋଷ୍ଟମର୍ଟମ ହେଲା ନାବାଳକର ଶବ

**ରାଜକନିକା, ୨୫।୧୧ (ସଂଚାର ବ୍ୟୁରୋ):** ରାଜକନିକା ଥାନା ଅନ୍ତର୍ଗତ ଦେଉଳସାହି ଗାଁରେ ଦେଖିବାକୁ ମିଳିଛି ଏଭଳି ଘଟଣା ସେଇ ଗାଁର ସୁଜିତି ବେହୁରାଙ୍କ ନାଁବାଳକ ପୁଅ ଯେ କି କେନ୍ଦ୍ରାପଡା ଆଦର୍ଶ ବିଦ୍ୟାଳୟର +୨ ଦ୍ୱିତୀୟ ବର୍ଷ ବାଣୀଜ୍ୟ ଛାତ୍ର ଥିଲେ। ଗତ୧୨ତାରିଖ ରାତିରେ ବେକରେ ରାଶିଲଗାଇ ଆତ୍ମହତ୍ୟା କରିଥିଲେ। ହେଲେ ପରିବାର ଲୋକେ ପୁଅର ମୃତ୍ୟୁର କାରଣ ଜାଣି ନପାରି ସ୍ଥାନୀୟ ଗ୍ରାମର ମୁରବିଙ୍କ ପରାମର୍ଶ କ୍ରମେ ମୃତ ଦେହକୁ ପୋତି ଦେଇଥିଲେ। ପରବର୍ତ୍ତୀ ସମୟରେ ମୃତ ନାବାଳକର ମୋବାଇଲର ଲକ ଖୋଲିବା ପରେ, ପ୍ରେମ ସମ୍ପର୍କକୁ ନେଇ ନାବାଳକର ମୃତ୍ୟୁ ହୋଇଥିବା ପରିବାର ଲୋକେ ଜାଣିବାକୁ ପାଇଥିଲେ। ଏନେଇ ଗତକାଲି ରାଜକନିକା ଥାନାରେ ମୃତ ନାବାଳକର ମାଆ ସେହି ଗାଁର ସମ୍ପୃକ୍ତ ପ୍ରେମିକାର ମା ଲିଜାରାଣୀ ନାଥ, ସ୍ୱାମୀ ସୁଶାନ୍ତ ନାଥ, ଝିଅ ସ୍ନେହାଶ୍ରୀ ନାଥ ଓ ଜେଜେ ବାପା ବଂଶୀଧର ନାଥଙ୍କ ନାମରେ ଏତଲା ଦେଇଥିଲେ।

ଏତଲାକୁ ଆଧାରକରି ଆଜି ରାଜକନିକା ପୋଲିସ, ସାଇଣ୍ଟିଫିକ ଟିମ, କନିକା ତହସିଲଦାର ଅଶୋକ କୁମାର ଦେହୁରୀ, ଡାକ୍ତର ବାଦଲ କୁମାର ମହାନ୍ତି ଘଟଣାସ୍ଥଳରେ ପହଁଚି ମୃତଦେହକୁ ଜବତକରି ପୋଷ୍ଟମର୍ଟମ କରିବା ପରେ ପୋଲିସ ଏହି ଘଟଣାକୁ ଗୁରୁତର ସହିତ ନେଇ ତଦନ୍ତ ଆରମ୍ଭ କରିଥିବା ସୂଚନା ରହିଛି।



# ଯାତ୍ରାରେ ଅଶ୍ଳୀଳତାକୁ ଯାତ୍ରା ମହାସଂଘର ବିରୋଧ

**କେନ୍ଦ୍ରାପଡା, ୨୫।୧୧ (ସଂଚାର ବ୍ୟୁରୋ):** ଯାତ୍ରାରେ ଅଶ୍ଳୀଳତା ଓ ଅଙ୍ଗ ପ୍ରଦର୍ଶନକୁ ବିରୋଧ ସହ ଏହାର ଦୃଢ଼ ପ୍ରତିବାଦ କରିଛି ଜିଲ୍ଲା ଯାତ୍ରା କମିଟି ସଂଘ । ଯାତ୍ରା ପରିବେଷଣ ସମୟରେ ଅଶ୍ଳୀଳତାକୁ ବାରଣ କରାଯିବା ସହ ଯାତ୍ରା କମିଟିମାନେ କିଭଳି ଭାବେ ଯାତ୍ରାପାର୍ଟି ମାଲିକଙ୍କ ଶୋଷଣର ଶିକାର ନହେବେ ସେ ନେଇ କେନ୍ଦ୍ରାପଡ଼ାରେ ଏକ ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ ଯାତ୍ରା ମହାସଂଘ ପକ୍ଷରୁ ଅନୁଷ୍ଠିତ ହୋଇଛି ।

ବର୍ତ୍ତମାନ ସମୟରେ ଅଧିକାଂଶ ସ୍ଥାନରେ ଯାତ୍ରାରେ ଅଶ୍ଳୀଳତା ନୃତ୍ୟ ପ୍ରଦର୍ଶନକୁ ନେଇ ଜନ ଅସନ୍ତୋଷ ବଢ଼ିବାରେ ଲାଗିଛି। ଯାହାକୁ ନେଇ ଲୋକେ ଏବେ ଯାତ୍ରାରୁ ମୁହଁ ଫେରାଇବାକୁ ବସିଲେଣି । ଅନ୍ୟପକ୍ଷେ ଏହାଦ୍ୱାରା ଓଡିଆ ଅସ୍ମିତାକୁ ମଧ୍ୟ କୁଠାରଘାତ କରାଯାଉଛି । ତେବେ ଓଡ଼ିଆ ଅସ୍ମିତାକୁ ବଞ୍ଚାଇବା ସହ ଯାତ୍ରାକୁ ବଞ୍ଚାଇ ରଖିବା ପାଇଁ ଆଗଭର ହୋଇଛି ରାଜ୍ୟ ଯାତ୍ରା କମିଟି ମହାସଂଘ । ୨୦୨୧ ମସିହାରେ ଗଠନ ହୋଇଥିବା ଏହି ସଂଘ ଅନେକ ସମୟରେ ଯାତ୍ରା ତଥା ଯାତ୍ରା କଳାକାରଙ୍କ ସ୍ୱାର୍ଥ ପାଇଁ ସ୍ୱର ଉଠାଇ ଆସିଛି । ମୁଖ୍ୟତଃ ଯାତ୍ରାରେ ଅଶ୍ଳୀଳତା ପ୍ରଦର୍ଶନ ଏବଂ କମିଟିମାନେ କିଭଳି ଶୋଷଣ ନହେବେ ସେ ନେଇ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ସଭାପତି ପ୍ରଦୀପ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲା କମିଟିର ନାରାୟଣ ସାହୁଙ୍କୁ ସଭାପତି ଭାବେ, ମହେନ୍ଦ୍ର ମହାପାତ୍ରଙ୍କୁ ସମ୍ପାଦକ ଭାବେ ଓ ବିରଜା ପ୍ରସନ୍ନ ପତିଙ୍କୁ ସଂଯୋଜକ ଭାବେ ମନୋନୀତ କରାଯାଇଛି । ଏହି ଅବସରରେ କୈଳାଶ ଚନ୍ଦ୍ର ମହାନ୍ତି ,ମାନସ ରଞ୍ଜନ ସାମନ୍ତ ,ଉମାକାନ୍ତ ମିଶ୍ର, କଳାକାହ୍ନୁ ମେହେର ପ୍ରମୁଖ ରାଜ୍ୟ ସ୍ତରୀୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।




# ଅଜଣା ରୋଗରେ ଛେଳି ମଡ଼କ, ଚିନ୍ତାରେ ଚାଷୀ

**କେନ୍ଦ୍ରାପଡ଼ା, ୨୫।୧୧ (ସଂଚାର ବ୍ୟୁରୋ):** କିଛିଦିନ ହେବ ଛେଳି ଏବଂ ମେଣ୍ଢା ଚାଷ କରି ଜୀବିକା ନିର୍ବାହ କରୁଥିବା ଚିନ୍ତାରେ ପଡିଛନ୍ତି । କାରଣ ସେମାନଙ୍କ ଗୃହ ପାଳିତ ପଶୁ ଅଜଣା ରୋଗରେ ଆକ୍ରାନ୍ତ ହୋଇ ଶତାଧିକ ସଂଖ୍ୟାରେ ମୃତ୍ୟୁବରଣ କରୁଛନ୍ତି । ସହ ସହ ଛେଳି ପାଳନ କରି ବଞ୍ଚୁଥିବା ଚାଷୀଙ୍କ ମୁଣ୍ଡରେ ଏବେ ଚଡ଼କ ପଡ଼ିଲାଣି। କାହିଁକି ନା ସେମାନଙ୍କ ଗୋଟିଏ ପରେ ଗୋଟିଏ ଛେଳି ଆଉ ମେଣ୍ଢାଙ୍କ ମୃତ୍ୟୁ ହୋଇଚାଲିଛି । ଏଭଳି ଘଟଣା ଗରଦପୁର ଏବଂ ମାର୍ଶାଘାଇ ବ୍ଲକ ଅଂଚଳରେ ଦେଖିବାକୁ ମିଳିଛି । ଏହି ଅଞ୍ଚଳର ଏକ ସପ୍ତାହ ମଧ୍ୟରେ ୧ ହଜାରରୁ ଉର୍ଦ୍ଧ୍ୱ ଛେଳି ମୃତ୍ୟୁବରଣ କରିଥିବା ସୂଚନା ମିଳିଛି । ସ୍ଥାନୀୟ ପଶୁ ଡାକ୍ତର ଏନେଇ କିଛି ଜାଣି ପାରୁନଥିବାରୁ ଅବସ୍ଥା ଦିନକୁ ଦିନ ସଙ୍ଗୀନ ହେବାରେ ଲାଗିଛି । ଛେଳି ଆଉ ମେଣ୍ଢା ମାଂସ ଲୋକେ ଖାଉନଥିବା ଦେଖିବାକୁ ମିଳିଛି । ଏହି ଅଜଣା ରୋଗ ଏବେ ଗାଁକୁ ଗାଁ ବ୍ୟାପିବାରେ ଲାଗିଛି ।

ଗତ କିଛଦିନ ମଧ୍ୟରେ ଗରଦପୁର ବ୍ଲକର ପଦ୍ମପୁର, କିଣିଲୋ, ବେରାଡ଼ି, ନୂଆପଡ଼ା, କଳାବୁଦା, ଭଦାଳ, ଟିକନପୁର ଏବଂ ମାର୍ଶାଘାଇ ଅଞ୍ଚଳର ଅନ୍ତେଇ,ବଟିରା, ମଙ୍ଗରାଜପୁର, ତାଳସଂଗା, ବେରୁଆଁ ଭଳି ଅଞ୍ଚଳରେ ଏହି ଅଜଣା ରୋଗ ବ୍ୟାପିବାରେ ଲାଗିଛି । ଏନେଇ ପ୍ରାଣୀ ଚିକିତ୍ସା ବିଭାଗ କୌଣସି ଠୋସ ପଦକ୍ଷେପ ଗ୍ରହଣ କରିନଥିବା ଅଭିଯୋଗ ହୋଇଛି ।

ସୂଚନା ମୁତାବକ, ପଦ୍ମପୁର ଅଞ୍ଚଳର ବାବାଜୀ ବାରିକଙ୍କ ୨୦ଟି ଛେଳି ଏବଂ ଗୋଟିଏ ବୋଦା ଅଜଣା ରୋଗରେ ଆକ୍ରାନ୍ତ ହୋଇଥିଲେ । ସ୍ଥାନୀୟ ପ୍ରାଣୀ ଚିକିତ୍ସାଳୟ ସହିତ ସେ ଯୋଗାଯୋଗ କରିଥିଲେ। ଅସୁସ୍ଥ ଛେଳିଙ୍କୁ ମଧ୍ୟ ଚିକିତ୍ସାଳୟ ନେଇଥିଲେ । ହେଲେ ସମସ୍ତ ଆକ୍ରାନ୍ତ ଛେଳିଙ୍କ ମୃତ୍ୟୁ ହୋଇଯାଇଥିଲା। ଏହି ଦୁଃଖରେ ବାବାଜି ଗୁରୁତର ହୋଇପଡ଼ିଲେ । ବର୍ତ୍ତମାନ ମେଡ଼ିକାଲରେ ରହି ସେ ଚିକିତ୍ସିତ ହେଉଛନ୍ତି। ସେହିପରି କିଣିଲୋ ମାନସୀ ସ୍ୱାଇଁଙ୍କ ୫ ଛେଳି ଅସୁସ୍ଥ ହୋଇପଡ଼ିଥିଲେ । ପରେ ସେମାନଙ୍କର ମୃତ୍ୟ ହୋଇଥିଲା। ସେହି ଅଞ୍ଚଳର ଗିରିଧାରୀ ନାୟକଙ୍କ ୭ ଛେଳି ଚରି ବୁଲି ଘରକୁ ଆସିଥିଲେ । ପ୍ରଥମେ ଗାଲ ଫୁଲିଯାଇଥିଲା । ପରେ ମଳତ୍ୟାଗ କରି ମୃତ୍ୟୁବରଣ କରିଥିଲେ । ବେରାଡ଼ି ସୁବାଷ ସାହୁଙ୍କ ୭ ଛେଳି ଅସୁସ୍ଥ ହେବା ପରେ ଛେଳିଠାରେ ଜ୍ୱର, ଝାଡ଼ା, ଆଖି, ନାକ ଆଉ ମୁହଁରୁ ପାଣି ବାହାରିଥିଲା । ଏହାପରେ ସମସ୍ତ ଛେଳିଙ୍କ ମୃତ୍ୟୁ ହୋଇଯାଇଛି । ପ୍ରଥମେ ଗାଲ ଫୁଲିଯାଉଛି ପରେ ମଳତ୍ୟାଗ କରି ମୃତ୍ୟୁ ହୋଇଯାଉଛି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି । ପ୍ରାଣୀ ଚିକିତ୍ସା ବିଭାଗ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ସ୍ଥାନୀୟ ଚାଷୀମାନେ ଦାବୀ କରିଛନ୍ତି ।



# ସବ୍‌ଡିଭିଜନ ଘୋଷଣା ନ ହେଲେ ରାସ୍ତାକୁ ଓହ୍ଲାଇବ ଛାତ୍ର କଂଗ୍ରେସ

**ପଟ୍ଟାମୁଣ୍ଡାଇ, ୨୫।୧୧ (ସଂଚାର ବ୍ୟୁରୋ):** ବିଭିନ୍ନ କ୍ଷେତ୍ରରେ ନିଜର ଉତ୍କର୍ଷତା ପ୍ରଦର୍ଶନ କରି ପଟ୍ଟାମୁଣ୍ଡାଇ ଅଂଚଳ ସମଗ୍ର ବିଶ୍ୱରେ ନିଜର ଉପସ୍ଥିତି ଜାହିର କରିବାରେ ସଫଳ ହୋଇଛି। ରାଜ୍ୟ ରାଜନୀତିକୁ ନିୟନ୍ତ୍ରଣ କରିଆସୁଥିବା କେନ୍ଦ୍ରାପଡ଼ା ଜିଲ୍ଲାର ପ୍ରମୁଖ ଅଙ୍ଗ ଭାବେ ପଟ୍ଟାମୁଣ୍ଡାଇ (ସଂ) ବିଧାନସଭା ଆସନ ଓଡିଶାର ରାଜନୈତିକ ମାନଚିତ୍ରରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଆସିଛି । ଓଡିଶାର ଅନ୍ୟତମ ପ୍ରମୁଖ ବାଣିଜ୍ୟକ ପେଣ୍ଠ ଭାବରେ ପଟ୍ଟାମୁଣ୍ଡାଇର ସୁନାମ ରହିଥିବାବେଳେ ଗତ ସୀମା ପୁନଃନିର୍ଧାରଣରେ ପ୍ରଶାସନିକ ଚକ୍ରାନ୍ତର ଶିକାର ହୋଇ ବିଧାନସଭା ଆସନ ଲୋପ ପାଇବା ସହିତ ପଟ୍ଟାମୁଣ୍ଡାଇ ତାର ସତ୍ତା ହରାଇ ବସିଥିଲା । ପଟ୍ଟାମୁଣ୍ଡାଇ ସ୍ୱାଭିମାନର କର୍ପୁର ଉଡିଯାଇଛି କେବଳ କନା ପଡିରହିଛି। ଯାହା ପଟ୍ଟାମୁଣ୍ଡାଇବାସୀଙ୍କ ଭାବାବେଗକୁ କୁଠାରଘାତ କରିଛି ।

ବିଲୁପ୍ତ ପଟ୍ଟାମୁଣ୍ଡାଇ ବିଧାନସଭା ଆସନକୁ ଭାଗ ଭାଗ କରି ରାଜନଗର, କେନ୍ଦ୍ରାପଡ଼ା ଓ ଆଳି ବିଧାନସଭା ଆସନ ମଧ୍ୟରେ ବାଣ୍ଟି ଦିଆଯାଇଛି । ପଟ୍ଟାମୁଣ୍ଡାଇ ବ୍ଲକର ୩୧ ପଂଚାୟତରୁ ୧୨ପଂଚାୟତ କେନ୍ଦ୍ରାପଡ଼ା ବିଧାନ ସଭା ଆସନ ଓ ୧୯ ପଂଚାୟତ ଓ ପଟ୍ଟାମୁଣ୍ଡାଇ ପୌରାଞ୍ଚଳକୁ ନେଇ ରାଜନଗର ବିଧାନସଭା ଆସନ ଗଠନ କରାଯାଇଛି । ପଟ୍ଟାମୁଣ୍ଡାଇବାସୀଙ୍କ ସ୍ୱାର୍ଥ ଓ ସ୍ୱାଭିମାନର ସୁରକ୍ଷା ତଥା ହୃତ ଗୌରବକୁ ଫେରାଇ ଆଣିବା ପାଇଁ ପଟ୍ଟାମୁଣ୍ଡାଇ ସବଡିଭିଜନ ଘୋଷଣା ଏକମାତ୍ର ବିକଳ୍ପ । ପଟ୍ଟାମୁଣ୍ଡାଇ ସବଡିଭିଜନ ଘୋଷଣା ଦାବୀକୁ ଜୋରଦାର କରିବା ପାଇଁ ପଟ୍ଟାମୁଣ୍ଡାଇ-ରାଜନଗର ଛାତ୍ର କଂଗ୍ରେସ ପକ୍ଷରୁ ସ୍ଥାନୀୟ ମଙ୍ଗଳା ମଣ୍ଡପ ଠାରେ ଏକ ସାମ୍ବାଦିକ ସମ୍ମିଳନୀ କରାଯାଇଥିଲା।

ରାଜନଗର ନିର୍ବାଚନମଣ୍ଡଳୀରେ ପଟ୍ଟାମୁଣ୍ଡାଇ ନାଁ ନଥିବାବେଳେ ପଟ୍ଟାମୁଣ୍ଡାଇ ସବଡିଭିଜନ ଘୋଷଣା ଶୀତଳ ଭଣ୍ଡାରରେ ରହିଛି। ରାଜନଗର ଆସନରୁ ବିଭିନ୍ନ ସମୟରେ ପ୍ରତିନିଧିତ୍ୱ କରିଥିବା ନେତୃତ୍ୱମାନେ ରାଜ୍ୟ ବିଧାନସଭାରେ ପଟ୍ଟାମୁଣ୍ଡାଇ ସବଡିଭିଜନ ଦାବୀ ବାରମ୍ବାର ଉଠାଇ ଥିଲେ ମଧ୍ୟ ଅଧ୍ୟାବଧି ଏ ଦିଗରେ ସରକାରୀ ସ୍ତରରେ କୌଣସି ଠୋସ ପଦକ୍ଷେପ ନିଆଯାଇନାହିଁ। ଯେଉଁଥି ପାଇଁ ପଟ୍ଟାମୁଣ୍ଡାଇବାସୀ ଗଭୀର କ୍ଷୋଭ ପ୍ରକାଶ କରିଛନ୍ତି । ପଟ୍ଟାମୁଣ୍ଡାଇରେ ସବଡିଭିଜନ ହସ୍ପିଟାଲ, ଏଡିଜେ କୋର୍ଟ, ଜଳସମ୍ପଦ, ଗ୍ରାମ୍ୟଉନ୍ନୟନ, ପୂର୍ତ୍ତ, ବିଦ୍ୟୁତ, ଗ୍ରାମ୍ୟଜଳଯୋଗାଣ ଓ ପରିମଳ ସବଡିଭିଜନ କାର୍ଯାଳୟ କୃଷି ଜିଲ୍ଲା କାର୍ଯ୍ୟାଳୟ ବିଭିନ୍ନ ଉଚ୍ଚଶିକ୍ଷାନୁଷ୍ଠାନ ଓ ରାଷ୍ଟ୍ରାୟତ ବ୍ୟାଙ୍କ ସହ ପର୍ଯ୍ୟାପ୍ତ ସରକାରୀ ଜମି ରହିଛି । ପଟ୍ଟାମୁଣ୍ଡାଇ ସବଡିଭିଜନ ଘୋଷଣା ପାଇଁ ରାଜ୍ୟ ସରକାର ପଦକ୍ଷେପ ନେଲେ ପଟ୍ଟାମୁଣ୍ଡାଇବାସୀଙ୍କ ଦୀର୍ଘ ଦିନର ସ୍ୱପ୍ନ ସାକାର ହେବା ସହିତ ଭୂଲୁଣ୍ଠିତ ସ୍ୱାଭିମାନ ଓ ହୃତ ଗୌରବ ଫେରି ଆସିପାରିବ ବୋଲି କଂଗ୍ରେସ, ଯୁବ କଂଗ୍ରେସ ଓ ଛାତ୍ରକଂଗ୍ରେସ ନେତାମାନେ ଆଶା ପ୍ରକାଶ କରିଛନ୍ତି । ଅନ୍ୟଥା ପଟ୍ଟାମୁଣ୍ଡାଇବାସୀଙ୍କ ସ୍ୱାର୍ଥ ରକ୍ଷା ପାଇଁ କଂଗ୍ରେସ ଦଳ ସହିତ ଛାତ୍ର କଂଗ୍ରେସ ଆନ୍ଦୋଳନ କରିବା ପାଇଁ ରାଜରାସ୍ତାକୁ ଓଲ୍ହାଇଓ୍ୱ ବୋଲି ଘୋଷଣା କରିବା ସହିତ ରାଜ୍ୟ ସରକାରଙ୍କ ମନ୍ତ୍ରୀମାନଙ୍କ ଗସ୍ତ ବେଳେ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ଚେତାବନୀ ଦେଇଛନ୍ତି ।

# ସହକାରୀ ଭେଷଜ ନିୟନ୍ତ୍ରକଙ୍କୁ ପିଏଚ୍‌ଡି

**ବ୍ରହ୍ମପୁର, ୨୫।୧୧ (ସଂଚାର ବ୍ୟୁରୋ):** ଡ଼ା. ଲଳିତ କୁମାର ସାହୁଙ୍କୁ ତାଙ୍କର ଗବେଷଣା ପ୍ରବନ୍ଧ "ଆଣ୍ଟିଡାଇବେଟିକ୍ ଔଷଧ ପାଇଁ ନୂତନ ଗୁଣବତ୍ତା ପରୀକ୍ଷା ପଦ୍ଧତିର ବିକାଶ" ପାଇଁ ଶିକ୍ଷା 'ଓ' ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର ତରଫରୁ ଫାର୍ମାସିଉଟିକାଲ ସାଇନ୍ସରେ ସମ୍ମାନଜନକ ଡକ୍ଟରେଟ୍ ଉପାଧି ପ୍ରଦାନ କରାଯାଇଛି। ପ୍ରଫେସର ସୁଦାମ୍ ସୀଙ୍କ ତତ୍ତ୍ୱାବଧାନରେ ତାଙ୍କ ଗବେଷଣାକାର୍ଯ୍ୟ ମାଲେସିଆର ଆଇଏମୟୁ ବିଶ୍ୱବିଦ୍ୟାଳୟର ଡିନ୍ ପ୍ରଫେସର ଓଙ୍ଗ ଚିନ୍ ଏଙ୍ଗ୍ ଏବଂ ଦିଲ୍ଲୀ ଫାର୍ମାସିଉଟିକାଲ ସାଇନ୍ସ ଏଣ୍ଡ୍ ରିସର୍ଚ୍ଚ ୟୁନିଭର୍ସିଟିର ପ୍ରଫେସର ଶରଦ୍ ୱାକୋଡେଙ୍କ ଦ୍ୱାରା ପରୀକ୍ଷା ଓ ପ୍ରଶଂସିତ କରାଯାଇଥିଲା।

ଡ଼ା. ସାହୁ ଏବେ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ, ଓଡିଶା ସରକାରଙ୍କ ଅଧୀନରେ ବ୍ରହ୍ମପୁର ଠାରେ ଦକ୍ଷିଣାଞ୍ଚଳ ସହକାରୀ ଭେଷଜ ନିୟନ୍ତ୍ରକ ଭାବେ କାର୍ଯ୍ୟରତ ଅଛନ୍ତି। ଓଡିଶାରେ ଡ୍ରଗ୍ସ ଆକ୍ଟ କଠୋର ପ୍ରବର୍ତ୍ତନ କରିବାରେ ତାଙ୍କର ଉଲ୍ଲେଖନୀୟ ଯୋଗଦାନ ରହିଛି ଏବଂ ଏକାଧିକ ବିଜୟୀ ମକଦ୍ଦମା ରାଜ୍ୟ ପାଇଁ ସୁରକ୍ଷିତ କରିବାରେ ସଫଳ ହୋଇଛନ୍ତି। ଡ଼ା. ସାହୁଙ୍କ ଗବେଷଣା ପ୍ରବନ୍ଧ ୧୫ରୁ ଅଧିକ ପ୍ରତିଷ୍ଠିତ ଜାତୀୟ ଓ ଅନ୍ତର୍ଜାତୀୟ ପତ୍ରିକାରେ ପ୍ରକାଶିତ ହୋଇଛି। ସେ ଇଣ୍ଡିଆନ୍ ଫାର୍ମାସି ଗ୍ରାଜୁଏଟ୍ସ ଆସୋସିଏସନ୍ ଓଡ଼ିଶା ଶାଖାର ସଭାପତି, ଓଡ଼ିଶା ଡ୍ରଗ୍ସ କଣ୍ଟ୍ରୋଲ ଅଫିସର୍ସ ଆସୋସିଏସନ୍ ର ପୂର୍ବତନ ସାଧାରଣ ସମ୍ପାଦକ ଓ ଇଣ୍ଡିଆନ୍ ଫାର୍ମାସିୟୁଟିକାଲ ଆସୋସିଏସନ୍ ଓ ଡ୍ରଗ୍ସ କଣ୍ଟ୍ରୋଲ ଅଫିସର୍ସ ୱେଲଫେୟାର ଆସୋସିଏସନ୍ ର ଆଜୀବନ ସଦସ୍ୟ ଭାବରେ ମାନ୍ୟତା ପ୍ରାପ୍ତ। ନୟାଗଡ଼ ଜିଲ୍ଲାର ଆଡଚେର ଗ୍ରାମର ଶ୍ରୀମତୀ ସୁଷମା ରାଣୀ ସାହୁ ଓ ଶ୍ରୀ ଅରକ୍ଷିତ ସାହୁଙ୍କ ପୁତ୍ର ହେଉଛନ୍ତି ଡ଼ା. ସାହୁ। ତାଙ୍କର ପତ୍ନୀ ଶ୍ରୀମତୀ ଶୀଳା ରାଣୀ ସାହୁ ଓଡିଶା ସରକାରଙ୍କ ବାଣିଜ୍ୟ ଓ ପରିବହନ ବିଭାଗରେ ଆର୍ଥିକ ପରାମର୍ଶଦାତା ଭାବରେ କାର୍ଯ୍ୟରତ ଅଛନ୍ତି। ତାଙ୍କ ପୁତ୍ର ସୋହମ୍ ଏହିବର୍ଷ ଆଇଆଇଟି ମୁମ୍ବାଇରେ ଭର୍ତ୍ତି ହୋଇଥିବା ଓଡ଼ିଶାର ବିରଳ ଛାତ୍ର ମାନଙ୍କ ମଧ୍ୟରେ ରହିଛନ୍ତି।



# ଭାରତ ପାଇଁ ସମବାୟ ହେଉଛି ସଂସ୍କୃତିର ଆଧାର

ନୂଆଦିଲ୍ଲୀ,୨୫।୧୧: ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ନୂଆଦିଲ୍ଲୀର ଭାରତ ମଣ୍ଡପମଠାରେ ଆଇସିଏ ବିଶ୍ୱ ସମବାୟ ସମ୍ମିଳନୀ ୨୦୨୪କୁ ଉଦଘାଟନ କରିଛନ୍ତି। ସମାରୋହକୁ ସମ୍ବୋଧିତ କରି ଶ୍ରୀ ମୋଦୀ ଭୁଟାନର ପ୍ରଧାନମନ୍ତ୍ରୀ ମହାମହିମ ଦାଶୋ ସେରିଙ୍ଗ ତୋବଗେ, ଫିଜିର ଉପପ୍ରଧାନମନ୍ତ୍ରୀ ମହାମହିମ ମାନୋଆ କାମିକାମିକା, କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଶ୍ରୀ ଅମିତ ଶାହ, ଭାରତରେ ଅବସ୍ଥାପିତ ଜାତିସଂଘର ଆବାସିକ ସଂଯୋଜକ ସୋମ୍ବି ଶାର୍ପ, ଅନ୍ତର୍ଜାତୀୟ ସମବାୟ ମେଣ୍ଟର ସଭାପତି ଶ୍ରୀ ଏରିଏଲ ଗୁଆରକୋ, ବିଭିନ୍ନ ବିଦେଶୀ ଦେଶର ବିଶିଷ୍ଟ ବ୍ୟକ୍ତି ଏବଂ ଆଇସିଏ ଗ୍ଲୋବାଲ କୋଅପରେଟିଭ୍ ସମ୍ମିଳନୀ ୨୦୨୪ର ପ୍ରତିନିଧିମାନଙ୍କୁ ସ୍ୱାଗତ କରିଥିଲେ। ଶ୍ରୀ ମୋଦୀ କହିଥିଲେ କେବଳ ତାଙ୍କ ପକ୍ଷରୁ ନୁହେଁ ବରଂ ହଜାର ହଜାର କୃଷକ, ଗୋପାଳକ, ମତ୍ସ୍ୟଜୀବୀ, ୮ ଲକ୍ଷରୁ ଅଧିକ ସମବାୟ ସମିତି, ସ୍ୱୟଂ ସହାୟକ ଗୋଷ୍ଠୀ ସହ ଜଡିତ ୧୦ କୋଟି ମହିଳା ଏବଂ ସମବାୟ ସହିତ ପ୍ରଯୁକ୍ତିକୁ ଅନ୍ତର୍ଭୁକ୍ତ କରିବାରେ ନିୟୋଜିତ ଯୁବକମାନଙ୍କ ତରଫରୁ ଆଜିର କାର୍ଯ୍ୟକ୍ରମରେ ସମସ୍ତଙ୍କୁ ସେ ସ୍ୱାଗତ କରୁଛନ୍ତି। ସେ କହିଥିଲେ ଯେ, ବର୍ତ୍ତମାନ ଭାରତରେ ସମବାୟ ଆନ୍ଦୋଳନର ସମ୍ପ୍ରସାରଣ ହୋଇଥିବା ବେଳେ ପ୍ରଥମ ଥର ପାଇଁ ଦେଶରେ ଆନ୍ତର୍ଜାତିକ ସମବାୟ ମେଣ୍ଟର ବିଶ୍ୱ ସମବାୟ ସମ୍ମିଳନୀ ଆୟୋଜନ କରାଯାଉଛି। ଭାରତର ସମବାୟ ଯାତ୍ରାର ଭବିଷ୍ୟତ ପାଇଁ ବିଶ୍ୱ ସମବାୟ ସମ୍ମିଳନୀରୁ ଆବଶ୍ୟକ ଦୃଷ୍ଟିକୋଣ ମିଳିବ ବୋଲି ସେ ବିଶ୍ୱାସ ବ୍ୟକ୍ତ କରିଥିଲେ। ଏହାର ପରିଣାମ ସ୍ୱରୂପ, ସମବାୟ କ୍ଷେତ୍ରରେ ଭାରତର ସମୃଦ୍ଧ ଅଭିଜ୍ଞତାରୁ ବିଶ୍ୱ ସମବାୟ ଆନ୍ଦୋଳନ ଏକବିଂଶ ଶତାବ୍ଦୀର ଏକ ନୂତନ ଉତ୍ସାହ ଏବଂ ଅତ୍ୟାଧୁନିକ ଉପାଦାନ ପାଇ ପାରିବ ବୋଲି ସେ କହିଥିଲେ। ୨୦୨୫କୁ ଅନ୍ତର୍ଜାତୀୟ ସମବାୟ ବର୍ଷ ଭାବେ ଘୋଷଣା କରିଥିବାରୁ ଶ୍ରୀ ମୋଦୀ ଜାତିସଂଘକୁ ଧନ୍ୟବାଦ ଜଣାଇଥିଲେ। ଶହ ଶହ ବର୍ଷ ପୁରୁଣା ସଂସ୍କୃତି ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ କହିଥିଲେ, "ବିଶ୍ୱ ପାଇଁ ସମବାୟ ଏକ ମଡେଲ କିନ୍ତୁ ଭାରତ ପାଇଁ ଏହା ସଂସ୍କୃତିର ଆଧାର, ଜୀବନଶୈଳୀ। ଭାରତୀୟ ଶାସ୍ତ୍ରକୁ ଶ୍ଳୋକ ଆବୃତ୍ତି କରି ଶ୍ରୀ ମୋଦୀ କହିଥିଲେ ଯେ ଆମ ବେଦରେ କୁହାଯାଇଛି ଯେ ଆମେ ସମସ୍ତେ ଏକାଠି ଚାଲିବା ଏବଂ ସମନ୍ୱିତ ଢଙ୍ଗରେ କାର୍ଯ୍ୟ କରିବା ଉଚିତ। ଅନ୍ୟପଟେ ଆମର ଉପନିଷଦ ଆମକୁ ଶାନ୍ତିରେ ବଞ୍ଚିବାକୁ କହୁଛି, ଆମକୁ ସହଅସ୍ତିତ୍ୱର ଗୁରୁତ୍ୱ ଶିଖାଇଛି। ଏହା ଭାରତୀୟ ପରିବାରର ଅବିଚ୍ଛେଦ୍ୟ ଅଙ୍ଗ ଏବଂ ଏହିଠାରେ ହିଁ ସମବାୟର ଉତ୍ପତ୍ତି ହୋଇଛି। ଭାରତର ସ୍ୱାଧୀନତା ସଂଗ୍ରାମ ମଧ୍ୟ ସମବାୟ ସଂସ୍ଥାଗୁଡ଼ିକ ଦ୍ୱାରା ଅନୁପ୍ରାଣିତ ବୋଲି ଉଲ୍ଲେଖ କରି ଶ୍ରୀ ମୋଦୀ କହିଥିଲେ ଯେ, ଏହା କେବଳ ଆର୍ଥିକ ସଶକ୍ତୀକରଣ ନୁହେଁ ବରଂ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ଏକ ସାମାଜିକ ମଞ୍ଚ ମଧ୍ୟ ଦେଇଛି। ମହାତ୍ମା ଗାନ୍ଧୀଙ୍କ ଗ୍ରାମ ସ୍ୱରାଜ ଆନ୍ଦୋଳନ ସାମୂହିକ ଭାଗିଦାରୀକୁ ନୂତନ ପ୍ରୋତ୍ସାହନ ଦେଇଥିଲା ଏବଂ ଖଦୀ ଓ ଗ୍ରାମୋଦ୍ୟୋଗ କ୍ଷେତ୍ର ସମବାୟ ସହାୟତାରେ ଏକ ନୂତନ ବିପ୍ଳବ

- ଭାରତର ଭବିଷ୍ୟତ ଅଭିବୃଦ୍ଧିରେ ସମବାୟର ଏକ ବଡ଼ ଭୂମିକା ରହିଛି
- ସମବାୟ କ୍ଷେତ୍ରରେ ମହିଳାଙ୍କ ରହିଛି ବ୍ୟାପକ ଭୂମିକା

ଆରମ୍ଭ କରିଥିଲା ବୋଲି ସେ କହିଥିଲେ। ଆଜି ସମବାୟ ସମିତିଗୁଡ଼ିକ ଖଦୀ ଏବଂ ଗ୍ରାମୀଣ ଶିଳ୍ପକୁ ବଡ଼ ବ୍ରାଣ୍ଡଠାରୁ ପ୍ରତିଦ୍ୱନ୍ଦ୍ୱିତାରେ ଆଗକୁ ବଢ଼ିବାରେ ସାହାଯ୍ୟ କରିଛନ୍ତି ବୋଲି କହି ଶ୍ରୀ ମୋଦୀ ଖୁସି ପ୍ରକାଶ କରିଥିଲେ। ସର୍ଦ୍ଦାର ପଟେଲ ଦୁଗ୍ଧ ସମବାୟ ସମିତି ବ୍ୟବହାର କରି କୃଷକମାନଙ୍କୁ ଏକାଠି କରିଥିଲେ ଏବଂ ସ୍ୱାଧୀନତା ସଂଗ୍ରାମକୁ ଏକ ନୂତନ ଦିଗ ଦେଇଥିଲେ ବୋଲି ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ।




## ଜାତୀୟ ପ୍ରାକୃତିକ କୃଷି ମିଶନର ଶୁଭାରମ୍ଭ

ନୂଆଦିଲ୍ଲୀ,୨୫।୧୧: ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ ବୈଠକରେ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ ଅଧୀନରେ ଏକ ସ୍ୱତନ୍ତ୍ର କେନ୍ଦ୍ର ପ୍ରାୟୋଜିତ ଯୋଜନା ଭାବରେ ପ୍ରାକୃତିକ କୃଷି ଉପରେ ଜାତୀୟ ମିଶନ (ଏନଏମଏନଏଫ)ର ଶୁଭାରମ୍ଭକୁ ମଞ୍ଜୁରି ମିଳିଛି। ଏହି ଯୋଜନାରେ ପଞ୍ଚଦଶ ଅର୍ଥ ଆୟୋଗ (୨୦୨୫-୨୬) ଅବଧି ସୁଦ୍ଧା ମୋଟ ବ୍ୟୟ ଅଟକଳ ୨୪୮୧ କୋଟି ଟଙ୍କା (ଭାରତ ସରକାରଙ୍କ ଅଂଶ - ୧୫୮୪ କୋଟି ଟଙ୍କା; ରାଜ୍ୟ ଅଂଶ - ୮୯୭ କୋଟି ଟଙ୍କା) ରଖାଯାଇଛି। ଭାରତ ସରକାର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ ଅଧୀନରେ ଏକ ସ୍ୱତନ୍ତ୍ର କେନ୍ଦ୍ର ପ୍ରାୟୋଜିତ ଯୋଜନା ଭାବରେ ସମଗ୍ର ଦେଶରେ ମିଶନ ମୋଡରେ ପ୍ରାକୃତିକ ଚାଷକୁ ପ୍ରୋତ୍ସାହିତ କରିବା ପାଇଁ ଜାତୀୟ ପ୍ରାକୃତିକ କୃଷି ମିଶନ (ଏନଏମଏନଏଫ) ଆରମ୍ଭ କରିଛନ୍ତି। ସେମାନଙ୍କ ପୂର୍ବପୁରୁଷଙ୍କଠାରୁ ପ୍ରାପ୍ତ ପାରମ୍ପରିକ ଜ୍ଞାନ ଆଧାରରେ, ଦେଶର ଚାଷୀମାନେ ଏକ ରାସାୟନିକ ମୁକ୍ତ ଚାଷ ଭାବରେ ପ୍ରାକୃତିକ କୃଷି (ଏନଏଫ) ଅଭ୍ୟାସ ଅବଲମ୍ବନ କରିବେ ଯେଉଁଥିରେ ସ୍ଥାନୀୟ ପ୍ରାଣୀସମ୍ପଦ ସମନ୍ୱିତ ପ୍ରାକୃତିକ ଚାଷ ପଦ୍ଧତି, ବିବିଧ ଫସଲ ପ୍ରଣାଳୀ ଇତ୍ୟାଦି ଅନ୍ତର୍ଭୁକ୍ତ। ଏନଏଫ ସ୍ଥାନୀୟ ଜ୍ଞାନ, ଭୌଗଳିକ ସ୍ଥିତି ଅନୁକୂଳ ଜ୍ଞାନକୌଶଳ ଉପରେ ଆଧାରିତ ସ୍ଥାନୀୟ କୃଷି-ପରିବେଶ ନୀତିକୁ ଅନୁସରଣ କରିବ ଏବଂ ସ୍ଥାନୀୟ କୃଷି-ପରିବେଶ ଅନୁଯାୟୀ ବିକଶିତ ହେବ। ସମସ୍ତଙ୍କ ପାଇଁ ନିରାପଦ ଏବଂ ପୁଷ୍ଟିକର ଖାଦ୍ୟ ଯୋଗାଇବା ପାଇଁ ଏନ୍ଏଫ୍ ପ୍ରଣାଳୀକୁ ପ୍ରୋତ୍ସାହିତ କରିବା ଏନଏମଏନଏଫର ଲକ୍ଷ୍ୟ। ଚାଷର ଇନପୁଟ୍ ଖର୍ଚ୍ଚ ହ୍ରାସ କରିବା ଏବଂ ବାହାରୁ କିଣା ଯାଇଥିବା ସାମଗ୍ରୀ ଉପରେ ନିର୍ଭରଶୀଳତା ହ୍ରାସ କରିବା ପାଇଁ କୃଷକମାନଙ୍କୁ ସହାୟତା କରିବା ନିମନ୍ତେ ଏହି ମିଶନ ପ୍ରସ୍ତୁତ କରାଯାଇଛି।

## ଅଭିଲେଖାଗାରରେ ୮୦ତମ ସଂସ୍କୃତି ଚର୍ଚ୍ଚା




ଭୁବନେଶ୍ୱର,୨୫।୧୧(ସଂଚାର ବ୍ୟୁରୋ): ଭୁବନେଶ୍ୱର ସ୍ଥିତ ଓଡ଼ିଶା ରାଜ୍ୟ ଅଭିଲେଖାଗାରରେ ଆଜି ୮୦ତମ ସଂସ୍କୃତି ଚର୍ଚ୍ଚା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଜିର କାର୍ଯ୍ୟକ୍ରମରେ 'ଓଡ଼ିଆ ଅସ୍ମିତାର ଅନ୍ୟତମ ବିନ୍ଧାଣି ଡ଼ଃ ହରେକୃଷ୍ଣ ମହତାବ' ବିଷୟବସ୍ତୁ ଉପରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ପ୍ରଫେସର ନିହାର ରଞ୍ଜନ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। ନିଜର ଅଭିଭାଷଣରେ ସେ ଗଡ଼ଜାତ ରାଜ୍ୟର ମିଶ୍ରଣ ଓ ଓଡ଼ିଶାକୁ ଏକ ସ୍ୱତନ୍ତ୍ର ପ୍ରଦେଶ ଭାବେ ଗଠନ କରିବାରେ ଉତ୍କଳ କେଶରୀ ଡ଼ଃ ହରେକୃଷ୍ଣ ମହତାବଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ସେ କହିଥିଲେ ଯେ, ଡ଼ଃ ହରେକୃଷ୍ଣ ମହତାବ କେବଳ ଜଣେ ସ୍ୱାଧୀନତା ସଂଗ୍ରାମୀ ଓ ରାଜନେତା ଭାବରେ ନୁହେଁ ବରଂ ଜଣେ ସାହିତ୍ୟିକ, ସାମ୍ବାଦିକ, ସମ୍ପାଦକ, ଦକ୍ଷପ୍ରଶାସକ ଓ ସଂସ୍କୃତି ସଂପନ୍ନ ବ୍ୟକ୍ତି ଭାବରେ ସର୍ବଭାରତୀୟ ସ୍ତରରେ ସୁପରିଚିତ। ଦେଶର ସ୍ୱାଧୀନତା ସଂଗ୍ରାମ, ବିଭିନ୍ନ ଗଡ଼ଜାତରାଜ୍ୟର ମିଶ୍ରଣ ଓ ଓଡ଼ିଶାକୁ ଏକ ସ୍ୱତନ୍ତ୍ର ପ୍ରଦେଶ ଭାବେ ଗଢିତୋଳିବାରେ ଡ଼ଃ ମତତାବ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ।

### ମହିଳାମାନେ ନିଜ ଆଇନଗତ ଅଧିକାର ଜାଣିଲେ ସୁରକ୍ଷିତ ରହିବେ

## ବ୍ଲକସ୍ତରୀୟ ଆଇନ ସଚେତନତା କାର୍ଯ୍ୟକ୍ରମ




ଭୁବନେଶ୍ୱର,୨୫।୧୧(ସଂଚାର ବ୍ୟୁରୋ): ଆଜି ଓଡିଶା ରାଜ୍ୟ ମହିଳା ଆୟୋଗ ଦ୍ୱାରା ନିମାପଡା ଇନଡୋର ଷ୍ଟାଡିୟମ୍ ହଲରେ ଆୟୋଜିତ ବ୍ଲକ ସ୍ତରୀୟ ଆଇନ ସଚେତନତା କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଯୋଗଦେଇଥିଲେ। ମହିଳା ମାନଙ୍କୁ ସେମାନଙ୍କ ଅଧିକାର ଏବଂ ସୁରକ୍ଷା ପାଇଁ ଉଦ୍ଦିଷ୍ଟ ବିଭିନ୍ନ ଆଇନ ବିଷୟରେ ଅବଗତ କରାଇବା ଏହି କାର୍ଯ୍ୟକ୍ରମ ମୂଳ ଲକ୍ଷ୍ୟ ଥିଲା। ସମାଜରେ ମହିଳା ମାନଙ୍କ ବିରୋଧରେ ଘଟୁଥିବା ହିଂସା, ମାନସିକ, ଶାରୀରିକ, ଆର୍ଥିକ ଓ ଯୌନ ନିର୍ଯାତନା, କର୍ମ କ୍ଷେତ୍ରରେ ମହିଳାଙ୍କୁ ଯୌନ ନିର୍ଯାତନା, ସାଇବର ଅପରାଧ, ମହିଳାଙ୍କୁ ଡାହାଣୀ ଭାବି ନିର୍ଯାତନା, ଭ୍ରୂଣ ହତ୍ୟା, ଅନୈତିକ ମହିଳା ଓ ଶିଶୁ ଚାଲାଣ, ଯୌତୁକ ଆଦି ନିର୍ଯାତନା ଓ ଅପରାଧିକ କାର୍ଯ୍ୟକଳାପରୁ ମହିଳା ମାନେ ନିଜକୁ ସୁରକ୍ଷା ପ୍ରଦାନ କରିବାପାଇଁ ସେମାନେ ନିଜର ସାମ୍ବିଧାନିକ ଅଧିକାର ଓ ବିଭିନ୍ନ ମହିଳା ସୁରକ୍ଷା ସମ୍ପର୍କିତ ସ୍ୱତନ୍ତ୍ର ଆଇନ ସମ୍ପର୍କରେ ସଚେତନତା ସୃଷ୍ଟି କରିବାରେ ଏହି ଶିବିର ଅତ୍ୟନ୍ତ ସହାୟକ ହେବ ବୋଲି କହିଛନ୍ତି ଉପମୁଖ୍ୟମନ୍ତ୍ରୀ। ରାଜ୍ୟର ସର୍ବାଙ୍ଗିନ ବିକାଶ ଦିଗରେ ଉଭୟ ମହିଳା ଓ ପୁରୁଷ ସମଭାବେ ଯୋଗଦାନ କରିବା ଓ ବିକାଶର ସୁଫଳ ଉଭୟଙ୍କୁ ସମଭାବେ ଉପଲବ୍ଧ କରାଇବା ଦିଗରେ ରାଜ୍ୟ ସରକାର କାର୍ଯ୍ୟରତ ବୋଲି କହିଛନ୍ତି ଉପମୁଖ୍ୟମନ୍ତ୍ରୀ। ରାଜ୍ୟ ସରକାରଙ୍କ ସହାୟତା ଓ ସହଯୋଗରେ ମହିଳା ଆୟୋଗ ମହିଳା ମାନଙ୍କ ସାମ୍ବିଧାନିକ ମୌଳିକ ଅଧିକାରକୁ ସୁରକ୍ଷା ପ୍ରଦାନ କରିବା ସହ ସେମାନଙ୍କ ପ୍ରତ୍ୟକ କ୍ଷେତ୍ରରେ ଯୋଗଦାନ ଓ ସଶକ୍ତିକରଣ କରିବା ପାଇଁ ଚେଷ୍ଟିତ ତେଣୁ ରାଜ୍ୟ ମହିଳା ଆୟୋଗ ନିୟମିତ ଭାବେ ଆଇନ ସଚେତନତା କାର୍ଯ୍ୟକ୍ରମ ଜିଲ୍ଲା ଓ ବ୍ଲକ ସ୍ତରରେ କାର୍ଯ୍ୟରତ ସରକାରୀ କର୍ମଚାରୀ ଓ ଅନ୍ୟାନ୍ୟ ଅଂଶିଦାର ମାନଙ୍କୁ ସଚେତନ କରାଇବା ପାଇଁ ଆୟୋଜନ କରୁଛି ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି।

## ପୂର୍ବତଟ ରେଳପଥ ମହାପ୍ରବନ୍ଧକଙ୍କ ଦ୍ୱାରା ୩ ରେଳ କର୍ମଚାରୀ ପୁରସ୍କୃତ




ଭୁବନେଶ୍ୱର,୨୫।୧୧(ସଂଚାର ବ୍ୟୁରୋ): ପୂର୍ବତଟ ରେଳପଥ ମୁଖ୍ୟାଳୟରେ ଆୟୋଜିତ ଏକ ସମ୍ବର୍ଧନା ସଭାରେ ରେଳପଥର ମହାପ୍ରବନ୍ଧକ ଶ୍ରୀ ପରମେଶ୍ୱର ଫୁଙ୍କୱାଲ ଉତ୍ସର୍ଗୀକୃତ ସେବା ଓ କର୍ମକ୍ଷେତ୍ରରେ ସଜାଗ ଏବଂ ସତର୍କତା ପାଇଁ ତିନିଜଣ ରେଳ କର୍ମଚାରୀଙ୍କ ଅତୁଳନୀୟ ପ୍ରଦର୍ଶନକୁ ସ୍ୱୀକୃତି ଦେଇ ପୁରସ୍କୃତ କରିଛନ୍ତି । ସେମାନଙ୍କର ତୀବ୍ର କାର୍ଯ୍ୟକଳାପ ପ୍ରମୁଖ ଦୁର୍ଘଟଣାକୁ ରୋକିବାରେ, ଉଭୟ ମାନବ ଜୀବନ ରକ୍ଷା କରିବା ଏବଂ ଟ୍ରେନ୍ ଚଳାଚଳର ଧାରାକୁ ଅକ୍ଷୁର୍ଣ୍ଣ ରଖିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା। ଏହି ଉତ୍ସବରେ ଅତିରିକ୍ତ ମହାପ୍ରବନ୍ଧକ ଶ୍ରୀ ମହେଶ କୁମାର ବେହେରା, ମୁଖ୍ୟ ସୁରକ୍ଷା ଅଧିକାରୀଙ୍କ ସମେତ ଅନ୍ୟାନ ପ୍ରମୁଖ ବିଭାଗୀୟ ଅଧିକାରୀ ଓ ବରିଷ୍ଠ ଅଧିକାରୀମାନେ ଯୋଗଦେଇ ରେଳପଥ ମଧ୍ୟରେ ସୁରକ୍ଷା ପ୍ରତି ସାମୂହିକ ପ୍ରତିବଦ୍ଧତା ଉପରେ ଆଲୋକପାତ କରିଥିଲେ । ମୁନିଗୁଡା ରେଳ ଷ୍ଟେସନର ଟ୍ରାକ ମେଣ୍ଟଣର ଶ୍ରୀ ଯୋଗେଶ କୁମାର; ହୁମ୍ମା ରେଳ ଷ୍ଟେସନର ଟିପିଏମଏ ପ୍ରଦ୍ୟୁମ୍ନ କୁମାର ପଣ୍ଡା ଏବଂ ଆରଙ୍ଗମହାନଦୀ ରେଳ ଷ୍ଟେସନର ଟିପିଏମଏ ପ୍ରେମଜୀତ ଆଚାର୍ଯ୍ୟଙ୍କୁ ସେମାନଙ୍କର ତୀବ୍ର କାର୍ଯ୍ୟକାରିତା ପାଇଁ ପୁରସ୍କୃତ କରାଯାଇଥିଲା। ଟ୍ରେନଗୁଡିକର ନିରାପଦ ଏବଂ ଦକ୍ଷ ଚଳାଚଳ ସୁନିଶ୍ଚିତ କରିବାକୁ ଏକ ଆହ୍ୱାନ ଭାବରେ ଗ୍ରହଣ କରି ଗ୍ୟାଙ୍ଗମେନ, ଟ୍ରଲିମେନ, ଗେଟମେନ, ଓଏଚ୍ଇ ଖଲାସି ଏବଂ ଅନ୍ୟାନ୍ୟ ରକ୍ଷଣାବେକ୍ଷଣ କର୍ମଚାରୀଙ୍କ ଉତ୍ସର୍ଗୀକୃତ ଉଦ୍ୟମକୁ ମହାପ୍ରବନ୍ଧକ ଶ୍ରୀ ଫୁଙ୍କୱାଲ ପ୍ରଶଂସା କରିଛନ୍ତି । ମହାପ୍ରବନ୍ଧକ ସେମାନଙ୍କର କଠିନ ପରିଶ୍ରମକୁ ସ୍ୱୀକୃତି ଦେବା ଉପରେ ଗୁରୁତ୍ୱାରୋପ କରିବା ସହ ଯାତ୍ରୀମାନଙ୍କ ପାଇଁ ସୁଗମ ତଥା ନିରାପଦ କାର୍ଯ୍ୟର ଲକ୍ଷ୍ୟକୁ ଦୃଢ଼କରି ସେମାନଙ୍କ କର୍ତ୍ତବ୍ୟରେ ଆନ୍ତରିକତା ଏବଂ ସତର୍କତା ବଜାୟ ରଖିବାକୁ ସମସ୍ତ ରେଳ କର୍ମଚାରୀଙ୍କୁ ପରାମର୍ଶ ଦେଇଥିଲେ । ପ୍ରତ୍ୟେକ କର୍ମଚାରୀଙ୍କ ପରିଶ୍ରମ ଆମର ରେଳ ନେଟୱାର୍କର ସୁରକ୍ଷା ତଥା ନିରାପତ୍ତା ପାଇଁ ସହାୟକ ହୋଇଥାଏ ବୋଲି ଫୁଙ୍କୱାଲ କହିଛନ୍ତି । ଯାତ୍ରୀମାନଙ୍କ ପାଇଁ ସୁରକ୍ଷିତ ଯାତ୍ରା ଜାରି ରଖିବା ପାଇଁ ଆମେ ସଜାଗ ରହିବା ଜରୁରୀ ବୋଲି ସେ ଉଲ୍ଲେଖ କରିଥିଲେ ।


## ନବକୃଷ୍ଣ ଚୌଧୁରୀ ସ୍ମାରକୀ ବକ୍ତୃତା

ଭୁବନେଶ୍ୱର,୨୫।୧୧(ସଂଚାର ବ୍ୟୁରୋ): ସାମାଜିକ ଜୀବନରେ ନୀତି ଓ ନୈତିକତାର ଅବକ୍ଷୟ ଘଟି ଚାଲିଥିବା ଯୋଗୁଁ ବ୍ୟକ୍ତି, ସମାଜ ଓ ରାଷ୍ଟ୍ର ଜୀବନ ସଂକଟ ଭିତରକୁ ଠେଲିହୋଇ ଯାଉଛି। ନୀତି ବିହୀନ ରାଜନୀତି, ଚରିତ୍ର ବିହୀନ ଶିକ୍ଷା, ନୀତି ବିବର୍ଜିତ ବାଣିଜ୍ୟ ବ୍ୟବସାୟ, ଶ୍ରମ ବିହୀନ ସମ୍ପଦ, ବିବେକ ବିହୀନ ବିଳାସ, ମାନବିକତା ବିହୀନ ବିଜ୍ଞାନ ଏବଂ ତ୍ୟାଗ ବିହୀନ ଉପାସନା ସମୟର ସବୁଠାରୁ ବଡ଼ ଆହ୍ୱାନ ଭାବେ ଉଭା ହୋଇଛି। ଏଥିରୁ ନିସ୍ତାର ପାଇବା ଲାଗି ମହାତ୍ମା ଗାନ୍ଧୀଙ୍କ ପ୍ରଦର୍ଶିତ ଏକାଦଶ ବ୍ରତ ହିଁ ଏକମାତ୍ର ଉପଚାର। ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ଅନ୍ୟତମ ସଂସ୍କାରକ, ନୀତିନିଷ୍ଠ ରାଜନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ବୁଦ୍ଧ ମନ୍ଦିରଠାରେ ଅନୁଷ୍ଠିତ ସ୍ମାରକୀ ବକ୍ତୃତାରେ ଅଂଶଗ୍ରହଣ କରି ବହୁ ବିଶିଷ୍ଟ ବ୍ୟକ୍ତି ଏଭଳି



ମତବ୍ୟକ୍ତ କରିଛନ୍ତି। ମାଳତୀ ଦେବୀ-ନବକୃଷ୍ଣ ଚୌଧୁରୀ ଟ୍ରଷ୍ଟ ଓ ଜୟକିରଣ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ନବକୃଷ୍ଣ ଚୌଧୁରୀ ସ୍ମାରକୀ ବକ୍ତୃତା ପ୍ରଦାନ କରି ବିଶିଷ୍ଟ ସାହିତ୍ୟିକ ଡ. ସଂଗ୍ରାମ ଜେନା କହିଛନ୍ତି ଯେ ସମାଜ ଓ ରାଷ୍ଟ୍ର ଜୀବନରେ ସଂସ୍କାର ଲାଗି ଜାତିର ଜନକ ମହାମାନବ ମହାତ୍ମା ଗାନ୍ଧୀ ଅହିଂସା, ସତ୍ୟ, ଅସ୍ତେୟ, ବ୍ରହ୍ମଚର୍ଯ୍ୟ, ଅସଂଗ୍ରହ, ଶରୀରଶ୍ରମ, ଅସ୍ୱାଦ, ନିର୍ଭୀକତା, ସର୍ବଧର୍ମ ସମାନତ୍ୱ, ସ୍ୱଦେଶୀ, ଅସ୍ପୃଶ୍ୟତା ନିବାରଣ ଭଳି ଯେଉଁ ଏକାଦଶ ବ୍ରତର ଅନୁପାଳନ ଲାଗି ମାର୍ଗଦର୍ଶନ କରିଯାଇଛନ୍ତି ବ୍ୟକ୍ତି ଜୀବନରେ ତାହାର ସଠିକ ଅନୁପାଳନ କରାଗଲେ ବହୁ ପ୍ରତୀକ୍ଷିତ ଗ୍ରାମ ସ୍ୱରାଜ ଓ ରାମରାଜ୍ୟ ଆମ ହାତ ପାହାନ୍ତାରେ ପହଞ୍ଚିଯିବ। ଏଥିପାଇଁ ଟ୍ରଷ୍ଟିସିପ୍‌କୁ ଆପଣାଇବା ସହିତ ଗାନ୍ଧୀଜୀଙ୍କ ତାରକମନ୍ତ୍ର ଓ ଭଲ ମଣିଷର ସଞ୍ଜ୍ଞା ଆମର ଠିକଣା ମାର୍ଗଦର୍ଶନ କରିପାରିବ।

## ଅଟୋକୁ ଧକ୍କା ଦେଲା ବିଧାୟକଙ୍କ ଗାଡ଼ି; ୪ ଆହତ



ଖୋର୍ଦ୍ଧା,୨୫।୧୧(ସଂଚାର ବ୍ୟୁରୋ): ଜଙ୍କିଆ ଥାନା ଅନ୍ତର୍ଗତ ବଡ଼ପୋଖରୀଆ ଛକ ନିକଟରେ ଦୁର୍ଘଟଣା ଘଟିଛି। ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ କାର୍ ଏକ ଅଟୋକୁ ପଛପଟୁ ଧକ୍କା ଦେବାରୁ ଅଟୋ ଡ୍ରାଇଭର ସମେତ ୪ ଜଣ ଆହତ ହୋଇଛନ୍ତି। ଆହତମାନଙ୍କୁ ଉଦ୍ଧାର କରାଯାଇ ଚିକିତ୍ସା ପାଇଁ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଆଜି ବିଧାୟକ ଖଲ୍ଲିକୋଟରୁ ଭୁବନେଶ୍ୱର ଅଭିମୁଖେ ଆସୁଥିଲେ। ଏହି ସମୟରେ ବଡ଼ପୋଖରୀଆ ଛକ ନିକଟରେ ଏକ ଅଟୋକୁ କାର୍‌ଟି ପଛରୁ ଧକ୍କା ଦେଇଥିଲା। ଦୁର୍ଘଟଣା ସମୟରେ ନିଜେ ବିଧାୟକ କାରରେ ଥିଲେ। ଦୁର୍ଘଟଣାରେ ବିଧାୟକଙ୍କର ଗାଡ଼ିର ସମ୍ମୁଖ ଅଂଶ ଭାଙ୍ଗି ଯାଇଥିବା ବେଳେ ବିଧାୟକ ସୁରକ୍ଷିତ ଅଛନ୍ତି। ତେବେ ଅଟୋରେ ଥିବା ୪ ଜଣ ଯାତ୍ରୀ ଆହତ ହୋଇଛନ୍ତି। ଜଙ୍କିଆ ଥାନା ପୁଲିସ ଅଟୋକୁ ଜବତ କରି ଘଟଣାର ତଦନ୍ତ କରୁଛି। ଦୁର୍ଘଟଣା ନେଇ ବିଧାୟକଙ୍କର କୌଣସି ପ୍ରତିକ୍ରିୟା ମିଳିନାହିଁ।

## ଓଏନ୍‌ଓଏସ୍‌କୁ କ୍ୟାବିନେଟ୍ ଅନୁମୋଦନ



ନୂଆଦିଲ୍ଲୀ,୨୫।୧୧: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ ବୈଠକରେ ଗବେଷଣାଭିତ୍ତିକ ପ୍ରବନ୍ଧ ଏବଂ ପତ୍ରିକା ପ୍ରକାଶନୀଗୁଡ଼ିକୁ ଦେଶବ୍ୟାପୀ ଉପଲବ୍ଧ କରାଇବା ପାଇଁ ଏକ ନୂତନ କେନ୍ଦ୍ରୀୟ କ୍ଷେତ୍ର ଯୋଜନା 'ୱାନ ନେସନ୍ ୱାନ୍ ସବସ୍କ୍ରିପ୍ସନ୍'କୁ ଅନୁମୋଦନ ମିଳିଛି । ଏହି ଯୋଜନା ଏକ ସରଳ, ଉପଭୋକ୍ତା ଅନୁକୂଳ ଏବଂ ସମ୍ପୂର୍ଣ୍ଣ ଡିଜିଟାଲ ପ୍ରକ୍ରିୟା ମାଧ୍ୟମରେ ପରିଚାଳିତ ହେବ । ସରକାରୀ ଉଚ୍ଚଶିକ୍ଷା ନୁଷ୍ଠାନ ଏବଂ କେନ୍ଦ୍ର ସରକାରଙ୍କ ଗବେଷଣା ଓ ବିକାଶ ପରୀକ୍ଷାଗାର ପାଇଁ ଏହା 'ୱାନ୍ ନେସନ୍ ୱାନ୍ ସବସ୍କ୍ରିପ୍ସନ୍' ସୁବିଧା ହେବ। ନୂତନ କେନ୍ଦ୍ରୀୟ କ୍ଷେତ୍ର ଯୋଜନା ଭାବରେ ୩ କ୍ୟାଲେଣ୍ଡର ବର୍ଷ, ୨୦୨୫, ୨୦୨୬ ଏବଂ ୨୦୨୭ ପାଇଁ ଏକ ଦେଶ ଏକ ସବସ୍କ୍ରିପ୍ସନ ପାଇଁ ସମୁଦାୟ ପ୍ରାୟ ୬,୦୦୦ କୋଟି ଟଙ୍କା ଆବଣ୍ଟନ କରାଯାଇଛି। ଭାରତର ଯୁବବର୍ଗଙ୍କ ପାଇଁ ଗୁଣାତ୍ମକ ଉଚ୍ଚଶିକ୍ଷାର ସର୍ବାଧିକ ଉପଲବ୍ଧତା ନିମନ୍ତେ ଶିକ୍ଷା କ୍ଷେତ୍ରରେ ଗତ ଦଶନ୍ଧି ମଧ୍ୟରେ ଭାରତ ସରକାରଙ୍କ ଦ୍ୱାରା ନିଆଯାଇଥିବା ବିଭିନ୍ନ ପଦକ୍ଷେପର ପରିସର ଏବଂ ପହଞ୍ଚକୁ ଆହୁରି ବୃଦ୍ଧି କରିବ ୱାନ୍ ନେସନ୍ ୱାନ୍ ସବସ୍କ୍ରିପ୍ସନ । ଏହା ଗବେଷଣା ଏବଂ ବିକାଶକୁ ପ୍ରୋତ୍ସାହିତ କରିବା ଏବଂ ସରକାରୀ ବିଶ୍ୱବିଦ୍ୟାଳୟ, ମହାବିଦ୍ୟାଳୟ, ଗବେଷଣା ଅନୁଷ୍ଠାନ ଏବଂ ଗବେଷଣା ଓ ବିକାଶ ପରୀକ୍ଷାଗାରଗୁଡିକରେ ଗବେଷଣା ଏବଂ ଉଦ୍ଭାବନର ସଂସ୍କୃତିକୁ ପ୍ରୋତ୍ସାହିତ କରିବା ପାଇଁ ଏଏନଆରଏଫ୍ ପଦକ୍ଷେପକୁ ସମର୍ଥନ କରିବ ।

## ୧୭୭ ତମ ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟି ବୈଠକ

ଭୁବନେଶ୍ୱର,୨୫।୧୧(ସଂଚାର ବ୍ୟୁରୋ): ୧୭୭ ତମ ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟି ବୈଠକ ଭୁବନେଶ୍ୱର ସ୍ଥିତ ହୋଟେଲ ମେଫେୟାର ଠାରେ ଆୟୋଜିତ ହୋଇଛି। ରାଜ୍ୟ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଆଜି ପୂର୍ବାହ୍ନରୁ ଆରମ୍ଭ ହୋଇଥିବା ଏହି ଏକ ଦିବସୀୟ ବୈଠକରେ ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ଶାଶ୍ୱତ ମିଶ୍ର, ୟୁକୋବ୍ୟାଙ୍କର କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ତଥା ରାଜ୍ୟ ସ୍ତରୀୟ ବ୍ୟାଙ୍କର୍ସ କମିଟି, ଓଡିଶାର ଅଧ୍ୟକ୍ଷ ଶ୍ରୀ ବିଜୟ କୁମାର ନିବୃତ୍ତି କାମ୍ବଲେ, କ୍ଷେତ୍ରୀୟ ନିର୍ଦ୍ଦେଶକ, ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ଡଃ ଶାରଦା ପ୍ରସନ୍ନ ମହାନ୍ତି, ମହାପ୍ରବନ୍ଧକ, ୟୁକୋ ବ୍ୟାଙ୍କ୍ ଏବଂ ଆବାହକ, ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟି, ଓଡ଼ିଶା ଶ୍ରୀ ଗୌତମ ପାତ୍ର ପ୍ରମୁଖଙ୍କ ଉପସ୍ଥିତିରେ ଏହି ବୈଠକରେ ରାଜ୍ୟର ବିଭିନ୍ନ ବ୍ୟାଙ୍କର ଉଚ୍ଚ କର୍ତ୍ତୃପକ୍ଷ ଏବଂ ରାଜ୍ୟ ପ୍ରଶାସନର ଉଚ୍ଚ ପଦାଧିକାରୀ ଉପସ୍ଥିତ ରହିଛନ୍ତି। ଏହି ବୈଠକରେ ବ୍ୟାଙ୍କର୍ସ କମିଟିର ରହିଥିବା ବିଭିନ୍ନ ଏଜେଣ୍ଡା ବା କାର୍ଯ୍ୟସୂଚୀ ମଧ୍ୟରେ ଓଡ଼ିଶା ସରକାର ଏବଂ ଭାରତ ସରକାରଙ୍କ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମଗୁଡ଼ିକର ସଫଳ ରୂପାୟନ ଏବଂ ହିତାଧିକାରୀଙ୍କୁ ବ୍ୟାଙ୍କି ସୁବିଧା ପ୍ରଦାନ ସଂପର୍କିତ ବ୍ୟାପକ ଆଲୋଚନା ଜାରି ରହିଛି।

## ପ୍ଲାଷ୍ଟିକରେ ପୋତି ହେଉଛି ଚିଲିକା



ଭୁବନେଶ୍ୱର,୨୫।୧୧: ଏସିଆ ମହାଦେଶର ସର୍ବବୃହତ୍ ଲବଣାକ୍ତ ହ୍ରଦ ଧିରେ ଧିରେ ପ୍ଲାଷ୍ଟିକରେ ପୋତି ହେବାରେ ଲାଗିଛି। ଦୈନିକ ଶହ ଶହ କିଲୋର ବିଭିନ୍ନ କିସମର ପ୍ଲାଷ୍ଟିକ ହ୍ରଦର ଚାରିପଟୁ ଚିଲିକାରେ ପଶିବାରେ ଲାଗିଛି। ଚିଲିକାକୁ ପ୍ରବେଶ ପାଇଁ ଗୋଟିଏ ପଟେ ବରକୁଳ ଥିବାବେଳେ ଅନ୍ୟପଟେ ସାତପଡ଼ା ରହିଛି। ଏହି ଦୁଇପଟୁ ପର୍ଯ୍ୟଟକମାନେ ଡଙ୍ଗା ଯୋଗେ ଚିଲିକା ଭ୍ରମଣରେ ଯାଇଥାନ୍ତି। ଯେହେତୁ ଶହ ଶହ ସଂଖ୍ୟାରେ ପର୍ଯ୍ୟଟକମାନେ ଏହିସବୁ ସ୍ଥାନକୁ ଆସିଥାନ୍ତି ତେଣୁ ସେହିସବୁ ସ୍ଥାନରେ ଏକାଧିକ ହୋଟେଲ ଓ ଅନ୍ୟାନ୍ୟ ବ୍ୟବସାୟ ପ୍ରତିଷ୍ଠାନ ଗଢି ଉଠିଛି। ଏଠାରେ ପର୍ଯ୍ୟଟକମାନେ ଖାଇବା ସହିତ ଚିଲିକା ଭିତରକୁ ଯିବାବେଳେ ସାଙ୍ଗରେ ମଧ୍ୟ ବିଭିନ୍ନ ପ୍ରକାରର ଖାଦ୍ୟ ସାମଗ୍ରୀ ନେଇଥାନ୍ତି। ତେବେ ଚିଲିକା କୂଳରେ ପଲିଥିନ୍ ଉପରେ ସେଭଳି କଡା କଟକଣା ନଥିବାରୁ ଦୈନିକ ଶହ ଶହ କିଲୋର ପ୍ଲାଷ୍ଟିକ ଚିଲିକାରେ ଭିତକୁ ଫୋପଡ଼ା ଯାଉଛି। ଏଥି ସହିତ ଲୋକେ ନେଉଥିବା ପ୍ଲାଷ୍ଟିକ ଥଳି ଓ ଅନ୍ୟାନ୍ୟ ସାମଗ୍ରୀକୁ ମଧ୍ୟ ଚିଲିକା ଭିତରେ ଫୋପାଡୁଛନ୍ତି। ଏପରିକି କାଳିଜାଇ ମନ୍ଦିର ଆଖପାଖରେ ମଧ୍ୟ ପ୍ଲାଷ୍ଟିକ ସାମଗ୍ରୀ ପଡୁଥିବା ଲକ୍ଷ୍ୟ କରାଯାଉଛି। ପ୍ଲାଷ୍ଟିକ କଟକଣାକୁ ରାଜ୍ୟରେ ପ୍ରାୟତଃ କେହି ମାନୁନାହାନ୍ତି। ସେହିଭଳି ଚିଲିକା ଆଖପାଖରେ ନିୟମିତ ଭାବେ ପ୍ଲାଷ୍ଟିକ ମୁଣି ଓ ଅନ୍ୟାନ୍ୟ ପ୍ଲାଷ୍ଟିକ ସାମଗ୍ରୀ ଉପରେ ଚଢଉ ହେଉନଥିବାରୁ ସେଠାରେ ଅବାଧରେ ଏହିସବୁ ସାମଗ୍ରୀର ବ୍ୟବହାର ବଢ଼ିବାରେ ଲାଗିଛି। ଚିଲିକା ଜଳରାଶି ଲାଗିଥିବା ସ୍ଥଳଭାଗରେ ଲୋକେ ମନଇଚ୍ଛା ପଲିଥିନ୍ ଓ ଅନ୍ୟାନ୍ୟ ପ୍ଲାଷ୍ଟିକ ସାମଗ୍ରୀ ଫୋପାଡୁଥିବାରୁ ତାହା ଧିରେ ଧିରେ ଚିଲିକା ଭିତରକୁ ଚାଲିଯାଉଛି। ଏହାଛଡା ପର୍ଯ୍ୟଟକମାନେ ସାଙ୍ଗରେ ନେଉଥିବା ପଲିଥିନ୍, ଥର୍ମକୁଲ୍ ଓ ଅନ୍ୟାନ୍ୟ ପ୍ଲାଷ୍ଟିକ ସାମଗ୍ରୀକୁ ଚିଲିକା ଭିତରେ ଫୋପାଡି ଦେଉଛନ୍ତି। ଏହା କେବଳ ଚିଲିକାର ଜଳରାଶିକୁ ପ୍ରଦୂଷିତ କରୁନାହିଁ, ଚିଲିକାରେ ଥିବା ମାଛ, ଚିଙ୍ଗୁଡି, କଙ୍କଡା ସମେତ ଅନ୍ୟାନ୍ୟ ଜଳଜୀବଙ୍କ ପାଇଁ ଗୁରୁତର ସମସ୍ୟା ସୃଷ୍ଟି କଲାଣି। ଚିଲିକାରେ ଧିରେ ଧିରେ ମାଛ, କଙ୍କଡା ଆଦିର ଉତ୍ପାଦନ ହ୍ରାସ ପାଉଥିବାବେଳେ ସେଠାରେ ପରିବେଶ ଅନୁକୂଳ ଡଙ୍ଗା ଚଳାଚଳ ଉପରେ କର୍ତ୍ତୃପକ୍ଷ ଗୁରୁତ୍ୱ ଦେଉଛନ୍ତି। ହେଲେ ପଲିଥିନ୍ ଉପରେ କଡା କଟକଣା ନଥିବାରୁ ଏହାର ପ୍ରଦୂଷଣ ଏବେ ଡିଜେଲ ଚାଳିତ ଡଙ୍ଗା ପ୍ରଦୂଷଣକୁ ଟପିବାକୁ ବସିଲାଣି। ପରିବେଶବିତ୍‌ମାନଙ୍କ ମତରେ ଯଦି କର୍ତ୍ତୃପକ୍ଷ ତୁରନ୍ତ କଟକଣା ଲଗାଇବା ସହିତ ଚିଲିକା ଭିତରେ ପଡୁଥିବା ପଲିଥିନ୍‌କୁ ବାହାର ନକରନ୍ତି ଏହା ଚିଲିକାର ଜଳରାଶିକୁ ବିଷାକ୍ତ କରିବା ସହିତ ମୃତ୍ତିକାକୁ ମଧ୍ୟ ନଷ୍ଟ କରିଦେବ। ଏପରିକି ଏହାର ପ୍ରଭାବ ଆଗାମୀ ଦିନରେ ଚିଲିକା ମୁହାଣ ଉପରେ ପଡ଼ିବ ବୋଲି ପରିବେଶବିତ୍‌ମାନେ ଚେତାବନୀ ଦେଲେଣି। ତେବେ ପ୍ଲାଷ୍ଟିକ କବଳରୁ ଚିଲିକାକୁ ମୁକ୍ତ ରଖିବାପାଇଁ ଚିଲିକା କୂଳରେ ବସବାସ କରୁଥିବା ଲୋକଙ୍କ ସହିତ ମତ୍ସ୍ୟଜୀବୀ ଓ ଡଙ୍ଗା ଚାଳକମାନଙ୍କୁ ଚିଲିକାର ସୁରକ୍ଷା ଓ ପ୍ଲାଷ୍ଟିକର ବିପଦ ସଂକ୍ରାନ୍ତରେ ତୁରନ୍ତ ସଚେତନ କରାଯିବା ଆବଶ୍ୟକ। ଏହା ନହେଲେ ପ୍ଲାଷ୍ଟିକ ଯୋଗୁଁ ଚିଲିକାର ଜୈବ ବିବିଧତା କେବଳ ନଷ୍ଟ ହେବନାହିଁ, ଏହା ଉପରେ ନିର୍ଭରଶୀଳ ଶହ ଶହ ଲୋକେ ଜୀବିକା ହରାଇବେ। (ତଥ୍ୟ)

## ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣି ଅନୁଷ୍ଠିତ

ପୁରୀ,୨୫।୧୧(ସଂଚାର ବ୍ୟୁରୋ): ପୁରୀ ଜିଲ୍ଲା ସ୍ତରୀୟ ଅଭିଯୋଗ ଶୁଣାଣି ଆଜି ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା।ଏଥିରେ ୭୮ ଗୋଟି ଅଭିଯୋଗ ମିଳିଥିଲା।ଏଥିରେ ବ୍ୟକ୍ତିଗତ ଅଭିଯୋଗ ୬୭ ଗୋଟି, ଗ୍ରାମ ଅଭିଯୋଗ ୪ ଗୋଟି, ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି ରୁ ସହାୟତା ପାଇଁ ୫ ଗୋଟି ଓ ୨ ଗୋଟି ରେଡକ୍ରସ ରୁ ସହାୟତା ସମ୍ପର୍କରେ ରହିଥିଲା।ତନ୍ମଧ୍ୟରୁ ୧୬ ଗୋଟିର ତୁରନ୍ତ ସମାଧାନ କରାଯାଇଥିଲା। ଅଭିଯୋଗ ଗୁଡିକ ଆଇନ ଅନୁସାରେ ଅନୁଧ୍ୟାନ କରି ଯଥାଶୀଘ୍ର ସମାଧାନ ପାଇଁ ବିଭିନ୍ନ ବିଭାଗକୁ ପ୍ରେରଣ କରାଯାଇଥିଲା ବୋଲି ଅଭିଯୋଗ



ପ୍ରକୋଷ୍ଠ ପକ୍ଷରୁ ସୂଚନା ଦିଆଯାଇଛି।ଅନ୍ୟ ମାନଙ୍କ ମଧ୍ୟରେ ଏସପି ବିନୀତ ଅଗ୍ରୱାଲ, ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଏଡିଏମଓ ଡା ବିରଜା ଶଙ୍କର ରଥ, ଅଭିଯୋଗ ଶୁଣାଣି ଅଧିକାରୀ ଆଶୁତୋଷ ଦେ ଓ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଏହି ଶୁଣାଣିରେ ଯୋଗ ଦେଇଥିଲେ।

## 'ନଇ ଚେତନା-ପହଲ ବଦଲାଓ କି'ର ଶୁଭାରମ୍ଭ




ନୂଆଦିଲ୍ଲୀ,୨୫।୧୧: କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ଏବଂ କୃଷି ତଥା କୃଷକ କଲ୍ୟାଣ ମନ୍ତ୍ରୀ ଶ୍ରୀ ଶିବରାଜ ସିଂ ଚୌହାନ ଆଜି ନୂଆଦିଲ୍ଲୀରେ ଲିଙ୍ଗଭିତ୍ତିକ ହିଂସା ବିରୋଧରେ ଏକ ମାସ ଧରି ଚାଲିବାକୁ ଥିବା ଜାତୀୟ ଅଭିଯାନ 'ନଇ ଚେତନା- ପହଲ ବଦଲାଓ କି'ର ତୃତୀୟ ସଂସ୍କରଣର ଶୁଭାରମ୍ଭ କରିଛନ୍ତି। ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଶ୍ରୀମତୀ ଅନ୍ନପୂର୍ଣ୍ଣା ଦେବୀ, ଗ୍ରାମ୍ୟ ଉନ୍ନୟନ ରାଷ୍ଟ୍ରମନ୍ତ୍ରୀ କମଲେଶ ପାସୱାନ ଏବଂ ଡ. ଚନ୍ଦ୍ରଶେଖର ପେମସାଣି ଯୋଗ ଦେଇଥିଲେ। ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟ ତତ୍ତ୍ୱାବଧାନରେ ଦୀନଦୟାଲ ଅନ୍ତ୍ୟୋଦୟ ଯୋଜନା- ଜାତୀୟ ଗ୍ରାମୀଣ ଜୀବିକା ମିଶନ (ଡିଏୱାଇ-ଏନଆରଏଲଏମ) ଦ୍ୱାରା ଆୟୋଜିତ ଏହି ଅଭିଯାନ ୨୩ ଡିସେମ୍ବର ୨୦୨୪ ପର୍ଯ୍ୟନ୍ତ ସମସ୍ତ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳରେ ଚାଲିବ। ଡିଏୱାଇ-ଏନଆରଏଲଏମର ବ୍ୟାପକ ସ୍ୱୟଂ ସହାୟକ ଗୋଷ୍ଠୀ (ଏସଏଚଜି) ନେଟୱାର୍କର ନେତୃତ୍ୱରେ ଏହି ପଦକ୍ଷେପ ଜନ ଆନ୍ଦୋଳନର ଭାବନାକୁ ପ୍ରତିଫଳିତ କରୁଛି। ନଇ ଚେତନା ଅଭିଯାନର ଉଦ୍ଦେଶ୍ୟ ହେଉଛି ସଚେତନତା ବୃଦ୍ଧି କରିବା ଏବଂ ତୃଣମୂଳ ସ୍ତରରେ ପଦକ୍ଷେପ ମାଧ୍ୟମରେ ଲିଙ୍ଗ ଭିତ୍ତିକ ହିଂସା ବିରୋଧରେ ସଚେତନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା। କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଶିବରାଜ ସିଂହ ଚୌହାନ କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଶ୍ରୀମତୀ ଅନପୂର୍ଣ୍ଣା ଦେବୀ ଏବଂ ଗ୍ରାମ୍ୟ ଉନ୍ନୟନ ରାଷ୍ଟ୍ରମନ୍ତ୍ରୀ କମଲେଶ ପାଶୱାନ ଏବଂ ଡ. ଚନ୍ଦ୍ରଶେଖର ପେମସାନିଙ୍କ ସହ ନଇ ଚେତନା ୩.୦ ମିଳିତ ପରାମର୍ଶ କୁ ଉନ୍ମୋଚନ କରିଛନ୍ତି। ସେମାନେ ୧୩ଟି ରାଜ୍ୟରେ ୨୨୭ଟି ନୂତନ ଜେଣ୍ଡର ରିସୋର୍ସ ସେଣ୍ଟର ଉଦଘାଟନ କରିଛନ୍ତି। ଶ୍ରୀ ଶିବରାଜ ସିଂ ଚୌହାନ କହିଛନ୍ତି ଯେ ମଧ୍ୟପ୍ରଦେଶର ମୁଖ୍ୟମନ୍ତ୍ରୀ ଥିବା ସମୟରେ ସେ ମହିଳାଙ୍କ ବିକାଶ ପାଇଁ ଅନେକ ଯୋଜନା ଆରମ୍ଭ କରିଥିଲେ।

ଜୀବନ ଅମୃତ ଅନୁଚିନ୍ତା

ମାତୃକୃପା-ଯେତେବେଳେ ମା'ଙ୍କ ପବିତ୍ର ଶ୍ରୀଚରଣ ଧୂଳି ଆଶୀର୍ବାଦର ମୁକୁଟ ହୋଇ ମସ୍ତକରେ ଝରେ, ସେତେବେଳେ ଜୀବନ ଅମୃତ ଓ ସାର୍ଥକ ହୋଇଯାଏ।

SANCHAR ସଞ୍ଚାର



# ଭୋଟ ଗଣିତ ଭୁଲ ହେଉଛି

ଭାରତୀୟ ରାଜନୀତିରେ ଭୋଟ ବ୍ୟାଙ୍କ ସୃଷ୍ଟି କରିବାର ପ୍ରୟାସ ଧିରେ ଧିରେ ସଫଳ ହେଉଛି। ଏଥିପାଇଁ ଅନେକ ନିର୍ବାଚନରେ ଆକଳନ ଭୁଲ ପ୍ରମାଣିତ ହେଉଛି ଏବଂ ଅପ୍ରତ୍ୟାଶିତ ଫଳାଫଳ ଦେଖିବାକୁ ମିଳୁଛି। ଏହାର କାରଣ ହେଲା ଜାତି-ଧର୍ମ-ଲିଙ୍ଗ ଆଧାରରେ ;ଭୋଟ ବ୍ୟାଙ୍କ ସୃଷ୍ଟି। ଭୋଟ ବ୍ୟାଙ୍କ ସୃଷ୍ଟି କରି ନିର୍ବାଚନରେ ବିଜୟ ହାସଲ ସମ୍ଭବ ତାହା ନିକଟରେ ଅନୁଷ୍ଠିତ ବିଭିନ୍ନ ରାଜ୍ୟ ବିଧାନସଭା ନିର୍ବାଚନ ଫଳାଫଳରୁ ସ୍ପଷ୍ଟ ହୋଇଛି। ପୂର୍ବରୁ କେବଳ ଧାର୍ମିକ ସଂଖ୍ୟାଲଘୁ ଗୋଷ୍ଠୀ ବା ଆଦିବାସୀ/ଦଳିତ ଭୋଟ ବ୍ୟାଙ୍କ ନିର୍ବାଚନରେ ନିର୍ଣ୍ଣାୟକ ସାବ୍ୟସ୍ତ ହେଉଥିଲା। ଏହି ଆଧାରରେ କଂଗ୍ରେସ ଦୀର୍ଘ ବର୍ଷ ଧରି ଦେଶରେ ଶଶସନ କ୍ଷମତା ଆକ୍ତିଆର କରି ରଖିଥିଲା। ଏବେ କଂଗ୍ରେସର ଏହି ଭୋଟ ବ୍ୟାଙ୍କ ଦୁର୍ବଳ ହୋଇଯାଇଛି। ଏହା ସହିତ ନୂଆ ଭୋଟ ବ୍ୟାଙ୍କ ସୃଷ୍ଟି ହୋଇଛି। ଏଥିରେ ପ୍ରମୁଖ ଭୂମିକା ନେଇଛନ୍ତି ମହିଳା ଭୋଟର। ମହିଳାଙ୍କ ସମର୍ଥନ ଯୋଗୁଁ ମହାରାଷ୍ଟ୍ରରେ ମହାୟୁତି ଏବଂ ଝାଡ଼ଖଣ୍ଡରେ ଜେଏମଏମ ବିଜୟୀ ହେଲା। ଜାତି, ଧର୍ମ ବା ଲିଙ୍ଗ ଆଧାରରେ ଏହି ଭୋଟ ବ୍ୟାଙ୍କ ସୃଷ୍ଟି କରାଯାଉଛି। ଅନେକ ଦଳ ମହିଳମାନଙ୍କୁ ପ୍ରଲୋଭିତ ବା ପ୍ରଭାବିତ କରି ସେମାନଙ୍କ ଭୋଟ ହାତେଇବାରେ ସଫଳ ହେଉଛନ୍ତି। ଅତୀତରେ ଓଡ଼ିଶାରେ ବିଜେଡି ମହିଳା ଭୋଟ ବ୍ୟାଙ୍କ ସୃଷ୍ଟି କରି ଅନେକ ବର୍ଷ କ୍ଷମତାରେ ରହିଲା। ଏବେ ବିଜେପି ସେହି ନୀତି ଆପଣାଇଛି। ମହିଳାମାନେ ମିଳିତ ଭାବେ ଯାହାକୁ ଭୋଟ ଦେବେ ସେ ନିର୍ବାଚନୀ ସଫଳତା ପାଇବା ସ୍ୱାଭାବିକ। ଗତ କିଛି ବର୍ଷ ହେବ ନିର୍ବାଚନରେ ମହିଳାଙ୍କ ମତଦାନ ହାର ଅଧିକ ରହୁଥିବା ଦେଖାଯାଉଛି। ମହାରାଷ୍ଟ୍ରରେ ବିଜେପି ନେତୃତ୍ୱାଧିନ ମହାୟୁତିର ବିଜୟ ପଛରେ ଏହା ଏକ ବଡ଼ କାରଣ ବୋଲି ଖୋଦ ଶରଦ ପାୱାର ସ୍ୱୀକାର କରିଛନ୍ତି। ମହିଳାମାନେ ଏଥର ବହୁ ସଂଖ୍ୟାରେ ଆସି ମତଦାନ କରିବା ଦ୍ୱାରା ସବୁ ଆକଳନ ଭୁଲ ପ୍ରମାଣିତ ହେଲା ବୋଲି ସେ କହିଛନ୍ତି। ସେ କହିଛନ୍ତି ଯେ, ନିର୍ବାଚନ ପୂର୍ବରୁ ସିନ୍ଦେ ସରକାର ମହିଳାଙ୍କ ସମର୍ଥନ ପାଇବାକୁ ଲାଡଲି ବହେନ ଯୋଜନା କାର୍ଯ୍ୟକାରୀ କରିବା ଦ୍ୱରା ମହିଳାମାନେ ବହୁ ସଂଖ୍ୟାରେ ଆସି ବିଜେପି ମେଣ୍ଟ ସପକ୍ଷରେ ଭୋଟ ଦେଲେ। ଠିକ ସେହିପରି ଝାଡ଼ଖଣ୍ଡରେ ଆଦିବାସୀ ମହିଳା ମାନେ ଜେଏମଏମ ନେତୃତ୍ୱାଧିନ ମେଣ୍ଟ ସପକ୍ଷରେ ଭୋଟ ଦେବା ଫଳରେ ସେଠାରେ ଏନଡିଏ ପରାଜିତ ହେଲା। ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କ ପତ୍ନୀ କଳ୍ପନା ସୋରେନ ଥିଲେ ଏହି ନିର୍ବାଚନରେ ମୁଖ୍ୟ ଆକର୍ଷଣ। ତାଙ୍କୁ ଦେଖିବା ପାଇଁ ଦୁରଦୂରାନ୍ତରୁ ଆଦିବାସୀ ମହିଳମାନେ ନିର୍ବାଚନୀ ସଭାରେ ରୁଣ୍ଡ ହେଉଥିଲେ। ସେମାନେ ମିଳିତ ଭାବେ ଜେଏମଏମ ମେଣ୍ଟକୁ ସମର୍ଥନ କରିବା ଫଳରେ ସବୁ ପ୍ରକାର ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଇଣ୍ଡିଆ ବ୍ଲକ ସେଠାରେ ବିଜୟୀ ହେଲା। ନଚେତ ହେମନ୍ତ ସରକାରଙ୍କ ବିରୋଧରେ ଯେଉଁ ସବୁ ଦୁର୍ନୀତି ଅଭିଯୋଗ ରହିଥିଲା ସେଥିରେ ଏହି ଦଳ ପରାଜିତ ହେବା ସୁନିଶ୍ଚିତ ଥିଲା। କହିବା ବାହୁଲ୍ୟ ଯେ, ଗତ ଲୋକସଭା ନିର୍ବାଚନରେ ଉଭୟ ମହାରାଷ୍ଟ୍ର ଏବଂ ଝାଡ଼ଖଣ୍ଡରେ ଗତ ଲୋକସଭା ନିର୍ବାଚନରେ ବିପରୀତ ଫଳାଫଳ ଦେଖିବାକୁ ମିଳିଥିଲା। ମାତ୍ର ୫ ମାସ ବ୍ୟବଧାନରେ ଜନମତ ବଦଳିଗଲା। ଏହା ପୂର୍ବରୁ ଲୋକସଭା ନିର୍ବାଚନରେ ଉତ୍ତର ପ୍ରଦେଶରେ କଂଗ୍ରେସ-ସମାଜବାଦୀ ପାର୍ଟୀ ମେଣ୍ଟ ସପକ୍ଷରେ ଜନମତ ଯାଇଥିଲା। ଏହାର କାରଣ ମଧ୍ୟ ଥିଲା ମହିଳା ଭୋଟର। କଂଗ୍ରେସ-ସପା ମେଣ୍ଟ ଏହି ନିର୍ବାଚନରେ ଭଲ ପ୍ରଦର୍ଶନ କରିବାର ମୁଖ୍ୟ କାରଣ ଥିଲା ମହିଳା ଭୋଟରଙ୍କୁ ଆକୃଷ୍ଟ କରିବା ନିମନ୍ତେ ଲୋଭନୀୟ ପ୍ରତିଶ୍ରୁତି। ନଚେତ ଉତ୍ତରପ୍ରଦେଶରେ ବିଜେପି ଖରାପ ପ୍ରଦର୍ଶନ କରିବାର କିଛି କାରଣ ନଥିଲା। ଅନ୍ୟ ସବୁ ରାଜ୍ୟରେ ଏଭଳି ଭାବେ ମହିଳା ଭୋଟରମାନେ ନିର୍ଣ୍ଣାୟକ ହେଉଛନ୍ତି। ଏହା ଏକ ବଡ଼ ରାଜନୈତିକ କୌଶଳ ହୋଇଛି। ବିକାଶ, ସୁଶାସନ ମୂଲ୍ୟହୀନ। ରାଜନୈତିକ ଦୃଷ୍ଟିରୁ ଦେଶର ଏକ ପ୍ରମୁଖ ରାଜ୍ୟ ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ଜନମତ ସ୍ପଷ୍ଟ ଭାବେ ବିଜେପି ନେତୃତ୍ୱାଧିନ ମହାୟୁତି ବା ଏନଡିଏ ସପକ୍ଷରେ ଯାଇଛି। ଅଧିକାଂଶ ଏକଜିଟ ପୋଲ ରିପୋର୍ଟରେ ରାଜ୍ୟରେ ମହାୟୁତିର ବିଜୟ ସମ୍ଭାବନା ନେଇ ପୂର୍ବାନୁମାନ ପ୍ରକାଶ ପାଇଥିଲା। କିନ୍ତୁ କେହି ଆଶା କରିନଥିଲେ ଯେ, ମହାୟୁତିକୁ ୨୦୦ରୁ ଅଧିକ ଆସନ ମିଳିବ ବୋଲି। କିନ୍ତୁ ମହାରାଷ୍ଟ୍ରବାସୀ ସବୁ ଆକଳନକୁ ଭୁଲ ପ୍ରମାଣିତ କରି ମହାୟୁତି ସପକ୍ଷରେ ସ୍ପଷ୍ଟ ମତ ଦେଇଛନ୍ତି। ମହାରାଷ୍ଟ୍ର ଭଳି ଏକ ବଡ଼ ରାଜ୍ୟରେ ଲୋକେ ଏକ ସ୍ଥିର ସରକାର ଚାହିଁଛନ୍ତି। ଗତ ଲୋକସଭା ନିର୍ବାଚନରେ ମହାରାଷ୍ଟ୍ରରେ ଏନଡିଏ ଭଲ ପ୍ରଦର୍ଶନ କରିନଥିଲା ଏବଂ ମହାବିକାଶ ଅଘାଡ଼ି ଅଧିକ ଆସନରେ ବିଜୟୀ ହୋଇଥିଲା। ବିଧାନସଭା ନିର୍ବାଚନରେ ଏହାର ପୁନରାବୃତ୍ତି ହୋଇପାରେ ବୋଲି ଯାହା ଆକଳନ କରାଯାଉଥିଲା ତାହା ଭୁଲ ପ୍ରମାଣିତ ହୋଇଛି। ମହାୟୁତିର ସଠିକ ରଣନୀତି ଏଥର ସଫଳ ହୋଇଛି। ଗତ ଥର ମଧ୍ୟ ଜନାଦେଶ ଏନଡିଏ ବା ବିଜେପି-ଶିବସେନା ସପକ୍ଷରେ ଯାଇଥିଲା। କିନ୍ତୁ ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପରେ ଶିବସେନା ଧୋକାବଜି କଲା ଏବଂ ଏନଡିଏରୁ ଓହରି କଂଗ୍ରେସ ସହ ହାତ ମିଳାଇଲା ଉଦ୍ଧବ ଠାକରେ ହେଲେ ମୁଖ୍ୟମନ୍ତ୍ରୀ। ଏହା ଥିଲା ଜନାଦେଶର ଅପହରଣ। ପରେ ଅବଶ୍ୟ ଶିବସେନା ଏବଂ ଏନସିପିରେ ବିଭାଜନ ହେଲା ଏବଂ ସରକାର ବଦଳି ଗଲା। ବିଭାଜିତ ଶିବସେନା ଗୋଷ୍ଠୀର ନେତା ଏକନାଥ ସିନ୍ଦେଙ୍କ ନେତୃତ୍ୱରେ ସରକାର ଗଠିତ ହେଲା। ସିନ୍ଦେଙ୍କ ସରକାର ଠାକରେ ସରକାରଠାରୁ ଭଲ ପ୍ରଦର୍ଶନ କରିଛି। ତେଣୁ ଜନମତ ସରକାର ସପକ୍ଷରେ ଯାଇଛି। ଚଳିତ ନିର୍ବାଚନରେ ମହାରାଷ୍ଟ୍ରବାସୀ ଉଦ୍ଧବ ଠାକରେଙ୍କ ନେତୃତ୍ୱାଧିନ ଶିବସେନାକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ଜନତାଙ୍କ ସହ ଯିଏ ପ୍ରତାରଣା କରିବ ତାକୁ ଏଭଳି ପରିଣତିର ସମ୍ମୁଖୀନ ହେବାକୁ ପଡ଼ିବ। ସେହିପରି ଶରଦ ପାୱାରଙ୍କ ଏନସିପି ମଧ୍ୟ ଚଳିତ ନିର୍ବାଚନରେ ପରାଜିତ ହୋଇଛି। ଲୋକେ ଅଜିତ ପାୱାରଙ୍କ ଗୋଷ୍ଠୀକୁ ସ୍ୱୀକୃତି ପ୍ରଦାନ କରିଛନ୍ତି। ଅବଶ୍ୟ ଅଜିତ ପାୱାରଙ୍କ ନେତୃତ୍ୱାଧିନ ଏନସିପି ସଫଳ ହେବାର ମୁଖ୍ୟ କାରଣ ହେଲା ବିଜେପି ବା ଏନଡିଏ ସପକ୍ଷରେ ଜନମତ। ଲୋକେ ଏନଡିଏ ସପକ୍ଷରେ ବା ବିଜେପି ସପକ୍ଷରେ ରାୟ ଦେଇଛନ୍ତି। ଯିଏ ବିଜେପି ସହ ରହିଛି ସେ ବିଜୟୀ ହୋଇଛି। ଏବେ ପ୍ରଶ୍ନ ଉଠୁଛି ମହାୟୁତି ବିଜୟ ହାସଲ କରିବା ପରେ କିଏ ହେବେ ମୁଖ୍ୟମନ୍ତ୍ରୀ। ଏକନାଥ ସିନ୍ଦେ ନା ଦେବେନ୍ଦ୍ର ଫଡ଼ନାବିଶ। ତିନିଦଳ ମଧ୍ୟରୁ ବିଜେପି ସର୍ବାଧିକ ଆସନରେ ବିଜୟୀ ହୋଇଛି। ସଂଖ୍ୟା ଗରିଷ୍ଠତା ଲାଗି ୧୪୫ ଆସନର ଆବଶ୍ୟକତା ଥିବା ବେଳେ ବିଜେପି ୧୪୯ ଆସନରେ ପ୍ରାର୍ଥୀ ଦେଇଥିଲା। ଏଥିରୁ ୧୨୦ରୁ ଅଧିକ ଆସନରେ ଦଳକୁ ସଫଳତା ମିଳିଛି। ତେଣୁ ସ୍ୱାଭାବିକ ଭାବେ ବିଜେପିରୁ ହିଁ ମୁଖ୍ୟମନ୍ତ୍ରୀ ହେବା କଥା। କିନ୍ତୁ ଏକନାଥ ସିନ୍ଦେଙ୍କ ନେତୃତ୍ୱାଧିନ ସରକାର ସପକ୍ଷରେ ରାୟ ଯାଇଛି। ତେଣୁ ତାଙ୍କୁ ଅଣଦେଖା କରାଯାଇପାରିବନି। ବାସ୍ତବରେ ସିନ୍ଦେ ଶିବସେନା ଛାଡ଼ି ଏନଡିଏରେ ସାମିଲ ହେବା ପରେ ହିଁ ମହାରାଷ୍ଟ୍ର ରାଜନୀତିର ଖେଳ ବଦଳିଯାଇଥିଲା। ସେ ଥିଲେ ଗେମ ଚେଞ୍ଜର। ତେଣୁ ତାଙ୍କୁ ଅଣଦେଖା କରାଯାଇପାରିବନି। ଯାହା ଆକଳନ କରାଯାଉଛି ଏଥର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଚୟନ କରିବା ବେଳେ ମହାୟୁତିକୁ ବେଶ କସରତ କରିବାକୁ ପଡ଼ିବ। ବିଜେପି ଏକାକି ସଂଖ୍ୟାଗରିଷ୍ଠତା ନପାଇଲେ ମଧ୍ୟ ଏହାର ପାଖାପାଖି ରହିଛି। ତେଣୁ ସିନ୍ଦେଙ୍କୁ ଅଣଦେଖା କରି ବିଜେପି ଯଦି ଏକପାଖିଆ ଭାବେ ଦେବେନ୍ଦ୍ର ଫଡ଼ନାବିଶଙ୍କୁ ମୁଖ୍ୟମନ୍ତ୍ରୀ କରିବା ନିମନ୍ତେ ନିଷ୍ପତ୍ତି ନିଏ ତେବେ କିଛି ଅସୁବିଧା ହେବନି। କିନ୍ତୁ ବର୍ତ୍ତମାନ ପରିସ୍ଥିତିରେ ସିନ୍ଦେ ହୁଅନ୍ତୁ ବା ଅଜିତ ପାୱାର ବିଜେପି କାହାର ହାତ ଛାଡ଼ିବା ଅନୁଚିତ। କାରଣ ଏହିସବୁ ଦଳର କିଛି କିଛି ଲୋକସଭା ସଦସ୍ୟ ଅଛନ୍ତି। ତେଣୁ ବିଜେପି ହାଇକମାଣ୍ଡ କୌଣସି ପ୍ରକାରେ ସିନ୍ଦେ ଏବଂ ଅଜିତ ପାୱାରଙ୍କୁ ସନ୍ତୁଷ୍ଟ କରି ମନ୍ତ୍ରିମଣ୍ଡଳରେ ଉପଯୁକ୍ତ ପ୍ରତିନିଧିତ୍ୱର ସୁଯୋଗ ଦେଇପାରେ। ଏହି ନିର୍ବାଚନ ଫଳାଫଳ ଉଦ୍ଧବ ଏବଂ ଶରଦ ପାୱାରଙ୍କ ପାଇଁ ବଡ଼ ସବକ ହୋଇଛି। ସବୁଦିନ ଲୋକଙ୍କୁ ଅନ୍ଧାରରେ ରଖି ଗୋଟିଏ ଦୁଇଟି ପରିବାର ଶାସନକୁ ନିଜ ହାତ ମୁଠାରେ ରଖିପାରିବେ ନାହିଁ। ଏବେ ଶରଦ ପାୱାର ରାଜନୀତିରୁ ଅବସର ନେବାର ସମୟ। ଆଉ ଉଦ୍ଧବ ଠାକରେ ବାଲା ସାହେବଙ୍କ ଉପଯୁକ୍ତ ଦାୟାଦ ନୁହଁନ୍ତି ଏବଂ ସେ ବାଲା ସାହେବ ଠାକରେଙ୍କ ନୀତି ଆଦର୍ଶରୁ ଦୁରେଇ ଯାଇଥିବାରୁ ଲୋକେ ତାଙ୍କୁ ଦଣ୍ଡିତ କଲେ ବୋଲି ସ୍ୱୀକାର କରିବାକୁ ପଡ଼ିବ। ତାଙ୍କର ଏବେ ଆତ୍ମସମୀକ୍ଷା କରିବାର ସମୟ ଆସିଛି। ମହାରାଷ୍ଟ୍ର ଓ ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନରେ ଶାସକ ମେଣ୍ଟର ବିଜୟ ଅନେକଙ୍କୁ ବିସ୍ମିତ କରିଛି। କାରଣ ଗୋଟିଏ ଦଳ ଲଗାତାର ୫/୧୦ ବର୍ଷ କ୍ଷମତାରେ ରହିବା ପରେ ଏହାର ଲୋକପ୍ରିୟତା ଏବଂ ଭୋଟ ହାର ହ୍ରାସ ପାଇଥାଏ। କ୍ୱଚିତ ଏହାର ବ୍ୟତିକ୍ରମ ଦେଖାଯାଇଥାଏ। କିନ୍ତୁ ଏବେ ଅନେକ ରାଜ୍ୟରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳୁଛି। ଆଉ କେତେକ ରାଜ୍ୟରେ ଶାସକ ବା ବିରୋଧୀ ଦଳ ପକ୍ଷରୁ ନିର୍ବାଚନ ଇସ୍ତାହାରରେ ଏଭଳି କିଛି ଲୋଭନୀୟ ପ୍ରତିଶ୍ରୁତି ଦିଆଯାଉଛି ଯାହାକୁ ଭରସା କରି ମଧ୍ୟ ମତଦାତା ସେମାନଙ୍କର ମତାଧିକାର ସାବ୍ୟସ୍ତ କରୁଛନ୍ତି। ସବୁ ଦଳ ନିର୍ଦ୍ଦିଷ୍ଟ ଗୋଷ୍ଠୀ ବା ସମ୍ପ୍ରଦାୟକୁ ପ୍ରଲୋଭିତ କରି ଏକ ଭୋଟ ବ୍ୟାଙ୍କ ସୃଷ୍ଟି କରୁଛନ୍ତି। ହୋଇଯାଇଛି। ଦେଶର ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି କୌଣସି ସରକାର ଯଦି କଠୋର ପଦକ୍ଷେପ ନିଅନ୍ତି ତେବେ ପରବର୍ତ୍ତୀ ନିର୍ବାଚନରେ ଏହାକୁ ପରାଜୟର ସାମନା କରିବାକୁ ପଡ଼ିବ। ଲୋକେ ଚାହୁଁଛନ୍ତି ସେମାନଙ୍କର କ'ଣ ବ୍ୟକ୍ତିଗତ ଫାଇଦା ହେବ। ସେମାନେ ତାକୁ ଭୋଟ ଦେବେ। ଏହା ଗଣତନ୍ତ୍ର ପାଇଁ ଆଦୌ ଶୁଭଙ୍କର ବା ସ୍ୱାଗତଯୋଗ୍ୟ ନୁହେଁ। ଏଥିପାଇଁ ରାଜନୈତିକ ଦଳମାନଙ୍କୁ ଦୋଷ ଦେବା ଅନୁଚିତ। ଆମେ ସାଧାରଣ ଜନତା ଯେ ପର୍ଯ୍ୟନ୍ତ ସଚେତନ ହୋଇନାହୁଁ ଏବଂ ପ୍ରଲୋଭନର ଶୀକାର ହୋଇ ନିଜ ଭୋଟ ଦାନ କରୁଥିବୁ ସେ ପର୍ଯ୍ୟନ୍ତ ନିର୍ବାଚନ ଗଣିତ ଏମିତି ଭୁଲ ହେଉଥିବ।

# ଜନାଦେଶରେ ମହିଳା

**ବ୍ରଜ ରଞ୍ଜନ ଦାଶ**

ଭାରତର ନିର୍ବାଚନ ପ୍ରକ୍ରିୟାରେ ଜନାଦେଶକୁ ଓଲଟ ପାଲଟ କରିବାରେ ମହିଳା ମାନଙ୍କର ଭୂମିକା ନିର୍ଣ୍ଣାୟକ ହେଉଛି। ବହୁ ସଂଖ୍ୟାରେ ମହିଳା ମତଦାନ କରିବାକୁ ଆସୁଛନ୍ତି। ଏପରିକି ମହିଳା ମାନଙ୍କର ଚାପରେ ପ୍ରଭାବିତ ହୋଇ ପୁରୁଷମାନେ ସେମାନଙ୍କର ଭିନ୍ନ ମତ ଥିଲେ ସୁଦ୍ଧା ଏକପ୍ରକାର ବାଧ୍ୟବାଧକତାରେ ସେମାନଙ୍କର ମତାଧିକାର ସାବ୍ୟସ୍ତ କରୁଛନ୍ତି। ରାଜନୈତିକ ଦଳ ଓ ଏହାର ନେତାମାନେ ଚତୁରତାର ସହିତ ମହିଳାମାନଙ୍କୁ ପ୍ରଭାବିତ କରିବା ପାଇଁ ସେମାନଙ୍କର ନିର୍ବାଚନୀ ଘୋଷଣାପତ୍ରରେ ଆର୍ଥିକ ପ୍ୟାକେଜର ପ୍ରତିଶ୍ରୁତି ଦେଉଛନ୍ତି। କୌଣସି ଆର୍ଥିକ ସହାୟତା ଘୋଷଣା କରିବା ଲାଞ୍ଚ ସହିତ ସମାନ ବୋଲି ନ୍ୟାୟାଳୟ ରାୟ ଦେଇଥିବା ସତ୍ତ୍ୱେ ନିର୍ବାଚନ କମିଶନ ଏଥିପ୍ରତି ଆଦୌ ଗୁରୁତ୍ୱ ଦେଇନାହାନ୍ତି। ଏଥିଯୋଗୁଁ ନ୍ୟାୟାଳୟ ପ୍ରତି ଲୋକମାନଙ୍କର ଆସ୍ଥା ପ୍ରଭାବିତ ହେଉଥିବା ବେଳେ ନିର୍ବାଚନ କମିଶନର ଭୂମିକା ପ୍ରତି ସନ୍ଦେହ ସୃଷ୍ଟି ହେଉଛି। କେତେ ସଂଖ୍ୟାରେ ମହିଳା ଓ କେତେ ସଂଖ୍ୟାରେ ପୁରୁଷ ଭୋଟ ଦେଉଛନ୍ତି ତାହାର ନିର୍ଦ୍ଦିଷ୍ଟ ତଥ୍ୟ ଜାରି ହେଲେ ଜଣାପଡନ୍ତା କେତେ ପୁରୁଷ ଆଉ କେତେ ମହିଳା ଭୋଟ ଦେଉଛନ୍ତି। ମତଦାନ ହାରକୁ ନେଇ ବିଚାର କରାଗଲେ,ଭାରତରେ ଏହି ହାର ହାରାହାରି ୬୫ ପ୍ରତିଶତ ରହୁଛି। ଅବଶିଷ୍ଟ ୩୫ ପ୍ରତିଶତ ଭୋଟ ଦେଉନାହାନ୍ତି। ସେମାନଙ୍କ ମଧ୍ୟରେ ବୁଦ୍ଧିଜୀବୀ ସଂଖ୍ୟା ଅଧିକ ରହୁଛି। ସେ ଯାହାହେଉ, ଜନଦେଶରେ ମହିଳା ମାନଙ୍କର ଭୂମିକା ସମ୍ବନ୍ଧରେ ଆଲୋଚନା କଲେ ଗତ ମଧ୍ୟପ୍ରଦେଶ ବିଧାନସଭା ନିର୍ବାଚନ ଫଳାଫଳକୁ ଅନୁଧ୍ୟାନ କରିବାକୁ ହେବ। ମଧ୍ୟପ୍ରଦେଶରେ କଂଗ୍ରେସକୁ ଜାନାଦେଶ ମିଳିଥିଲା। ମୁଖ୍ୟମନ୍ତ୍ରୀ ଭାବରେ କାମଲନାଥ କେତେକ ଉଲ୍ଲେଖନୀୟ କାମ କରିଥିଲେ। କିନ୍ତୁ କରୋନାର ପ୍ରାଦୁର୍ଭାବ ସମୟରେ ବିଜେପିର କେନ୍ଦ୍ରୀୟ ନେତୃବୃନ୍ଦ କଂଗ୍ରେସ ସରକାରକୁ କ୍ଷମତାଚ୍ୟୁତ କରିବାକୁ ଗୋଡିଚାଳନା କରିଥିଲେ। କଂଗ୍ରେସର ଅତି ବିଶ୍ୱସ୍ତ ମାଧବ ରାଓ ସିନ୍ଧିଆ ବିଜେପିର ସହାୟତା କରିଥିଲେ। ତାଙ୍କର ନେତୃତ୍ୱରେ ପାଖାପାଖି ୨୦ ଜଣ ବିଧାୟକ ଓ ଅଧିକାଂଶ କଂଗ୍ରେସ କର୍ମୀ ଦଳ ଛାଡି ବିଜେପିରେ ସାମିଲ ହେବା ପରେ କଂଗ୍ରେସ ସରକାର ଭୁଶୁଡି ପଡିଥିଲା। ଶିବରାଜ ସିଂହ ଚୌହାନଙ୍କ ନେତୃତ୍ୱରେ ବିଜେପି ସରକାର କ୍ଷମତା ଦଖଲ କରିଥିଲା। ପରବର୍ତ୍ତୀ ସମୟରେ ଯେତେବେଳେ ବିଧାନସଭା ନିର୍ବାଚନ ହେଲା,କଂଗ୍ରେସ ପୁଣି ଥରେ କ୍ଷମତାକୁ ଫେରିବ ଓ ଜନତା ଦଳବଦଳ କରି ଜନାଦେଶକୁ ଅବମାନନା କରିଥିବା କ୍ଷମତା ଲାଳସାରେ ବଶୀଭୂତ ବିଜେପି ନେତାମାନଙ୍କୁ ଉଚିତ ଶିକ୍ଷା ଦେବେ ବୋଲି ଆଶା କରାଯାଉଥିଲା। କଂଗ୍ରେସର ନିର୍ବାଚନୀ ସଭା ମାନଙ୍କରେ ବିପୁଳ ସମାବେଶ ପରିଲକ୍ଷିତ ହେଉଥିଲା। କିନ୍ତୁ ନିର୍ବାଚନର ସନ୍ଧିକ୍ଷଣ ସମୟରେ ମାମା ନାମରେ ପରିଚିତ ଶିବରାଜ ଲାଡ଼ଲି ବେହେନା ନାମକ ଏକ ଯୋଜନାର ଘୋଷଣା କରିଦେଲେ। ରାକ୍ଷୀ ପୂର୍ଣ୍ଣିମା ଦିନ ଘୋଷଣା କରାଯାଇଥିବା ଏହି ଯୋଜନା ଅଧୀନରେ ମହିଳାମାନଙ୍କୁ ମାସିକ ୧୨୦୦ ଟଙ୍କା ମିଳିବ ବୋଲି ପ୍ରଚାର କରାଗଲା। କ୍ଷମତାକୁ ଆସିଲେ ସହାୟତା ରାଶି ଆହୁରି ବଢ଼ାଇବେ ବୋଲି ଶିବରାଜ ପ୍ରଚାର କଲେ। ରାଜ୍ୟରେ କ୍ରମାଗତ ଭାବରେ ୩ ଥର କ୍ଷମତାକୁ ଆସିଥିବା ବିଜେପି ବିରୋଧରେ ସତ୍ତା ବିରୋଧୀ ଲହର ଓ ଦଳ ବଦଳ ଆଦିର କୌଣସି ପ୍ରଭାବ ପଡିଲା ନାହିଁ। ଲାଡ଼ଲି ବେହେନାର ଯାଦୁ କାମ କଲା। ଏକଜିଟ ପୋଲ ଆକଳନଠାରୁ ବହୁ ଅଧିକ ସଂଖ୍ୟକ ଆସନରେ ବିଜେପି ବିଜୟ ହାସଲ କଲା। ବହୁ ସଂଖ୍ୟାରେ ମହିଳା ବିଜେପିକୁ



ଭୋଟ ଦେଇ କ୍ଷମତାକୁ ଆଣିଲେ। ଠିକ ସେହିପରି ଓଡ଼ିଶାରେ ନବୀନ ପଟ୍ଟନାୟକ ସରକାର ବିରୋଧରେ ୨୪ ବର୍ଷ ନିରବଚ୍ଛିନ୍ନ ଶାସନର ସତ୍ତା ବିରୋଧୀ ଲହର ରହିଥିଲା। କିନ୍ତୁ ନବୀନ ଓ ବିଜେଡି ସରକାର ଓଡ଼ିଶାର ଅଭୂତପୁର୍ବ ବିକାଶ କରି ସେଇ ଲହରର ମୁକାବିଲା କରିବାକୁ ଅଣ୍ଟା ଭିଡ଼ିଥିଲେ। କିନ୍ତୁ ବିଜେପିର ସୁଭଦ୍ରା ଯୋଜନା ବିଜେଡି ପାଇଁ କାଳ ହେଲା। ମିଶନ ଶକ୍ତି ଓ ମହିଳା ସଶକ୍ତିକରଣ ନାମରେ ଡିଣ୍ଡିମ ପିଟୁଥିବା ନବୀନ ସରକାରକୁ ମହିଳାମାନେ ପ୍ରତ୍ୟାଖ୍ୟାନ କଲେ। ସୁଭଦ୍ରା ଯୋଜନାରେ ୫୦,୦୦୦ ଟଙ୍କାର ପ୍ରଲୋଭନରେ ଆତ୍ମବିଭୋର ମହିଳା ପରିବର୍ତ୍ତନର ଆଢୁଆଳରେ ବିଜେପିକୁ ଭୋଟ ଦେଲେ। ସେହିପରି ବିକାଶ ଓ ସୁଶାସନର ଜିତ କୁହାଯାଉଥିବା ମହାରାଷ୍ଟ୍ରର ବିଧାନସଭା ନିର୍ବାଚନ ଫଳାଫଳରେ ମହିଳାମାନଙ୍କର ନିର୍ଣ୍ଣାୟକ ଭୂମିକାର ସ୍ପଷ୍ଟ ଚିତ୍ର ପ୍ରତିଫଳିତ ହୋଇଛି। ଓଡ଼ିଶାରେ ସୁଭଦ୍ରା ଯୋଜନା ଭଳି ୨୧ ବର୍ଷରୁ ୬୫ ବର୍ଷୀୟା ମହିଳାଙ୍କୁ ଟାର୍ଗେଟ କରାଯାଇଥିଲା। ବାର୍ଷିକ ୨.୫ ଲକ୍ଷରୁ କମ ଆୟ ଥିବା ମହିଳାଙ୍କ ଆକାଉଣ୍ଟକୁ ସିଧାସଳଖ ୧୫୦୦ ଟଙ୍କା ପ୍ରତ୍ୟକ୍ଷ ପୁଞ୍ଜି ହସ୍ତାନ୍ତର କରାଯାଉଥିଲା। କ୍ଷମତାକୁ ଆସିଲେ ଏହି ରାଶିକୁ ୨୧୦୦ ଟଙ୍କା କରିଦିଆଯିବ ବୋଲି ଘୋଷଣା କରାଯାଇଥିଲା। ସୁଭଦ୍ରା, ଲାଡ଼ଲି ବେହେନା ଭଳି ଲଡକି ବେହନ ନାମକ ଏହି ଯୋଜନା ମଧ୍ୟ ନିର୍ବାଚନ ଫଳାଫଳରେ କମାଲ ଦେଖାଇଛି। ହିନ୍ଦୁତ୍ୱ,ଆରଏସଏସ ଓ ଶିବାଜୀ ଫାକ୍ଟର ଏନଡିଏ ଓ ଏହାର ସହଯୋଗୀ ଦଳର ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଛି ବୋଲି କୁହାଯାଉଥିଲେ ମଧ୍ୟ ମହିଳାମାନଙ୍କ ପାଇଁ ଉଦ୍ଦିଷ୍ଟ ଯୋଜନାର ଅର୍ଥରାଶି ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି-ଏହି ସତ୍ୟତାକୁ ଅସ୍ୱୀକାର କରାଯାଇନପାରେ। ଝାଡ଼ଖଣ୍ଡରେ ଜେଏମଏମ ଓ କଂଗ୍ରେସ ମେଣ୍ଟ ବିଜୟ ହାସଲ କରି ଦ୍ୱିତୀୟ ଥର ପାଇଁ କ୍ଷମତା ଦଖଲ କରିଛି। ଏହି ରାଜ୍ୟରେ ମଧ୍ୟ ମହିଳାମାନଙ୍କୁ ଅର୍ଥରାଶି ପ୍ରଦାନର ନିର୍ଦ୍ଦିଷ୍ଟ ପ୍ରତିଶ୍ରୁତି ଦିଆଯାଇଥିଲା। ମହାରାଷ୍ଟ୍ର ଓ ଝାଡ଼ଖଣ୍ଡ ନିର୍ବାଚନ ଫଳାଫଳରୁ ସ୍ପଷ୍ଟ ହୋଇଛି ଯେ, ଜାତୀୟ ବିଜେପି ଓ କଂଗ୍ରେସ ଆଞ୍ଚଳିକ ଦଳର ବିନା ମେଣ୍ଟରେ ଏଇ ଦୁଇ ରାଜ୍ୟରେ ସଫଳତା ହାସଲ କରିପାରିନାହାନ୍ତି। ମହାରାଷ୍ଟ୍ରରେ ବିଜେପି ୧୩୨ଟି ଆସନ ଜିତିଥିବା ବେଳେ, ସହଯୋଗୀ ଶିବସେନାକୁ ୫୭ ଓ ଏନସିପିକୁ ୪୨ଟି ଆସନ ମିଳିଛି। ସେହିପରି ଝାଡ଼ଖଣ୍ଡର ୮୧ଟି ବିଧାନସଭା ଆସନରୁ ଜେଏମଏମକୁ ୩୪ଟି ଆସନ ମିଳିଥିବା ବେଳେ କଂଗ୍ରେସକୁ ୧୬ଟି ଆସନ ମିଳିଛି। କେରଳର ଓ୍ୱାଇନାଡ଼ରୁ ପ୍ରିୟଙ୍କା ଗାନ୍ଧୀ ରେକର୍ଡ ୪ ଲକ୍ଷ ଭୋଟ ବ୍ୟବଧାନରେ ଜିତିଥିବା ବେଳେ ମହାରାଷ୍ଟ୍ରର ନାନ୍ଦେଦ ଲୋକସଭା ଆସନରୁ କଂଗ୍ରେସ ପ୍ରାର୍ଥୀ ଉଲ୍ଲେଖନୀୟ ବିଜୟ ହାସଲ କରିଛନ୍ତି। ପଞ୍ଜାବ ବିଧାନସଭା ଉପନିର୍ବାଚନରେ ଆମ ଆଦମୀ ପାର୍ଟି, ପଶ୍ଚିମବଙ୍ଗରେ ତୃଣମୂଳ କଂଗ୍ରେସ ଓ ଉତ୍ତରପ୍ରଦେଶରେ ବିଜେପି ବିପୁଳ ବିଜୟ ହାସଲ କରିଛି। ସେହିପରି କର୍ଣ୍ଣାଟକରେ କଂଗ୍ରେସ, ବିହାରରେ ଏଣ୍ଡିଏ ଓ ରାଜସ୍ଥାନରେ ବିଜେପି ବିଜୟୀ ହୋଇଛି। ଶାସନ କ୍ଷମତାରେ ରହିଥିବା ଦଳଗୁଡିକ ଉଭୟ ବିଧାନସଭାର ନିର୍ବାଚନ ଓ ଉପନିର୍ବାଚନରେ ବିଜୟ ହାସଲ କରିଥିବା ଦୃଷ୍ଟିରୁ ଶାସକ ଦଳର ନିର୍ବାଚନ ପ୍ରକ୍ରିୟା ଉପରେ ଦବଦବା ରହୁଥିବା ଅନୁମାନ କରାଯାଉଛି। କିନ୍ତୁ ନିର୍ବାଚନର ଫଳାଫଳକୁ ଅଧିକ ସଂଖ୍ୟାରେ ମହିଳା ଭୋଟର ପ୍ରଭାବିତ କରୁଛନ୍ତି-ଏହି ସତ୍ୟତାକୁ ଅସ୍ୱୀକାର କରିହେବନି।

**ବରିଷ୍ଠ ସାମ୍ବାଦିକ**
**ପ୍ଲଟ ନଂ: ୬୭୦, ହାଟସାହି, ଓଲଡ଼ ଟାଉନ, ଭୁବନେଶ୍ୱର**
**ମୋବାଇଲ୍: ୭୭୩୫୦୮୩୩୫୩**

# ଯୁଦ୍ଧ ଓ ବିଶ୍ୱଶାନ୍ତି



**ଉମାଶଙ୍କର ପ୍ରସାଦ**

ଯୁଦ୍ଧର ବିଭୀଷିକା ମଧ୍ୟରେ ସମଗ୍ର ବିଶ୍ୱ ଆଜି ଆତଙ୍କିତ। କେଉଁ ମୁହୂର୍ତ୍ତରେ ପୃଥିବୀପୃଷ୍ଠରୁ ମାନବଜାତି ଲୋପ ପାଇଯିବ, ଏକଥା କେହି କହି ପାରିବେ ନାହିଁ। ସମଗ୍ର ବିଶ୍ୱରେ ଆଜି ଦେଖା ଦେଇଛି ଦେଶ ଦେଶ ମଧ୍ୟରେ ତିକ୍ତ ସମ୍ପର୍କ ଏବଂ ତଜ୍ଜନିତ ସଂଘର୍ଷ। ସମଗ୍ର ମାନବ ଜାତି ତଥା ବିଶ୍ୱର ନେତୃ ବୃନ୍ଦ ହୃଦୟଙ୍ଗମ କରିବା ଉଚିତ ଯେ ଆମର ଏ ପୃଥିବୀ ଏକ ନୈଶର୍ଗିକ ଭାତୃ ବନ୍ଧନରେ ବନ୍ଧା। କିନ୍ତୁ ଦୁଃଖ ଓ ପରିତାପର ବିଷୟ କ୍ଷମତା ଓ ପ୍ରଭୁତ୍ୱର ମୋହରେ ବଶବର୍ତ୍ତୀ ହୋଇ ସେମାନେ ଆଜି ଦେଶକୁ ନିଜ ହାତରେ ସଖୀକଣ୍ଢେଇ କରି ନଚାଉଛନ୍ତି। ବିଗତ ବିଶ୍ୱଯୁଦ୍ଧର ସକରୁଣ ପରିଣତି ଜାଣି ମଧ୍ୟ ଆଜିର କ୍ଷମତା ମଦମତ୍ତ ରାଷ୍ଟ୍ରପୁଞ୍ଜ ଯୁଦ୍ଧରୁ ବିରତ ହେଉନାହାଁନ୍ତି। ଯୁଦ୍ଧ କୌଣସି ସମୟ ନିର୍ଘଣ୍ଟ କରି ନଥାଏ। ଯେକୌଣସି ମୁହୂର୍ତ୍ତରେ ଯୁଦ୍ଧ ସୃଷ୍ଟି ହୋଇପାରେ। ତେଣୁ ଆଜି ସ୍ୱତଃ ସୃଷ୍ଟି ହୁଏ ; ବିଶ୍ୱ ଶାନ୍ତି ଚାହେଁ ନା ଧ୍ୱଂସ, କେଉଁଟା ଆଜି ମଣିଷ ଜାତି ପକ୍ଷରେ ବରଣୀୟ ? ଏହାହିଁ ସାମ୍ପ୍ରତିକ ଯୁଗରେ ବିରାଟ ପ୍ରଶ୍ନ ହୋଇ ଦେଖା ଦେଇଛି। ବିଗତ ଦୁଇ ଦୁଇଟି ବିଶ୍ୱଯୁଦ୍ଧ ଆଜି ମଧ୍ୟ ବିଶ୍ୱବାସୀଙ୍କୁ ସ୍ପଷ୍ଟ ଇଙ୍ଗିତ ପ୍ରଦାନ କରୁଛି ଯେ, ଯୁଦ୍ଧ ମଣିଷ ଜାତିକୁ ଶାନ୍ତି ପ୍ରଦାନ କରି ନପାରେ। ଆଜି ମଧ୍ୟ ଯୁଦ୍ଧର ବିଭୀଷିକା ମଣିଷ ଜାତିକୁ ଆତଙ୍କିତ କରେ। ଯାହାର ସଦ୍ୟତମ ଉଦାହାରଣ ରୁଷିଆ - ୟୁକ୍ରେନ ଓ ପାଲେଷ୍ଟାଇନ-ଇସ୍ରାଏଲ ଯୁଦ୍ଧ। ଦୀର୍ଘ ଦିନ ଧରି ଲାଗି ରହିଥିବା ଏହି ଯୁଦ୍ଧର ଅନ୍ତ କେବେ ତାହା ଏବେ ଏକ ପ୍ରଶ୍ନବାଚୀ ହୋଇ ବିଶ୍ୱବାସୀ ଙ୍କ ପାଖରେ ଉଭା ହୋଇଛି!

ଯଦି ଅତିତ ପୃଷ୍ଠାକୁ ଆମେ ରୋମନ୍ଥନ କରିବା ତେବେ ସ୍ପଷ୍ଟ ଅନୁମେୟ ହୁଏ ଯେ ମଣିଷ ଜାତିକୁ ତଥା ବିଶ୍ୱକୁ ରକ୍ଷା କରିବାକୁ ହେଲେ ଶାନ୍ତି ପ୍ରତିଷ୍ଠା ଏକମାତ୍ର ଅବଲମ୍ବନ। ଏଣୁ ଆମ ଜାତିସଂଘର ସଭ୍ୟ ରାଷ୍ଟ୍ରମାନେ ଏ ଦିଗରେ ଏକ ମନ ଓ ଏକ ପ୍ରାଣ ହୋଇ କାମ କରିଚାଲିଲେ ସବୁ ଠିକ୍ ହୋଇଯିବ। ଆଜି ପ୍ରତ୍ୟେକ ରାଷ୍ଟ୍ର ଆଣବିକ ଶକ୍ତିକୁ ନିଜ ଆୟତକୁ ଆଣି ଜଳ, ସ୍ଥଳ, ଆକାଶରେ ଯେପରି ନିଜ ନଜର ଆଧିପତ୍ୟର କାୟା ବିସ୍ତାର କରି ଚାଲିଛନ୍ତି ତାହା ଶାନ୍ତି ପ୍ରତିଷ୍ଠାର ସ୍ୱପ୍ନକୁ ଧୂଳିସାତ୍ କରି ଦେଉଛି। ବିଶ୍ୱର ବୃହତ୍ ଶକ୍ତି ଯଥା- ଆମେରିକା, ରୁଷିଆ, ଚୀନ୍ ଏବଂ ଅନ୍ୟାନ୍ୟ ଉନ୍ନତ ତଥା ଶକ୍ତିଶାଳୀ ରାଷ୍ଟ୍ରମାନେ ନିଜ ନିଜର ସାମରିକ ଶକ୍ତିକୁ ଦୃଢ଼ କରିବା ଦିଗରେ ବିପୁଳ ଅର୍ଥ ବିନିଯୋଗ କରୁଛନ୍ତି। ଅଥଚ ସେହି ଅର୍ଥକୁ ସେମାନେ ଯଦି ଜନ ହିତକର କାର୍ଯ୍ୟରେ ବିନିଯୋଗ କରନ୍ତେ ତେବେ ବିଶ୍ୱରୁ ସାମରିକ ଆତଙ୍କର ଛାୟା ଯଥେଷ୍ଟ ପରିମାଣରେ ଅପସରିଯାଆନ୍ତା। ୧୯୪୬ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଯୁକ୍ତରାଷ୍ଟ୍ର ଆମେରିକା ଶାନ୍ତି ପ୍ରତିଷ୍ଠା ପାଇଁ ଦେଇଥିବା ପ୍ରସ୍ତାବମାନ ୧୯୪୯ ମସିହାରେ ଜାତିସଂଘ ବୈଠକରେ ବହୁ ମତରେ ଗୃହିତ ହୋଇଥିଲେ ମଧ୍ୟ ଆମେରିକା ଓ ରୁଷିଆ ମଧ୍ୟରେ ପାରସ୍ପରିକ ଶକ୍ତିରୂପକ କାରଣ ଯୋଗୁଁ ଆଜି ପର୍ଯ୍ୟନ୍ତ ତାହା କାର୍ଯ୍ୟକାରୀ ହୋଇପାରିଲା ନାହିଁ। ଶାନ୍ତିକାମୀ ଭାରତ ଚାହେଁ ଶାନ୍ତି ପାଇଁ ଯୁଦ୍ଧକୁ ସମସ୍ତେ ଭୁଲିଯିବା ଉଚିତ। ୧୯୫୫ ମସିହାରେ ରୁଷ ନିଜର ସୈନ୍ୟବାହିନୀରୁ ସାତଲକ୍ଷ ଲୋକଙ୍କୁ ହଟାଇ ସାଧାରଣ କର୍ମ ଜୀବନରେ ମିଶାଇ ଏକ ଆଦର୍ଶ ବାତାବରଣ ସୃଷ୍ଟି କରିପାରିଥିଲା। କିନ୍ତୁ ଦୁଃଖ ଓ ପରିତାପର ବିଷୟ ୧୯୬୦ ମସିହାରେ ନିରସ୍ତ୍ରୀକରଣ ଉଦ୍ଦେଶ୍ୟରେ ସେଇ ରୁଷର ଭୂମିକା ଯେପରି ରହସ୍ୟମୟ ହୋଇ ଉଠିଥିଲା ତାହା ସମକାଳୀନ ବିଶ୍ୱବାସୀଙ୍କୁ ହତଚକିତ କରିଦେଇଥିଲା। ଏହା ପରେ ଶାନ୍ତି ପ୍ରତିଷ୍ଠା ଲକ୍ଷରେ ଯେତେ ଯେଉଁଠି ସମ୍ମିଳନୀମାନ ଅନୁଷ୍ଠିତ ହେଉଛି ସବୁଠି ଏହାର ଅଗ୍ରଗତି ମନ୍ଥର ହୋଇଛି। ଆଜି ମଧ୍ୟ ରୁଷ ୟୁକ୍ରେନ ଭିତରେ ଚାଲିଥିବା ଯୁଦ୍ଧର ସମାଧାନ ର ପନ୍ଥା ବାହାରି ପାରୁନି! ଯୁଗେ ଯୁଗେ



ମଣିଷ ଚାହେଁ ଶାନ୍ତି ମାତ୍ର ଶାନ୍ତି ବିଡମ୍ବିତ ହୁଏ ଯେତେବେଳେ ମଣିଷ ହୁଏ ସ୍ୱାର୍ଥପ୍ରବଣ। କ୍ଷମତା ଓ ପ୍ରତିପତ୍ତି ପାଇଁ ସୃଷ୍ଟି ହୋଇଥାଏ ସ୍ୱାର୍ଥ। ଆଜିର ବିଭିନ୍ନ ସ୍ଥାନରେ, ଦେଶରେ, ରାଜ୍ୟରେ ହେଉଥିବା ଯୁଦ୍ଧ ମୂଳରେ ଅଛି ଏହି ସ୍ୱାର୍ଥ, ପ୍ରତିପତ୍ତି, ଅହଙ୍କାର ପ୍ରଣୋଦିତ ମନୋଭାବ। ଜାତୀୟସ୍ୱାର୍ଥ ନାମରେ ଜାତିବିଧ୍ୱଂସୀ ମନୋଭାବ ମଣିଷକୁ ଧ୍ୱଂସଗାମୀ କରୁଛି। ଆଜି ମଧ୍ୟ ଆମ ମଣିପୁର ରେ ୧୭ ମାସ ତଳର ନିଆଁ ଜଳିବା ସହ ୧୦ ଜଣ ନିର୍ଦ୍ଦୋଷ ଲୋକଙ୍କ ଜୀବନ ଯାଇଛି। ମୃତ୍ୟୁ ସଂଖ୍ୟା ୨୦୦ କୁ ଟପିଲାଣି। ଅନେକ ମଣିପୁରୀ ନିଜର ଜୀବନ ରକ୍ଷା କରିବାକୁ ଶରଣାର୍ଥୀ ଶିବିରରେ। ମଣିପୁରରେ ଦୁଇ ସମ୍ପ୍ରଦାୟ ଯଥା କୁକି ଓ ମୈତ୍ରେୟୀ ପରସ୍ପର କୁ କେବଳ ବନ୍ଧୁକ ମୁନରେ ଆକ୍ରମଣ ନକରି ଡ୍ରୋନ ଓ ରକେଟ ଲଞ୍ଚରରେ ମଧ୍ୟ ଲଢେଇ କରୁଛନ୍ତି। ତେବେ ଏହାର ଆଶୁ ସମାଧାନ ପାଇଁ ଆଜି ପର୍ଯ୍ୟନ୍ତ ଆମର ପ୍ରଧାନମନ୍ତ୍ରୀ ଗସ୍ତ କରି କିଛି ପଦକ୍ଷେପ ନନେବା ଦୁଃଖ ଓ ପରିତାପର ବିଷୟ! ସାମ୍ରାଜ୍ୟବାଦ ଓ ସାମ୍ୟବାଦ ଦୁଇ ଗୋଷ୍ଠୀରେ ବିଶ୍ୱ ଆଜି ବିଭକ୍ତ। ସାମ୍ରାଜ୍ୟବାଦୀ ଗୋଷ୍ଠୀ ମଧ୍ୟରେ ଆମେରିକା, ଫ୍ରାନ୍ସ, ବ୍ରିଟେନ ପ୍ରଭୃତି ଦେଶ ଥିବା ବେଳେ ସାମ୍ୟବାଦୀ ଗୋଷ୍ଠୀର ନେତୃତ୍ୱ ନେଇଛି ରୁଷିଆ। ଏହି ଦୁଇ ଦେଶହିଁ ବିଶ୍ୱରେ ନୂଆ ନୂଆ ସମସ୍ୟା ସୃଷ୍ଟି କରୁଛନ୍ତି। ଏହି ଦୁଇ ଦେଶର ଅହଂ ଆଭିମୂଖ୍ୟ ଯୋଗୁଁ ସୃଷ୍ଟି ହେଉଛି ଯୁଦ୍ଧ ଏବଂ ତାହା ସମଗ୍ର ବିଶ୍ୱକୁ ସଂକ୍ରମିତ କରୁଛି। ମାରଣାସ୍ତ୍ର ଉଦ୍ଭାବନରେ ବିଜ୍ଞାନର ଅସାମାନ୍ୟ ଅଗ୍ରଗତି ଦେଖାଯାଇଛି। ଚୀନର ଏକଚାଟିଆ ଆକ୍ରମଣ ମୂଳକ ମନୋଭାବ ମଧ୍ୟ "ବିଶ୍ୱଶାନ୍ତି"କୁ ବିଡମ୍ବିତ କରୁଛି। ଶକ୍ତିଶାଳୀ ରାଷ୍ଟ୍ରମାନେ ବିଶ୍ୱଧ୍ୱଂସୀ ମାରଣାସ୍ତ୍ର ତିଆରି କରିବାରେ ସର୍ବଦା ବ୍ୟସ୍ତ। ଏହି ବିଜ୍ଞାନର ଅଗ୍ରଗତି ସତ୍ୟ, ଶିବ ଓ ସୁନ୍ଦରର ଏହି ଚିରନ୍ତନୀ ଧରିତ୍ରୀକୁ ଧ୍ୱଂସର ଏକ ମହାପ୍ରଳୟ ଭିତରକୁ ଟାଣିନେଉଛି ବିଜ୍ଞାନ। 'ବିଜ୍ଞାନ ହେଉଛି ସୃଜନର ମହାମନ୍ତ୍ର ତା ସଙ୍ଗେ ସଙ୍ଗେ ଦେଇଛି ଧ୍ୱଂସର ଏକ ପାଶୁପାତ ଅସ୍ତ୍ର। ଶକ୍ତି ଓ ଅହଙ୍କାର ଓ ଗର୍ବରେ ଉନ୍ମତ ମାନବ ଆଜି ଧରା କୁ ସରା ମନେକରିଛି। ଧନଶାଳୀ ଦେଶମାନେ ଦୁର୍ବଳ ଓ ଦରିଦ୍ର ରାଷ୍ଟ୍ର ମାନଙ୍କର ଆଭ୍ୟନ୍ତରୀଣ ବ୍ୟାପାରରେ ହସ୍ତକ୍ଷେପ କରି ସେଠାରେ ଅଶାନ୍ତି ସୃଷ୍ଟି କରୁଛନ୍ତି। ସନ୍ତ୍ରାସବାଦ ହେଉଛି ଆଧୁନିକ ବିଶ୍ୱର ଏକ ଉଦ୍‌ବେଗଜନକ ସମସ୍ୟା। ନାନାଦି ପ୍ରକାର ଭୟଙ୍କର ତଥା ଉଚ୍ଚଶକ୍ତି ସମ୍ପନ୍ନ ବିସ୍ଫୋରକ ଦ୍ରବ୍ୟର ଉଦ୍ଭାବନ, ଅତ୍ୟୁନ୍ନତ ମାରଣାସ୍ତ୍ର ନିର୍ମାଣ, ଦୂରଗାମୀ କ୍ଷେପଣାସ୍ତ୍ର ନିର୍ମାଣ ଦେଶ ମଧ୍ୟରେ ଅଶାନ୍ତିର ବାତାବରଣ ସୃଷ୍ଟି କରିବା ସହ ଶାନ୍ତିର ସ୍ୱପ୍ନକୁ ବ୍ୟାହତ କରିଛି।

ବିଶ୍ୱରେ ଶାନ୍ତି ସ୍ଥାପନ କରି ମନୁଷ୍ୟର ଜୀବନକୁ ସୁଖମୟ ଓ ପ୍ରିତିମୟ କରିବା ନିମନ୍ତେ ଆଜି ଆମର ଦୃଷ୍ଟିକୋଣରେ ପରିବର୍ତ୍ତନ ଲୋଡା। ଯେଉଁ ତକ୍ଷଣ ଛୁରୀ ଘାତକର ହସ୍ତରେ ଥାଇ ପ୍ରାଣନାଶ କରେ, ସେହି ଛୁରୀ ଜଣେ ଦକ୍ଷ ଚିକିତ୍ସକ ହାତରେ ଥାଇ ମନୁଷ୍ୟର ପ୍ରାଣରକ୍ଷା କରେ। ନିରସ୍ତ୍ରୀକରଣ ଶାନ୍ତିପାଇଁ ବାଟ କଢାଏ। ବିଶ୍ୱର ମହାଶକ୍ତିମାନେ ଏକଥା ଯଦି ନ ବୁଝିବେ ତେବେ ଆମେ କାହାକୁ ଆଉ ବୁଝାଇବା। ଏକଦା ଶାନ୍ତିକାମୀ ଭାରତ ନିଜ ମତ ପ୍ରଦାନ କରି କହିଥିଲା ଯେ ପରମାଣୁ ଅସ୍ତ୍ରକୁ ସମୂଳେ ଧ୍ୱଂସ କରାଯାଉ। କିନ୍ତୁ ଏହି ମତକୁ କେହି ଗ୍ରହଣ ନକରି ଚତୁର ପଣରେ ଏଡାଇ ଦେଇଥିଲେ। ଏବେ ଆମ ଭାରତ ଏକ ପରମାଣୁ ରାଷ୍ଟ୍ରରେ ପରିଣତ ହୋଇଥିଲେ ମଧ୍ୟ ଆମେରିକା, ବ୍ରିଟେନ, ଫ୍ରାନ୍‌ସ, ଚୀନ୍, କୋରିଆ ଏବଂ ଅନ୍ୟାନ୍ୟ ରାଷ୍ଟ୍ରମାନଙ୍କ ପରି ଭାରତ ଯୁଦ୍ଧ ଅଭିଳାଷୀ ନୁହେଁ ବୋଲି ସ୍ପଷ୍ଟ କରିସାରିଛି। ତେବେ ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ଦିଗରେ ସମାନ ସ୍ୱର ନ ଉଠିଲେ ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ଅସମ୍ଭବ।

**ଭଗତ ଲେନ୍ ଖୋର୍ଦ୍ଧା**
**ମୋବାଇଲ୍: ୬୩୭୦୬ ୭୫୫୬୨**

# ମନ-ବନ୍ଧନ ଓ ମୁକ୍ତି

**ରବିନାରାୟଣ ପଣ୍ଡା**

ଯେତେବେଳେ ମନ ବସ୍ତୁ ସହିତ ଯୋଡ଼ି ହୋଇଯାଏ ସେତେବେଳେ ମନୁଷ୍ୟ ବନ୍ଧନ ଭିତରେ ବାନ୍ଧି ହୋଇଯାଏ। ସେହି ମନ ଯେତେବେଳେ ବସ୍ତୁ ଠାରୁ ମୁକ୍ତ ହୋଇଯାଏ ମନୁଷ୍ୟ ମୁକ୍ତି ପାଇଯାଏ। ବନ୍ଧନ ଓ ମୁକ୍ତି ଉଭୟ ମନର ଖେଳ। ' ମନରେ ମୂଳେ ଏ ଜଗତ'। ଅନେକ ସମୟରେ କ୍ଷଣିକ ବସ୍ତୁକୁ ମନ ସତ୍ୟ ବୋଲି ବିବେଚନା କରିନିଏ ଏବଂ ତାହାରି ପଛରେ ଧାବମାନ ହୁଏ। ଭଗବତ ଗୀତାରେ ମନକୁ କ୍ଷଣିକ ଓ ଅସ୍ଥିର ଭାବରେ ବିବେଚନା କରାଯାଇଛି। ମହାଭାରତରେ ଯୁଧିଷ୍ଠିର ଏହାର ଗତି ସଂସାରେ ସବୁଠାରୁ ତୀବ୍ର ବୋଲି ବର୍ଣ୍ଣନା କରିଛନ୍ତି। ଏହି ତୀବ୍ରତା କାରଣରୁ ସାମାନ୍ୟ ସମୟରେ ମନ ବୁଦ୍ଧି ଦ୍ୱାରା ବସ୍ତୁ ସଂଗ୍ରହ ପାଇଁ ଅନେକ ତର୍କ ପ୍ରସ୍ତୁତ କରିନିଏ। ମନ ଜଗତର ସମସ୍ତ ବସ୍ତୁକୁ ଉପଯୋଗ କରିବାରେ ସକ୍ଷମ ହୋଇଯାଏ। ଜଗତରେ ବସ୍ତୁକୁ ଆଧାର କରି ମନ ଅନେକ ରଚନା ଆରମ୍ଭ କରେ। ବୁଢ଼ିଆଣୀ ଜାଲ ବୁଣିଲା ଭଳି ସଂସାର ନିର୍ମାଣ କରିଯାଏ। କେବେ କେବେ ଦିନରେ ବି ସ୍ୱପ୍ନ ଦେଖେଇବା ଆରମ୍ଭ କରିଦିଏ।

ଏପରିକି ପଦାର୍ଥ ବିଜ୍ଞାନର ଗବେଷକ ମଧ୍ୟ ଏହି ମନର ଖେଳରୁ ବର୍ତ୍ତୀ ପାରନ୍ତି ନାହିଁ। ସେମାନେ ଗବେଷଣା ଗାରରେ ନିୟମିତ ବସ୍ତୁ ଭିତରେ ଥିବା ଅଣୁ, ପରମାଣୁ, ବୈଦ୍ୟୁତିକ କଣିକା ଓ ଚୁମ୍ବକୀୟ ତରଙ୍ଗ ଦେଖୁଛନ୍ତି। ସେମାନଙ୍କୁ ଭଲ ଭାବରେ ଜଣାଅଛି ସତ୍ୟ ହେଉଛି ଐଶରୀୟ କଣିକା (ଶକ୍ଟୟ କ୍ଟବକ୍ସଗ୍ବସମକ୍ଷର )। ସପୂର୍ଣ ବିଶ୍ୱ ଏକ ଚୁମ୍ବକୀୟ ବଳୟ। ବସ୍ତୁରୁ ଶକ୍ତିକୁ ଏବଂ ଶକ୍ତିରୁ ବସ୍ତୁକୁ ରୂପାନ୍ତରିତ ହେବାର ପ୍ରକ୍ରିୟା ପ୍ରାଞ୍ଜଳ ଭାବରେ ସେମାନେ ସମସ୍ତଙ୍କୁ ବୁଝାଉଛନ୍ତି କିନ୍ତୁ ସଂସାର ଚକ୍ରରେ ବସ୍ତୁକୁ ସତ୍ୟ ବିଚାର କରି ସେହି ଅନୁରୂପ ବ୍ୟବହାର କରୁଛନ୍ତି। ବସ୍ତୁର ଆକର୍ଷଣକୁ ସ୍ୱୀକାର କରିନେଉଛନ୍ତି।

ମନ ତାର ଆକର୍ଷଣ ଶକ୍ତି ଦ୍ୱାରା ବିବେକ ଓ ଚେତନାକୁ ଏପରି ପ୍ରଭାବିତ କରି ରଖିଥାଏ ଯେ ଜ୍ଞାନ ବା ତତ୍ୱ ବ୍ୟବହାରରେ ଆସିପାରେ ନାହିଁ। ଅଜ୍ଞାନ ଓ ମନ ଭିତରେ ଥିବା ଦୃଢ ସମନ୍ୱୟ ଏପରି ପ୍ରହେଳିକା ନିରନ୍ତର ପ୍ରସ୍ତୁତ କରୁଥାଏ। ମନ ଇନ୍ଦ୍ରିୟମାନଙ୍କ ଦ୍ୱାରା ଶରୀରକୁ ବଶୀଭୂତ କରିନିଏ। ଯାହା ସତ୍ୟର ଗତିରୋଧ କରିବାକୁ ସମର୍ଥ ହୋଇଯାଏ। ଆତ୍ମାର ଅସୀମିତ ଶକ୍ତିକୁ ଭରସା ନକରି ମନୁଷ୍ୟ ମନ ଉପରେ ନିର୍ଭରଶୀଳ ହୋଇଯାଏ। ମନ ଜୀବକୁ ପ୍ରଭାବିତ କରି ବୁଦ୍ଧି ଓ ଶରୀରକୁ ସତ୍ୟ ଭାବରେ ଗ୍ରହଣ କରିନିଏ। ଶରୀର ମାଧ୍ୟମରେ ଓ ଶରୀର ପାଇଁ କ୍ରିୟା କରିଚାଲେ। ମନ ଓ ଜୀବ ଭିତରେ ଏକ ସ୍ୱାଭାବିକ ବନ୍ଧୁତ୍ୱ ଭାବ ନିର୍ମାଣ ହୋଇଯାଏ। ଆତ୍ମାର ଶକ୍ତି ଓ ସାମର୍ଥ୍ୟକୁ ଗୌଣ କିମ୍ବା ଉପେକ୍ଷା କରିଚାଲେ। ଅନେକ ସମୟରେ ଜ୍ଞାନ ମଧ୍ୟ ଏହି ଦୃଢ଼ କବଚକୁ ଭାଙ୍ଗି ଆତ୍ମଚେତନାକୁ ପ୍ରକାଶିତ କରିପାରେ ନାହିଁ।

ମନକୁ ନିୟନ୍ତ୍ରିତ କରି ତତ୍ୱ ଅନୁରୂପ ବ୍ୟବହାର ଅନେକ ସମୟରେ ସମ୍ଭବ ହୁଏ ନାହିଁ। ମନୁଷ୍ୟ ମନ ବସ୍ତୁକୁ ଆଧାର କରି ଗୋଟିଏ ପରେ ଗୋଟିଏ ଭବନ ବର୍ଷ ବର୍ଷ ଧରୀ ନିର୍ମାଣ କରୁଥାଏ। ଯାହାକୁ ଜୀବନର ପ୍ରକ୍ରିୟା ଭାବେ ଗ୍ରହଣ କରି ମନୁଷ୍ୟ ତାର ଦିନ, ମାସ, ବର୍ଷ ଭଳି ଦୁର୍ଲଭ ସମୟକୁ ବ୍ୟୟ କରି ଚାଲିଥାଏ। ମନ ନିୟନ୍ତ୍ରିତ କ୍ରିୟା ଏପରି ସ୍ୱଭାବ ସୁଲ୍ଲଭ ହୋଇଯାଏ ଯେ ତାର ବିଶ୍ଳେଷଣ କରିବା ସମ୍ଭବ ହୁଏ ନାହିଁ।

ମନର ବସ୍ତୁ ପ୍ରତି ଆକର୍ଷଣ କାରଣରୁ ଜୀବ ଭିତରେ ଭେଦ ବୁଦ୍ଧି ଉଦ୍ରେକ ହୁଏ। ଏହା ମୋର ତାହା ତାର ଏପରି ବିବେଚନା କରି ବସ୍ତୁ ସରଂକ୍ଷଣ କାର୍ଯ୍ୟକୁ ଜୀବ ପ୍ରାଧାନ୍ୟ ଦିଏ। ଶାସ୍ତ୍ରରେ ଏହାକୁ ବସ୍ତୁ ସଂଗ୍ରହ ଦୋଷ କୁହାଯାଏ। ବସ୍ତୁପ୍ରତି ଆକର୍ଷଣ ମୁକ୍ତିର ମାର୍ଗକୁ ସଂକୀର୍ଣ୍ଣ କରି ବନ୍ଧନକୁ ଅଧିକ ମଜବୁତ କରିଦିଏ। ଜୀବ ଆତ୍ମା ଓ ପରମାତ୍ମା ଭିତରେ ଥିବା ସମ୍ପର୍କକୁ ଭୁଲି ଯାଏ। ଅସୀମ ସତା ସହିତ ସମ୍ପର୍କ ନଷ୍ଟ ହୋଇଯାଏ। ନିଜକୁ ବାହାର ଦୁନିଆ ଠାରୁ ପୃଥକ କରିବା ଆରମ୍ଭ କରେ। ନିଜର ନୂତନ ପରିଚୟ ନିର୍ମାଣ କରିବା କାର୍ଯ୍ୟରେ ମନ ବୁଦ୍ଧିକୁ ନିୟୋଜିତ କରିଦିଏ। ନୂତନ ପରିଚୟ ସହିତ ଅସ୍ମିତା ବା ଅହଂକାର ନିର୍ମାଣ ହୋଇଯାଏ। ଅହଂକାର ସୁଖ ଓ ଦୁଃଖର ରସ ଆସ୍ୱାଦନ କରେ। କ୍ଳେଶ ମନର ଏକ ସ୍ୱଉପାର୍ଜିତ ଫଳ ବୋଲି ବିବେଚନା କାରାଯାଇପାରେ। ମନରୁ ବନ୍ଧନ, ବନ୍ଧନରୁ ପରିଚୟ, ପରିଚୟରୁ ଅହଂକାର, ଅହଂକାରରୁ କ୍ଳେଶ ଏପରି ଏକ ଚକ୍ର ଭିତରେ ଆମେ ପଡ଼ିଯାଆନ୍ତି। ଠିକ ଯେପରି ରେଶମ କୀଟ ନିଜ ଦ୍ୱାରା ତିଆରି ହୋଇଥିବା ସୁତାରେ ନିଜେ ବାନ୍ଧି ହୋଇଯାଏ। ଶେଷରେ ତାରି ଭିତରେ ଜୀବନ ତ୍ୟାଗ କରେ। ଠିକ୍ ସେହିପରି ମନ ଦ୍ୱାରା ତିଆରି ହୋଇଥିବା ଅବିଦ୍ୟାର ଭଉଁରୀ ଭିତରେ ଜୀବ ଛନ୍ଦି ହୋଇ ପ୍ରାଣ ତ୍ୟାଗ କରେ। ବେଦାନ୍ତରେ ଏହାକୁ 'ତାଦାତ୍ମ'ବୋଲି କୁହାଯାଏ।

ମନହିଁ ଅବିଦ୍ୟା। ମନ ସ୍ଥିର ହୋଇଗଲେ ଆକର୍ଷଣ ସମାପ୍ତ ହୋଇଯିବ ଓ ସଂସାର ସୁପ୍ତ ହୋଇଯିବ। ମନ ଜାଗ୍ରତ ହେଲେ ଆକର୍ଷଣ ଆରମ୍ଭ ହେବ ଓ ସଂସାର ଜାଗ୍ରତ ହେବ। ମନ ଓ ବନ୍ଧନ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ। ସେଥିପାଇଁ ଯୋଗ ଦର୍ଶନରେ 'ଚିତବୃତି ନିରୋଧ' ପାଇଁ କୁହାଯାଇଛି। ରାମକୃଷ୍ଣ ପରମହଂସଙ୍କ ଏକ ପ୍ରସିଦ୍ଧ ଉକ୍ତି ଅଛି 'ମନକି ଖେଳରେ ବାବା'। ମନକୁ ନିୟନ୍ତ୍ରଣ କଲେହିଁ ଜୀବ ମୁକ୍ତିର ମାର୍ଗ ପାଇପାରିବ।

**ମଠସାହି, ଭଦ୍ରକ**
**ମୋବାଇଲ୍: ୯୪୩୭୦୧୭୮୫୭**

# ସମ୍ଭଲ ହିଂସାରେ ମୃତ୍ୟୁସଂଖ୍ୟା ୪କୁ ବୃଦ୍ଧି



**ଲକ୍ଷ୍ନୌ, ୨୫।୧୧:** ଅଶାନ୍ତ ଉତ୍ତରପ୍ରଦେଶର ସମ୍ଭଲ। ଏଠାରେ ଥିବା ଜାମା ମସଜିଦର ସର୍ଭେକୁ ନେଇ ଲୋକଙ୍କ ମଧ୍ୟରେ ଘୋର ଆକ୍ରୋଶ ଦେଖିବାକୁ ମିଳିଛି। ସର୍ଭେକୁ ବିରୋଧରେ ରବିବାର ସକାଳେ ଆରମ୍ଭ ହୋଇଥିବା ହିଂସା ଆଜି ମଧ୍ୟ ଜାରି ରହିଛି। ଏହି ହିଂସାରେ ବର୍ତ୍ତମାନ ସୁଦ୍ଧ ୪ ଜଣ ପ୍ରାଣ ହରାଇ ସାରିଲେଣି। ସେହିପରି ୨୦ରୁ ଅଧିକ ଲୋକ ଆହତ ହୋଇଛନ୍ତି। ହିଂସା ପରେ ସମ୍ଭଲ ଏବଂ ଏହାର ଆଖପାଖ ଅଞ୍ଚଳରେ ଇଣ୍ଟରନେଟ୍ ସେବା ବନ୍ଦ ରଖାଯାଇଛି। ସେହିପରି ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲଗୁଡ଼ିକୁ ଆଜି ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଡିସେମ୍ବର ୧ ପର୍ଯ୍ୟନ୍ତ ସମ୍ଭଲରେ ବାହାର ଲୋକଙ୍କ ପ୍ରବେଶ ଉପରେ ପ୍ରତିବନ୍ଧକ ଲଗାଯାଇଛି। ଏହି ନିର୍ଦ୍ଦେଶ ଅନୁଯାୟୀ ଜିଲ୍ଲାରେ ବାହାର ଲୋକ, ସାମାଜିକ ସଙ୍ଗଠନ ଏବଂ ଜନ ପ୍ରତିନିଧୀଙ୍କ ପ୍ରବେଶ ବ୍ୟାନ୍ କରାଯାଇଛି। ଅତ୍ୟଧିକ ସମ୍ବେଦନଶୀଳ ପରିସ୍ଥିତିକୁ ଦୃଷ୍ଟିରେ ରଖି ପ୍ରଶାସନ ଏହି ପଦକ୍ଷେପ ନେଇଛି। ସୂଚନାନୁସାରେ, ହିଂସା ଏବଂ ପଥର ମାଡ଼ ପରେ ଗିରଫ ହୋଇଥିବା ଲୋକଙ୍କ ଘରୁ ବିପୁଳ ଅସ୍ତ୍ରଶସ୍ତ୍ର ଜବତ ହୋଇଛି। ଏନ୍ଏସ୍ଏ ଅଧୀନରେ ଦୁଷ୍କର୍ମକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଦୁଇ ମହିଳାଙ୍କ ସମେତ ମୋଟ ୨୧ ଜଣଙ୍କୁ ଅଟକ ରଖାଯାଇଛି। ଅଭିଯୁକ୍ତମାନଙ୍କୁ ସିସିଟିଭି ମାଧ୍ୟମରେ ଚିହ୍ନଟ କରାଯାଉଛି। ଭାରତରେ ମୋଗଲ ସାମ୍ରାଜ୍ୟ ସମୟରେ ମସଜିଦ ନିର୍ମାଣ ପାଇଁ ଏଠାରେ ଥିବା ହିନ୍ଦୁ ମନ୍ଦିରକୁ ଭାଙ୍ଗି ଦିଆଯାଇଥିବା ନେଇ ହିନ୍ଦୁ ଗୋଷ୍ଠୀଙ୍କ ପକ୍ଷରୁ ଅଭିଯୋଗ କରାଯାଇଥିଲା। ତେଣୁ ଏହି ସ୍ଥାନରୁ ମସଜିଦ ଉଚ୍ଛେଦ ପାଇଁ ଦାବି କରିଥିଲେ ହିନ୍ଦୁ ପକ୍ଷ। ଏହି ଆବେଦନର ଶୁଣାଣି କରି କୋର୍ଟ ମସଜିଦରେ ସର୍ଭେ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

କୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ଗତ ସପ୍ତାହରେ ମସଜିଦର ସର୍ଭେ କରାଯାଇଥିଲା। ଗତକାଲି ଦ୍ୱିତୀୟ ଥର ପାଇଁ ମସଜିଦର ସର୍ଭେ କରିବାକୁ ଟିମ୍ ପହଞ୍ଚିଥିଲା। ତେବେ ଲୋକେ ଏହାକୁ ବିରୋଧ କରିଥିଲେ। ପ୍ରକୃତରେ, ଆଡଭୋକେଟ୍ କମିଶନରଙ୍କ ନେତୃତ୍ୱରେ ଏକ ଟିମ୍ ରବିବାର ସକାଳେ ସର୍ଭେ କରିବା ପାଇଁ ପହଞ୍ଚିବା ମାତ୍ରେ ମସଜିଦ ଚାରିପାଖରେ ଭିଡ଼ ଜମିଥିଲା। ସର୍ଭେକୁ ବିରୋଧର କରି ପୁଲିସ ଉପରକୁ ଲୋକେ ପଥର ଫିଙ୍ଗିବା ଆରମ୍ଭ କରିଥିଲା। ଏହର ଜବାବରେ ପୁଲିସ ଲୁହବୁହା ଗ୍ୟାସ୍ ପ୍ରୟୋଗ କରିଥିଲା। ଏହାପରେ ହିଂସାତ୍ମକ ସ୍ଥିତି ଉପୁଜିଥିଲା।

## ସାଂସଦ ଓ ବିଧାୟକଙ୍କ ପୁଅ ବିରୋଧରେ ଏଫ୍ଆଇଆର୍

**ସମ୍ଭଲରେ** ହିଂସା ସୃଷ୍ଟି କରିବା ଅଭିଯୋଗରେ ସପା ସାଂସଦ ଜିୟାଉର୍ ରହମାନ ବର୍କ ଓ ସ୍ଥାନୀୟ ସମାଜବାଦୀ ପାର୍ଟି ବିଧାୟକ ଇକବାଲ ମହମୁଦଙ୍କ ପୁଅ ନବାବ ସୁହେଲ ଇକବାଲଙ୍କୁ ଦାୟୀ କରାଯାଇଛି। ମସ୍ଜିଦ ସର୍ଭେକୁ ନେଇ ରବିବାର ଜିଲ୍ଲାରେ ଉତ୍ତେଜନା ପ୍ରକାଶ ପରେ ସମ୍ଭଲ ଥାନାରେ ତାଙ୍କ ବିରୋଧରେ ଏଫ୍ଆଇଆର୍ ରୁଜୁ ହୋଇଛି। ଯୋଜନାବଦ୍ଧ ରୂପେ ହିଂସା ସୃଷ୍ଟି କରିଥିବା ସମାଜବାଦୀ ପାର୍ଟି ସାଂସଦ ଓ ସ୍ଥାନୀୟ ବିଧାୟକଙ୍କ ପୁଅ ବିରୋଧରେ ଅଭିଯୋଗ ରହିଛି। ଏମାନେ ଜାଣିଶୁଣି ମସଜିଦ ବାହାରେ ଭିଡ଼କୁ ଏକାଠି କରିଥିଲେ। ପରେ ସେମାନଙ୍କୁ ଉସକାଇଥିଲେ। ଯାହା ପରେ ଏତେ ପରିମାଣରେ ହିଂସା ଘଟିଥିବା ଅଭିଯୋଗ ହୋଇଛି। ସୁହେଲ ଇକବାଲଙ୍କ ବିରୋଧରେ ଏକ ଷଡଯନ୍ତ୍ର ମାମଲା ରୁଜୁ ହୋଇଛି। ଏହା ସହିତ ପୁଲିସ ହାତରେ ହିଂସା ସୃଷ୍ଟି କରୁଥିବା କେତେକ ଭିଡିଓ ପୋଷ୍ଟକୁ ମଧ୍ୟ ଲାଗିଛି। ଏହାର ଯାଞ୍ଚ ଜାରି ରହିଛି। ସମ୍ଭଲରେ ହୋଇଥିବା ହିଂସା ମାମଲାରେ ବର୍ତ୍ତମାନ ସୁଦ୍ଧା ୭ଟି ଏଫ୍ଆଇଆର୍ ରୁଜୁ ହୋଇଛି। ଏହି ସମସ୍ତ FIRରେ ୨୫୦୦ରୁ ଅଧିକ ଲୋକଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ସମ୍ଭଲ ଏସପି କୃଷ୍ଣ କୁମାର ବିଷ୍ଣୁ କହିଛନ୍ତି, 'ଗତକାଲି ଆହତ ହୋଇଥିବା ସବ୍-ଇନ୍ସପେକ୍ଟର ଦୀପକ ରାଠୀ ୮୦୦ଜଣଙ୍କ ବିରୋଧରେ ଅଭିଯୋଗ କରିଛନ୍ତି। ଜିୟା ଉର ରେହମାନ ବର୍କ ଏବଂ ସୋହେଲ ଇକବାଲଙ୍କ ବିରୋଧରେ ଅଭିଯୋଗ ହୋଇଛି। ଏମାନେ ହିଂସାକୁ ଉସ୍କାଇଥିବା ଅଭିଯୋଗ ରହିଛି। ପୂର୍ବରୁ ମଧ୍ୟ ବର୍କଙ୍କୁ ନୋଟିସ ଦିଆଯାଇଥିଲା, ଏହା ସତ୍ତ୍ୱେ ସେ ଲୋକମାନଙ୍କୁ ଉସ୍କାଇଥିଲେ, ଯେଉଁଥିପାଇଁ ଲୋକମାନେ ଏହି ଘଟଣା ଘଟାଇଥିଲେ। ବର୍କଙ୍କୁ ଗିରଫ କରାଯିବ ଏବଂ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସମ୍ଭଲ ଏସ୍‌ପି କହିଛନ୍ତି। କୋର୍ଟଙ୍କ ନିର୍ଦ୍ଦେଶ ମୁତାବକ, ରବିବାର ସକାଳେ ଜାମା ମସଜିଦର ସର୍ଭେ କରାଯାଇଥିଲା। ତେବେ ସର୍ଭେ ଟିମ୍ ସେଠାରେ ପହଞ୍ଚିବା ପରେ ଲୋକେ ବିରୋଧ କରି ଭିଡ ଜମାଇଥିଲେ। ଏଥିସହ ପୁଲିସ ଉପରକୁ ପଥର ମାଡ଼ କରିଥିଲେ। ଏହା ପରେ ଭିଡ଼କୁ ନିୟନ୍ତ୍ରଣ କରିବା ପାଇଁ ପୋଲିସକୁ ଲାଠି ଚାର୍ଜ କରିବାକୁ ପଡ଼ିଥିଲା। ଏହାପରେ ହିଂସା ଉଗ୍ର ରୂପେ ନେଇଥିଲା। ଏହି ଘଟଣାରେ ୪ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୨୧ ଜଣ ଆହତ ହୋଇଥିବା କୁହାଯାଉଛି। ସେହିପରି ୨୪ ଜଣଙ୍କ ପୁଲିସ ଅଟକ ରଖିଛି।

# ଇସ୍ତଫାକୁ ନାନା ପାଟୋଲେଙ୍କ ନା



**ମୁମ୍ବାଇ, ୨୫।୧୧:** ମହାରାଷ୍ଟ୍ର କଂଗ୍ରେସ ସଭାପତି ନାନା ପାଟୋଲେ ତାଙ୍କ ପଦରୁ ଇସ୍ତଫା ଦେଇଥିବା ଖବର ପ୍ରସାରିତ ହୋଇଥିଲା। ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ଏମ୍ଭିଏ (ମହା ବିକାଶ ଅଘାଡ଼ି)ର ଅତ୍ୟନ୍ତ ନୈରାଶ୍ୟଜନକ ପ୍ରଦର୍ଶନ ଏବଂ ବିଶେଷ କରି କଂଗ୍ରେସ ଦଳର ସ୍ଥିତି ଅତ୍ୟନ୍ତ ଶୋଚନୀୟ ରହିଥିବାରୁ ନାନା ପାଟୋଲେ ଏଥିପାଇଁ ନିଜକୁ ଦାୟୀ କରି ନୈତିକତା ଦୃଷ୍ଟିରୁ ମହାରାଷ୍ଟ୍ର କଂଗ୍ରେସ ସଭାପତି ପଦରୁ ଇସ୍ତଫା ଦେଇଛନ୍ତି ବୋଲି ସୋମବାର ସକାଳେ ଖବର ପ୍ରସାରିତ ହୋଇଥିଲା। କିନ୍ତୁ ନାନା ପାଟୋଲେ ଏହି ଖବରକୁ ଖଣ୍ଡନ କରିଛନ୍ତି। ନାନା ପାଟୋଲେ ତାଙ୍କ ଇସ୍ତଫା ଖବର ଖଣ୍ଡନ କରିବା ସହ କହିଛନ୍ତି, ଏମ୍ଭିଏ ମେଣ୍ଟରେ ସବୁକିଛି ଠିକ୍ ଅଛି। ନିର୍ବାଚନ ଫଳ ମେଣ୍ଟ ଉପରେ କୌଣସି ପ୍ରଭାବ ପକାଇ ନାହିଁ। ଉଲ୍ଲେଖଯୋଗ୍ୟ ଯେ ମହାରାଷ୍ଟ୍ରରେ ୧୦୩ ଆସନରେ ନିର୍ବାଚନ ଲଢ଼ିଥିବା କଂଗ୍ରେସ ମାତ୍ର ୧୬ଟି ଆସନରେ ଜିତିଛି। ଅନ୍ୟପକ୍ଷେ ନାନା ପାଟୋଲେ ସକୋଲି ନିର୍ବାଚନମଣ୍ଡଳୀରେ ନିର୍ବାଚନ ଲଢ଼ି ମାତ୍ର ୨୦୮ ଭୋଟ୍ ବ୍ୟବଧାନରେ ଜିତିଛନ୍ତି। ଯାହାକି ରାଜ୍ୟରେ ସବୁଠାରୁ କମ ବ୍ୟବଧାନ।

# ମାଛଧରା ଡଙ୍ଗାରୁ ୫ ଟନ୍ ଡ୍ରଗ୍ସ ଜବତ

**ପୋର୍ଟବ୍ଲେୟାର, ୨୫।୧୧:** ଭାରତୀୟ ତଟରକ୍ଷୀଙ୍କୁ ଏକ ବଡ଼ ସଫଳତା ମିଳିଛି। ଆଣ୍ଡାମାନରୁ ୫ ଟନର ଡ୍ରଗ୍ସ ଜବତ କରିଛନ୍ତି ତଟରକ୍ଷୀ ବାହିନୀ। ଏକ ମାଛଧରା ଡଙ୍ଗାରେ ଚାଲାଣ ବେଳେ ହୋଇଥିଲା ଚଢ଼ାଉ। ଆଜି ଆଣ୍ଡାମାନ ଦ୍ୱୀପ ନିକଟରେ ଲାଗିଥିବା ବୋଟ୍ ଓ ଜାହାଜର ତଲାସୀ କରିଥିଲେ ତଟରକ୍ଷୀ ବାହିନୀ। ଏହି ସମୟରେ ଏକ ମାଛଧରା ଡଙ୍ଗାରୁ ଡ୍ରଗ୍ସ ମିଳିଥିଲା। ଏହାପରେ ସମ୍ପୂର୍ଣ୍ଣ ତଦନ୍ତ ହେବା ପରେ ଏଥିରୁ ପାଖାପାଖି ୫ ଟନର ଡ୍ରଗ୍ସ ମିଳିଛି। ଏନେଇ ଜଣେ ପ୍ରତିରକ୍ଷା ଅଧିକାରୀ ସୂଚନା ଦେଇଛନ୍ତି। ତଟରକ୍ଷୀ ବାହିନୀ ଦ୍ୱାରା ଜବତ ହୋଇଥିବା ଡ୍ରଗ୍ସ ରାକେଟର ଏହା ସବୁଠାରୁ ବଡ଼ ମାମଲା, ପୂର୍ବରୁ ତଟରକ୍ଷୀ ବାହିନୀଙ୍କ ପକ୍ଷରୁ ଏତେ ପରିମାଣର ଡ୍ରଗ୍ସ ଜବତ କରାଯାଇ ନ ଥିଲା ବୋଲି ଅଧିକାରୀ ଜଣକ କହିଛନ୍ତି।

# ଘୋଡ଼ାରୁ ଡେଇଁ ଚୋରକୁ ଗୋଡ଼ାଇ ଧରିଲା ବର

**ମିରଟ, ୨୫।୧୧:** ବିବାହ ସିଜିନ୍ ଚାଲି ଥିବାବେଳେ ଅନେକ ମଜାଳିଆ ଭିଡିଓ ସାମ୍ନାକୁ ଆସୁଛି। ଏହି କ୍ରମରେ ସୋଶାଲ ମିଡିଆରେ ଏକ ଭିଡିଓ ଖୁବ୍ ଭାଇରାଲ୍ ହେଉଛି, ଯେଉଁଥିରେ ବର ଚୋର ପଛରେ ଧାଉଁଥିବା ଦେଖିବାକୁ ମିଳୁଛି। କାରଣ ବର ବେକରେ ପଡ଼ିଥିବା ଟଙ୍କା ମାଳରୁ କିଛି ଟଙ୍କା ନେଇ ଛୁ ମାରିଥିଲା ଜଣେ ଚୋର। ଏପରି ଘଟଣା ଉତ୍ତରପ୍ରଦେଶର ମିରଟରେ ଘଟିଛି। ଏଠାରେ ଜଣେ ବର ରୀତିନୀତି ଅନୁସାରେ ବ୍ୟାଣ୍ଡ୍ ପାର୍ଟି ସହ ବରଯାତ୍ରୀଙ୍କୁ ନେଇ ଘୋଡ଼ାରେ ବସି କନିଆଁ ଘରକୁ ଯଉଥିଲେ। ଏହି ସମୟରେ ଜଣେ ଚୋର ତାଙ୍କ ବେକରେ ପଡ଼ିଥିବା ଟଙ୍କା ମାଳରୁ କିଛି ନୋଟ୍ ନେଇ ଛୁ ମାରିଥିଲା। ଏହାପରେ ବର ପୁଲିସ ସାଜିଥିଲେ। ବସିଥିବା ଘୋଡ଼ାରୁ ଡେଇଁ ଚୋର ପଛରେ ଧାଇଁଥିଲେ। ତାଙ୍କ ପଛେ ପଛେ ଅନ୍ୟ ଜଣେ ଲୋକ ବାଇକ୍ ନେଇ ଯାଇଥିଲେ। କିଛି ବାଟ ଧାଇଁବା ପରେ ବର ବାଇକରେ ଚୋରକୁ ଗୋଡ଼ାଇଥିଲେ, ସେପଟେ ଚୋର ଜଣକ ଏକ ମିନି ଟ୍ରକରେ ଫେରାର୍ ହୋଇଯିବାକୁ ଚେଷ୍ଟା କରିଥିଲା। ମାତ୍ର ବର ସୁପରମ୍ୟାନ୍ ସାଜି ଚଳନ୍ତା ବାଇକରୁ ମିନି ଟ୍ରକ୍ ଉପରକୁ ଡିଆଁ ମାରିଥିଲେ। ଆଉ ତା' ପରେ ଅତି ସାବଧାନତାର ସହ ମିନି ଟ୍ରକର ଝରକା ଦେଇ ଡ୍ରାଇଭର୍ ଅର୍ଥାତ୍ ଟଙ୍କା ମାଳ ନେଇ ଛୁ ମାରିଥିବା ଚୋର ନିକଟରେ ପହଞ୍ଚିଥିଲେ। ଏହି ସମୟରେ ସେ ଗାଡ଼ି ରଖି ଫେରାର୍ ହୋଇଯିବାକୁ ଚେଷ୍ଟା କରିଥିଲା। ମାତ୍ର ବାଇକ୍ ଚଳାଉଥିବା ବ୍ୟକ୍ତି ତାଙ୍କ ମିନି ଟ୍ରକ୍ ଆଗରେ ଗାଡ଼ି ରଖି ଦେଇଥିଲେ। ଏହାପରେ ଚୋରକୁ କାବୁ କରିବାରେ ସଫଳ ହୋଇ ଯାଇଥିଲେ ବର। ଆଉ ଟଙ୍କା ମାଳ ନେଇଥିବା ବ୍ୟକ୍ତିଙ୍କୁ ନିର୍ଦ୍ଦୁମ ମାଡ଼ ମାରିଥିଲେ। କେବଳ ବର ନୁହନ୍ତି ତାଙ୍କର କିଛି ସମ୍ପର୍କୀୟ ମଧ୍ୟ ସେଠାରେ ପହଞ୍ଚି ଚୋରକୁ ମାଡ଼ ମାରିବା ସହ ତା'ଠାରୁ ଟଙ୍କା ମାଳ ଜବତ କରିଥିଲେ।

# ଲ୍ୟାଣ୍ଡିଂ ପରେ ବିମାନରେ ଲାଗିଲା ନିଆଁ

## ୯୫ ଯାତ୍ରୀ ବର୍ତ୍ତିଗଲେ

**ଇସ୍ତାନବୁଲ, ୨୫।୧୧:** ବିମାନ ଲ୍ୟାଣ୍ଡିଂ ବେଳେ ଲାଗିଲା ନିଆଁ। ଇଂଜିନରେ ନିଆଁ ଲାଗି ହୁ ହୁ ହୋଇ ଜଳିଗଲା ଯାତ୍ରୀବାହୀ ବିମାନ। ଦୁର୍ଘଟଣା ବେଳେ ବିମାନ ଭିତରେ ଥିଲେ ୯୫ ଜଣ ଯାତ୍ରୀ। ତେବେ ସୌଭାଗ୍ୟବଶତଃ କାହାର କୌଣସି କ୍ଷତି ହୋଇନାହିଁ। ଦକ୍ଷିଣ ତୁର୍କୀର ଆଣ୍ଟାଲିଆ ବିମାନ ବନ୍ଦରରେ ଘଟିଛି ଏଭଳି କିଛି ଦୁର୍ଘଟଣା। ତୁର୍କୀର ପରିବହନ ମନ୍ତ୍ରଣାଳୟ କହିଛି ଯେ ରୁଷର ବିମାନ କମ୍ପାନୀ 'ଆଜିମୁଥ୍ ଏୟାରଲାଇନ୍ସ' ଦ୍ୱାରା ପରିଚାଳିତ 'ସୁଖୋଇ ସୁପରଜେଟ୍ ୧୦୦' ଶ୍ରେଣୀ ବିମାନଟି ରବିବାର ଦିନ ରୁଷର ସୋଚିରୁ ଉଡ଼ାଣ ଭରିଥିଲା। ଏଥିରେ ୬ ଜଣ କ୍ରୁ ସଦସ୍ୟ ଓ ୮୯ ଜଣ ଯାତ୍ରୀ ଥିଲେ। ତେବେ ସ୍ଥାନୀୟ ସମୟ ରାତି ୯ଟା ୩୪ ମିନିଟ୍‌ରେ ଆଣ୍ଟାଲିଆ ବିମାନ ବନ୍ଦରରେ ବିମାନଟି ଲ୍ୟାଣ୍ଡିଂ କରିଥିଲା। ଏତିକି ବେଳେ ବିମାନ ଇଂଜିନରେ ନିଆଁ ଲାଗିଥିବା ପାଇଲଟ ଦେଖିବାକୁ ପାଇଥିଲେ। ପରେ ବିମାନ ବନ୍ଦର ଉଦ୍ଧାର ଓ ଅଗ୍ନିଶମ ବାହିନୀ ତୁରନ୍ତ ଆସି ନିଆଁ ଲିଭାଇବା ପାଇଁ ଲାଗିପଡିଥିଲେ। ଏହି ଘଟଣାରେ କେହି ଆହତ ହୋଇନାହାନ୍ତି। ସମସ୍ତ ଯାତ୍ରୀ ଏବଂ କର୍ମଚାରୀଙ୍କୁ ସୁରକ୍ଷିତ ଭାବେ ସ୍ଥାନାନ୍ତର କରାଯାଇଛି। ତେବେ ଅଗ୍ନିକାଣ୍ଡର କାରଣ ଜଣାପଡି ନାହିଁ। ତଦନ୍ତ ଜାରି ରହିଛି।

# ଇସ୍ରାଏଲ ଉପରେ ୨୫୦ ରକେଟ୍ ମାଡ଼ କଲା ହେଜବୁଲ୍ଲା

**ତେଲ ଆଭିଭ୍, ୨୫।୧୧:** କିଛି ଦିନ ପରେ ପୁଣି ଇସ୍ରାଏଲ ଏବଂ ହେଜବୁଲ୍ଲା ମୁହାଁମୁହିଁ। ଇସ୍ରାଏଲ ଉପରେ ୨୫୦ଟି ରକେଟ ମାଡ଼ କରିଛି ଇରାନ ସମର୍ଥିତ ସଂଗଠନ ହେଜବୁଲ୍ଲା। ଇସ୍ରାଏଲ ହେଜବୁଲ୍ଲାର ଦକ୍ଷିଣ ବେରୁଟ ଅଞ୍ଚଳ ଉପରେ ଆକ୍ରମଣ କରିବା ପରେ ପାଲଟା ଜବାବ ଦିଆଯାଇଥିବା ଲେବାନନ ଗଣମାଧ୍ୟମ ରିପୋର୍ଟରେ ପ୍ରକାଶ ପାଇଛି। ଏହି ଆକ୍ରମଣରେ ୭ ଜଣ ଲୋକ ଆହତ ହୋଇଛନ୍ତି। ରିପୋର୍ଟ ଅନୁସାରେ, ଇସ୍ରାଏଲ ଏୟାର ଫୋର୍ସ ହେଜବୁଲ୍ଲାର ଏକାଧିକ ରକେଟକୁ ଖସାଇ ଦେଇଥିଲା। କିନ୍ତୁ କିଛି ରକେଟ ଇସ୍ରାଏଲ ଉପରେ ମାଡ଼ ହୋଇଛି। ଫଳରେ କେତେକ ଘର ଭାଙ୍ଗିଯିବା ସହ ୭ ଜଣ ଆହତ ହୋଇଛନ୍ତି। ଏନେଇ ଇସ୍ରାଏଲ ସୈନ୍ୟବାହିନୀଙ୍କ ପକ୍ଷରୁ ମଧ୍ୟ ନିଶ୍ଚିତ କରାଯାଇଛି। ଇସ୍ରାଏଲ ଡିଫେନ୍ସ ଫୋର୍ସ କହିଛି ଯେ ଇସ୍ରାଏଲ ଉପରେ ହେଜବୁଲ୍ଲା ୨୫୦ଟି ପ୍ରୋଜେକ୍ଟାଇଲ ଗୁଳି ମାଡ଼ କରିଛି। ସେପ୍ଟେମ୍ବର ୨୪ରେ ଇସ୍ରାଏଲ ହେଜବୁଲ୍ଲା ବିରୁଦ୍ଧରେ ଏୟାର ଷ୍ଟ୍ରାଇକ କରିବା ପରେ ଲେବାନନ ୩୫୦ଟି ରକେଟ୍ ଲଞ୍ଚ କରିଥିଲା। ଇସ୍ରାଏଲ ବୈଦେଶିକ ମନ୍ତ୍ରାଳୟ ମଧ୍ୟ ଦୁଇଟି ଭିଡିଓ ପୋଷ୍ଟ କରି ହେଜବୁଲ୍ଲା ରକେଡ ମାଡ଼ ଉପରେ ସୂଚନା ଦେଇଛି। ରବିବାର ହେଜବୁଲ୍ଲାର ରକେଟ ତଳେ ଇସ୍ରାଏଲର ଲକ୍ଷାଧିକ ଲୋକ। ଗୋଟିଏ ଭିଡିଓରେ ଏକ ଘର ଉପରେ ରକେଟ୍ ମାଡ଼ କରୁଥିବାବେଳେ ଅନ୍ୟ ଭିଡ଼ିଓରେ ଏକ କାର୍ ଜଳି ଯାଇଛି। ହେଜବୁଲ୍ଲାକୁ ନିଶ୍ଚିତ ରୂପେ ହଟାଇବାକୁ ପଡ଼ିବ ବୋଲି ଇସ୍ରାଏଲ ବୈଦେଶିକ ମନ୍ତ୍ରାଳୟ କହିଛି।

# ସମ୍ବିଧାନରୁ ହଟିବନି 'ସମାଜବାଦୀ ଓ ଧର୍ମ ନିରପେକ୍ଷ' ଶବ୍ଦ



**ନୂଆଦିଲ୍ଲୀ, ୨୫।୧୧:** ସୁପ୍ରିମକୋର୍ଟଙ୍କ ଐତିହାସିକ ରାୟ। ସମାଜବାଦୀ ଓ 'ଧର୍ମନିରପେକ୍ଷ' ଶବ୍ଦକୁ ଚ୍ୟାଲେଞ୍ଜ ଦିଆଯାଇଥିବା ଆବେଦନକୁ କରିଛନ୍ତି ଖାରଜ। ରାଜ୍ୟସଭାର ପୂର୍ବତନ ସାଂସଦ ସୁବ୍ରମଣ୍ୟମ ସ୍ୱାମୀ, ଆଇନଜୀବି ବିଷ୍ଣୁ ଶଙ୍କର ଜୈନ ଏବଂ ଅନ୍ୟମାନଙ୍କ ଦ୍ୱାରା ଦାଖଲ ଆବେଦନକୁ ଖାରଜ କରିଛନ୍ତି ସର୍ବୋଚ୍ଚ ଅଦାଲତ। ଏହା ସହ ପୂର୍ବଭଳି ଏହି ଶବ୍ଦ ମୁଖବନ୍ଧରେ ରହିବ ବୋଲି କହିଛନ୍ତି ପ୍ରଧାନ ବିଚାରପତି।

ସମ୍ବିଧାନ ଦିବସ ପୂର୍ବରୁ ସୁପ୍ରିମକୋର୍ଟଙ୍କ ବଡ଼ ରାୟ। ସମ୍ବିଧାନ ମୁଖବନ୍ଧରେ ସାମିଲ 'ସମାଜବାଦୀ' ଓ 'ଧର୍ମ ନିରପେକ୍ଷ' ଶବ୍ଦ ପୂର୍ବ ଭଳି ରହିବ। ଏହାକୁ ହଟାଯିବନି ବୋଲି କହିଛନ୍ତି, ଭାରତର ପ୍ରଧାନ ବିଚାରପତି ସଞ୍ଜୀବ ଖାନ୍ନା ଓ ଜଷ୍ଟିସ୍ ସଞ୍ଜୟ କୁମାରଙ୍କ ଖଣ୍ଡପୀଠ। ସିଜେଆଇ କହିଛନ୍ତି, ଏହି ଆବେଦନ ଉପରେ ବିସ୍ତାରିତ ଭାବରେ ଶୁଣାଣି କରିବାର କିଛି ଆବଶ୍ୟକତା ନାହିଁ। 'ସମାଜବାଦୀ' ଓ 'ଧର୍ମ ନିରପେକ୍ଷ' ଭଳି ଶବ୍ଦ ୧୯୭୬ ରେ ସମ୍ବିଧାନ ସଂଶୋଧନ ଜରିଆରେ ସାମିଲ କରାଯାଇଥିଲା। ଏହାଦ୍ୱାରା ୧୯୪୯ ରେ ଗ୍ରହଣ କରାଯାଇଥିବା ସମ୍ବିଧାନ ଉପରେ କୌଣସି ଫରକ ପଡେନି।' ରାଜ୍ୟସଭାର ପୂର୍ବତନ ସାଂସଦ ସୁବ୍ରମଣ୍ୟମ ସ୍ୱାମୀ, ଆଇନଜୀବି ବିଷ୍ଣୁ ଶଙ୍କର ଜୈନ ଏବଂ ଅନ୍ୟମାନଙ୍କ ଦ୍ୱାରା ଦାଖଲ ଆବେଦନକୁ ସୋମବାର ଖାରଜ କରିଛନ୍ତି ସର୍ବୋଚ୍ଚ ଅଦାଲତ। ଇନ୍ଦିରା ଗାନ୍ଧି ସରକାର ୧୯୭୬ ମସିହାରେ ସମ୍ବିଧାନର ୪୨ତମ ସଂଶୋଧନ ବଳରେ ମୁଖବନ୍ଧରେ ସମାଜବାଦୀ ଓ ଧର୍ମନିରପେକ୍ଷ ଶବ୍ଦ ଯୋଡ଼ିଥିଲେ। ଏଥିଯୋଗୁ ଭାରତର ପରିଚୟ ମୁଖବନ୍ଧରେ ବଦଳି ଥିଲା। ତଥାପି ମୁଖବନ୍ଧରେ ୧୯୭୬ ମସିହା କଥା ଉଲ୍ଲେଖ କରାଯାଇନି। ଏଥିରେ କେବଳ ୧୯୪୯ ମସିହା ନଭେମ୍ବର ୨୬ରେ ଗ୍ରହଣ କରାଯାଇଥିଲା ବୋଲି କହିଛନ୍ତି ପ୍ରଧାନ ବିଚାରପତି।

## ଆବେଦନ ଖାରଜ କଲେ ସୁପ୍ରିମକୋର୍ଟ

# ନିଜ୍ଜର ହତ୍ୟା ମାମଲାରେ ୪ ଭାରତୀୟଙ୍କ ଉପରେ ନଜର

**ଓଟାୱା, ୨୫।୧୧:** କାନାଡାରେ, ଖାଲିସ୍ତାନୀ ସମର୍ଥକଙ୍କ ପ୍ରକୃତି ପରିବର୍ତ୍ତନ ହେବାର ନାଁ ନେଉନାହିଁ। ଭାରତ-କାନାଡା ସମ୍ପର୍କ ପୂର୍ବରୁ ତିକ୍ତ ହୋଇପଡ଼ିଛି, କିନ୍ତୁ ପ୍ରଧାନମନ୍ତ୍ରୀ ଜଷ୍ଟିନ ଟ୍ରୁଡୋ ଖଲିସ୍ତାନୀ ଭୋଟ୍ ବ୍ୟାଙ୍କ ସ୍ୱାର୍ଥରେ ରାଜନୀତି କରୁଛନ୍ତି। ହରଦୀପ ସିଂ ନିଜ୍ଜର ହତ୍ୟା ମାମଲାରେ କୌଣସି ଠୋସ୍ ପ୍ରମାଣ ନଥିଲେ ମଧ୍ୟ କାନାଡା ସରକାର ଏହି ମାମଲାରେ ଏକ ନୂତନ ପଦକ୍ଷେପ ନେଇଛନ୍ତି। ବର୍ତ୍ତମାନ ପ୍ରାଥମିକ ଶୁଣାଣି ବିନା ଚାରି ଜଣ ଭାରତୀୟ ନାଗରିକଙ୍କ ବିରୋଧରେ ସିଧାସଳଖ ଶୁଣାଣି ଆରମ୍ଭ କରିବାକୁ ଘୋଷଣା କରାଯାଇଛି। ଅଭିଯୁକ୍ତମାନଙ୍କ ମଧ୍ୟରେ କରଣ ବ୍ରାର, ଅମନଦୀପ ସିଂହ, କମଲପ୍ରୀତ ସିଂହ ଏବଂ କରଣପ୍ରୀତ ସିଂହ ଅଛନ୍ତି। କାନାଡାର ବିସି ପ୍ରୋସିକ୍ୟୁସନ୍ ସର୍ଭିସ୍ ଅନୁଯାୟୀ ଏହି ନିଷ୍ପତ୍ତି ଅର୍ଥ ହେଉଛି ଯେ ମାମଲା ସିଧାସଳଖ ସୁପ୍ରିମକୋର୍ଟକୁ ଯିବ ଏବଂ ପ୍ରାଥମିକ ଶୁଣାଣି ପର୍ଯ୍ୟାୟକୁ ଏଡ଼ାଇ ଦିଆଯିବ। ଏହି ପ୍ରକ୍ରିୟା ସାଧାରଣତଃ ଅଭିଯୁକ୍ତକୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟର ସାକ୍ଷୀମାନଙ୍କୁ ମାମଲାର ଅନୁସନ୍ଧାନ କରିବାର ସୁଯୋଗ ଦେଇଥାଏ, କିନ୍ତୁ ଏହି ନିଷ୍ପତ୍ତି ଅଭିଯୁକ୍ତଙ୍କ ପକ୍ଷର ସୁଯୋଗକୁ ପ୍ରତ୍ୟାଖ୍ୟାନ କରିବ। କାନାଡାର କ୍ରାଇମବ୍ରାଞ୍ଚ ଅନୁଯାୟୀ, ଖୁବ୍ କମ୍ ମାମଲାରେ ପ୍ରତ୍ୟକ୍ଷ ଅଭିଯୋଗ ବ୍ୟବହାର କରାଯାଏ। ସୂଚନାନୁସାରେ, ଏହାର ନିଷ୍ପତ୍ତି ଆଟର୍ଣ୍ଣି ଜେନେରାଲଙ୍କ ଦାୟିତ୍ୱ ଅଟେ ଏବଂ ଏହା କେବଳ ଜନସାଧାରଣଙ୍କ ସ୍ୱାର୍ଥ ମାମଲାରେ ନିଆଯାଏ।

### ଦିଲ୍ଲୀ ସରକାରଙ୍କ ବଡ଼ ଘୋଷଣା

# ବରିଷ୍ଠ ନାଗରିକଙ୍କୁ ମିଳିବ ପେନ୍‌ସନ୍

**ନୂଆଦିଲ୍ଲୀ, ୨୫।୧୧:** ନିର୍ବାଚନ ପୂର୍ବରୁ ହଜାର ହଜାର ବୃଦ୍ଧବୃଦ୍ଧାଙ୍କୁ ଦିଲ୍ଲୀ ସରକାର ଏକ ବଡ ଉପହାର ଦେଇଛନ୍ତି। ଆମ ଆଦମୀ ପାର୍ଟିର ଜାତୀୟ ସଂଯୋଜକ ଅରବିନ୍ଦ କେଜ୍‌ରିୱାଲ କହିଛନ୍ତି, ଦିଲ୍ଲୀର ଲକ୍ଷ ଲକ୍ଷ ବୟସ୍କ ବ୍ୟକ୍ତି ପେନସନ ପାଇବେ। ଆଜି ଦିଲ୍ଲୀ ସରକାରଙ୍କ ଦ୍ୱାରା ୮୦,୦୦୦ ବୃଦ୍ଧାବୃଦ୍ଧ ପେନ୍‌ସନ୍ ସ୍କିମ୍ ଖୋଲିଛି। ବର୍ତ୍ତମାନ ଦିଲ୍ଲୀର ପାଞ୍ଚ ଲକ୍ଷ ୩୦ ହଜାରରୁ ଅଧିକ ବୃଦ୍ଧ ୨୫୦୦ ଟଙ୍କା ପର୍ଯ୍ୟନ୍ତ ପେନ୍‌ସନ ପାଇବେ। ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଜାତୀୟ ସଂଯୋଜକ ଅରବିନ୍ଦ କେଜ୍‌ରିୱାଲ କହିଛନ୍ତି, ଆଜି ଆମେ ଦିଲ୍ଲୀର ବୃଦ୍ଧାବୃଦ୍ଧମାନଙ୍କ ପାଇଁ ଏକ ଖୁସି ଖବର ଆଣିଛୁ। ୮୦ ହଜାର ପୁରୁଣା ପେନସନ ଖୋଲାଯାଉଛି। ବର୍ତ୍ତମାନ ସମୁଦାୟ ପାଞ୍ଚ ଲକ୍ଷ ୩୦ ହଜାର ବୃଦ୍ଧାବୃଦ୍ଧ ବ୍ୟକ୍ତି ପେନସନ ପାଇବେ। କ୍ୟାବିନେଟ ଏହାକୁ ପାରିତ କରିଛି। ଗତ ୨୪ ଘଣ୍ଟା ମଧ୍ୟରେ ୧୦ ହଜାର ଆବେଦନ ଗ୍ରହଣ କରାଯାଇଛି। ୨୦୧୫ରେ ସରକାର ଗଠନ କରିବା ପରେ ଆମେ ପେନ୍‌ସନ ବୃଦ୍ଧି କରିଛୁ। ଦେଶରେ ଦିଲ୍ଲୀର ସର୍ବାଧିକ ପେନ୍‌ସନ ରହିଛି।

### ଜୀବନ ନେଲା ଗୁଗୁଲ ମ୍ୟାପ୍

# ନିର୍ମାଣାଧୀନ ପୋଲରୁ କାର୍ ଖସି ୩ ମୃତ

**ଲକ୍ଷ୍ନୌ, ୨୫।୧୧:** ରାସ୍ତା ଭଟକି ଗଲେ, ନୂଆ ସ୍ଥାନରେ କିମ୍ବା ଠିକଣା ସ୍ଥାନରେ ପହଞ୍ଚିବାକୁ ହେଲେ ବାଟ ବତାଇଥାଏ ଗୁଗୁଲ ମ୍ୟାପ୍। ହେଲେ ଏବେ ସେହି ଗୁଗୁଲ ମ୍ୟାପ୍ ମୃତ୍ୟୁର କାରଣ ସାଜିଛି। ଗୁଗୁଲ ମ୍ୟାପ୍ ପାଇଁ ଅକାଳରେ ଚାଲିଛି ତିନି ଜଣଙ୍କ ଜୀବନ। ଅଧା ଗଢ଼ା ପୋଲରୁ ଖସି ପଡିଛି କାର୍। ଏଭଳି କିଛି ଘଟଣା ଘଟିଛି ଉତ୍ତରପ୍ରଦେଶରେ। ଏକ ବିବାହ ଭୋଜରେ ଯୋଗ ଦେବା ପାଇଁ ୩ ଜଣକ ସାଙ୍ଗ ଗୁରୁଗ୍ରାମରୁ ରାଇବରେଲିକୁ କାର୍ ଯୋଗେ ବାହାରିଥିଲେ। ତେବେ ଠିକଣା ସ୍ଥାନରେ ପହଞ୍ଚିବା ପାଇଁ ଏମାନେ ସାହାରା ନେଇଥିଲେ ଗୁଗୁଲ ମ୍ୟାପ୍‌ର। ଯେଉଁ ବାଟ କଢ଼େଇ ନେଲା ଗୁଗୁଲ ମ୍ୟାପ୍ ସେହି ବାଟ ଦେଇ ଚାଲିଥିଲେ କାର୍ ଡ୍ରାଇଭର। ଶେଷରେ ଗୁଗୁଲ ମ୍ୟାପ୍‌ର ଜିପିଏସ୍ ସିଷ୍ଟମ୍ ସେମାନଙ୍କୁ ଏକ ଅଧା ଗଢ଼ା ପୋଲ ଉପରେ ଆଣି ଛାଡି ଦେଇଥିଲା।


ଗୁଗଲ ମ୍ୟାପ୍‌ର ନିର୍ଦ୍ଦେଶ ଅନୁସାରେ କାର୍ ନେଇ ପୋଲ ଉପରକୁ ଚଢ଼ି ଯାଇଥିଲେ ଏମାନେ। ପୋଲ ଅଧା ତିଆରି ହୋଇଥିବାରୁ ରାତିରେ ରାସ୍ତା ଦେଖା ଯାଇ ନଥିଲା। ଫଳରେ ଦ୍ରୁତ ଗତିରେ ଆସୁଥିବା କାର୍‌ଟି ଶୁଖି ଯାଇଥିବା ରାମଗଙ୍ଗା ନଦୀ ଖସି ପଡ଼ିଥିଲା। ୫୦ ଫୁଟ ତଳକୁ ଖସିପଡ଼ିବାରୁ ଏଥିରେ ୩ ଜଣଙ୍କର ମୃତ୍ୟୁ ହୋଇଛି। ପରଦିନ ସକାଳେ ସ୍ଥାନୀୟ ଲୋକ କାର୍ ସହିତ ୩ ଜଣ ଲୋକଙ୍କ ମୃତଦେହ ଠାବ୍ କରିଥିଲେ। ଏହାପରେ ପୁଲିସକୁ ଖବର ଦେଇଥିଲେ। ପୁଲିସ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଜବତ ହୋଇଥିବା କାର୍‌ଟି ଏକ ୱାଗନ ଆର୍ ଥିଲା। ବରେଲିର ଫରିଦପୁର ପୁଲିସ ଷ୍ଟେସନ ପରିସରର ଖାଲପୁର ଅଞ୍ଚଳରେ ଏହି ଦୁର୍ଘଟଣା ଘଟିଛି। ରାମଗଙ୍ଗା ନଦୀ ଉପରେ ଫରିଦପୁର-ବାଦାଉଁର ଦାତାଗଞ୍ଜକୁ ସଂଯୋଗ କରୁଥିବା ଅସମ୍ପୂର୍ଣ୍ଣ ବ୍ରିଜରୁ କାର୍‌ଟି ଖସିପଡ଼ିଛି। କାରରେ ଥିବା ଯାତ୍ରୀମାନେ ଥିଲେ ଫାରୁଖବାଦର ବିବେକ କୁମାର, ଅମିତ ଏବଂ କୌଶଲ। ଗୁଗୁଲ୍ ମ୍ୟାପ୍ ସାହାଯ୍ୟରେ ଗାଡିଟି ଦତ୍ତାଗଞ୍ଜରୁ ଆସୁଥିଲା। ଅନ୍ୟପଟେ ପରିବାର ଲୋକେ ପ୍ରଶାସନର ଅସାବଧାନତାକୁ ଦାୟୀ କରିଛି। ପୋଲ ଅଧା ତିଆରି ହୋଇ ରହିଥିଲା। ଏଥିରେ ଆରମ୍ଭ କିମ୍ବା ଶେଷରେ କୌଣସି ବ୍ୟାରିକେଡ୍ ବା ସିଗ୍‌ନାଲ ଦିଆ ଯାଇ ନଥିଲା। ଏହି ଅସାବଧାନାତା ଯୋଗୁ ୩ ଜଣଙ୍କର ଜୀବନ ଯାଇଥିବା ନେଇ ପରିବାର ଲୋକ ଅଭିଯୋଗ ଆଣିଛନ୍ତି। ଏଥିସହ ପୋଲ ତିଆରି କରିଥିବା କନଷ୍ଟ୍ରକ୍‌ସନ ଡିପାର୍ଟମେଣ୍ଟ ବିରୋଧରେ ଥାନାରେ ମାମଲା ରୁଜୁ କରିଛନ୍ତି।



# ସଂସଦକୁ ସାଇକେଲରେ ଆସିଲେ ଟିଡିପି ଏମ୍‌ପି

**ନୂଆଦିଲ୍ଲୀ, ୨୫।୧୧:** ପାର୍ଲାମେଣ୍ଟର ଶୀତକାଳୀନ ଅଧିବେଶନ ସୋମବାର ଆରମ୍ଭ ହୋଇଯାଇଛି। ଅଧିବେଶନରେ ଯୋଗଦେବାକୁ ଟିଡିପି ଏମ୍‌ପି ଆପାଲା ନାଇଡୁ ସାଇକେଲରେ ଆସି ପାର୍ଲାମେଣ୍ଟରେ ପହଞ୍ଚିଥିଲେ। ଏହି ଅବସରରେ ଏମ୍‌ପି ଆପାଲା ପାରମ୍ପରିକ ପୋଷାକ ମଧ୍ୟ ପରିଧାନ କରିଥିବାର ନଜର ଆସିଛନ୍ତି। ବର୍ତ୍ତମାନ ଏମ୍‌ପି ଆପାଲା ପାର୍ଲାମେଣ୍ଟକୁ ସାଇକେଲରେ ଆସିବା ଦିଲ୍ଲୀରେ ଦେଖାଦେଇଥିବା ବାୟୁ ପ୍ରଦୂଷଣ ଉପରେ ଏକ ବାର୍ତ୍ତା ବୋଲି ମଧ୍ୟ ଚର୍ଚ୍ଚା ହେଉଛି। ଅଧିବେଶନ ଆରମ୍ଭରୁ ବିରୋଧୀ ଆଦାନୀ ଗ୍ରୁପ ବିରୋଧରେ ଆମେରିକା ଆଣିଥିବା ଲାଞ୍ଚ ଅଭିଯୋଗ ସମେତ ମଣିପୁର ହିଂସା ପ୍ରସଙ୍ଗ ଏବଂ ଓ୍ୱାକଫ୍ ସଂଶୋଧନ ବିଲ ଉପରେ ତୁରନ୍ତ ଆଲୋଚନା ପାଇଁ ଦାବି କରି ଉଭୟ ଗୃହରେ ହୋ-ହଲ୍ଲା କରିଥିଲେ। ଏନେଇ ଉଭୟ ଗୃହକୁ ବାଚସ୍ପତି ସ୍ଥଗିତ କରିଛନ୍ତି। ଆସନ୍ତାକାଲି ଅର୍ଥାତ୍ ମଙ୍ଗଳବାର ସମ୍ବିଧାନ ଦିବସ ଅବସରରେ ଗୃହକାର୍ଯ୍ୟ ବନ୍ଦ ରହିବ।

# ଫଡନାବିସଙ୍କୁ ସମର୍ଥନ କଲେ ଅଜିତ ପାୱାର



**ମୁମ୍ବାଇ, ୨୫।୧୧:** କିଏ ହେବ ମହାରାଷ୍ଟ୍ରର ନୂଆ ମୁଖ୍ୟମନ୍ତ୍ରୀ। ଏକନାଥ ସିନ୍ଦେ ନା ଦେବେନ୍ଦ୍ର ଫଡନାବିସ୍। ବିଧାନସଭା ନିର୍ବାଚନରେ ବିଜେପି ଏକା ୧୩୨ ଆସନରେ ଜିତି ବଡ଼ ଦଳ ଭାବେ ଉଭା ହୋଇଛି। ତେଣୁ ମୁଖ୍ୟମନ୍ତ୍ରୀ ରେସ୍‌ରେ ଦେବେନ୍ଦ୍ର ଫଡନାବିସ୍ ଆଗରେ ଅଛନ୍ତି। ଏହାରି ଭିତରେ ମହାୟତିରେ ମୁଖ୍ୟମନ୍ତ୍ରୀ ପଦକୁ ନେଇ ବଡ଼ ଖବର ସାମ୍ନାକୁ ଆସିଛି। ମିଳିଥିବା ସୂଚନା ଅନୁଯାୟୀ ଅଜିତ ପାୱାର ଦଳର ଏନସିପି ଦେବେନ୍ଦ୍ର ଫଡନାବିସଙ୍କୁ ମୁଖ୍ୟମନ୍ତ୍ରୀ କରିବାକୁ ରାଜି ହୋଇଛନ୍ତି। ରବିବାର ଅନୁଷ୍ଠିତ ବୈଠକରେ ଅଜିତ ପାୱାର ଏବଂ ତାଙ୍କର ସମସ୍ତ ବିଧାୟକ ଦେବେନ୍ଦ୍ର ଫଡନାବିସଙ୍କୁ ସିଏମ୍ କରିବାକୁ ସମର୍ଥନ କରିଥିଲେ। ତଥାପି, ସିନ୍ଦେ ଶିବିରରେ ଥିବା ବିଧାୟକମାନେ ଏକନାଥ ସିନ୍ଦେ ହିଁ ମୁଖ୍ୟମନ୍ତ୍ରୀ ହୁଅନ୍ତୁ ବୋଲି ଚାହୁଁଛନ୍ତି। ଏପଟେ ମହାରାଷ୍ଟ୍ର ବିଧାନସଭାର କାର୍ଯ୍ୟକାଳ ନଭେମ୍ବର ୨୬ ତାରିଖରେ ଶେଷ ହେଉଛି। ତେଣୁ ହାତରେ ଆଉ ମାତ୍ର ଗୋଟିଏ ଦିନ ଥିବାରୁ ଯଥାଶୀଘ୍ର ସରକାର ଗଠନ ନେଇ ପ୍ରସ୍ତୁତ ହେଉଛି ମେଣ୍ଟ। ସୋମବାର ଅର୍ଥାତ୍ ଆଜି ନେତା ଚୟନ ନେଇ ମହାୟୁତିରେ ବିଧାୟକ ଦଳ ବୈଠକ ବସିବପାରେ। ଏହା ପୂର୍ବରୁ ତିନି ଦଳର ପ୍ରମୁଖ ନେତା ଦେବେନ୍ଦ୍ର ଫଡନାବିସ୍, ଏକନାଥ ସିନ୍ଦେ, ଅଜିତ୍ ପାୱାର ଦିଲ୍ଲୀ ଗସ୍ତ କରିଛନ୍ତି। ବିଜେପି ହାଇକମାଣ୍ଡଙ୍କ ସହ ବୈଠକ ପରେ ମୁଖ୍ୟମନ୍ତ୍ରୀଙ୍କ ନାଁ ଘୋଷଣା ହେବ।

ମହାରାଷ୍ଟ୍ରରେ ପୁରୁଣା ଫର୍ମୁଲାରେ ସରକାର ଚାଲିବ ବୋଲି କୁହାଯାଉଛି। ମହାୟୁତିରେ ଜଣେ ମୁଖ୍ୟମନ୍ତ୍ରୀ ଏବଂ ୨ ଜଣ ଉପ-ମୁଖ୍ୟମନ୍ତ୍ରୀ ରହିବେ। ଏହା ଉପରେ ଆଜିର ବୈଠକରେ ମୋହର ବାଜିବ ବୋଲି କୁହାଯାଉଛି। ଦେବେନ୍ଦ୍ର ଫଡାନାବିସ ମୁଖ୍ୟମନ୍ତ୍ରୀ ହେବା ନେଇ ଏକ ପ୍ରକାର ନିଶ୍ଚିତ ହୋଇସାରିଥିବା କୁହାଯାଉଛି। ଫଡନାବିସଙ୍କୁ ମୁଖ୍ୟମନ୍ତ୍ରୀ କରିବା ପାଇଁ ଅଜିତ ଗୋଷ୍ଠୀ ପକ୍ଷରୁ କୌଣସି ଆପତ୍ତି ନାହିଁ। ଯଦି ଫଡନାବିସ୍ ମୁଖ୍ୟମନ୍ତ୍ରୀ ହୁଅନ୍ତି ତେବେ ଏକନାଥ ସିନ୍ଦେ ଏବଂ ଅଜିତ ପାୱାର ଉପମୁଖ୍ୟମନ୍ତ୍ରୀ ହୋଇପାରନ୍ତି। ମହାୟୁତି ମେଣ୍ଟରେ ପ୍ରତି ୬-୭ ବିଧାୟକରେ ଜଣିଏ ଲେଖାଏଁ ମନ୍ତ୍ରୀ ହେବା ଫର୍ମୁଲା ଚୂଡ଼ାନ୍ତ ହୋଇଛି। ସେହି ହିସାବରେ ବିଜେପିରୁ ୨୨ରୁ ୨୪, ସିନ୍ଦେ ଗୋଷ୍ଠୀରୁ ୧୦ରୁ ୧୨ ଏବଂ ଅଜିତ୍ ଗୋଷ୍ଠୀରୁ ୮-୧୦ ମନ୍ତ୍ରୀ ହୋଇପାରନ୍ତି। ମୁଖ୍ୟମନ୍ତ୍ରୀ ଘୋଷଣା ପରେ ଶପଥ ଗ୍ରହଣ ସମାରୋହ ହେବ।

ସେପଟେ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ପଦକୁ ନେଇ ୫୦-୫୦ ଫର୍ମୁଲା ଦାବି କରିଛି ସିନ୍ଦେ ଶିବ ସେନା ଗୋଷ୍ଠୀ। ଏହି ଫର୍ମୁଲା ଅନୁଯାୟୀ, ଅଢ଼େଇ ବର୍ଷ ସିନ୍ଦେ ମୁଖ୍ୟମନ୍ତ୍ରୀ ପଦରେ ରହିବେ। ଦିଲ୍ଲୀରେ ବିଜେପି ହାଇକମାଣ୍ଡଙ୍କ ବୈଠକ ବେଳେ ଏକନାଥ ସିନ୍ଦେ ଏହି ଫର୍ମୁଲା ଉପରେ ଜୋର ଦେଇ ପାରନ୍ତି। ମହାରାଷ୍ଟ୍ରରେ ମହାୟୁତିକୁ ୨୮୮ ବିଧାନସଭା ଆସନରୁ ୨୩୩ ସିଟ୍ ମିଳିଛି। ଏଥିରୁ ୧୩୨ ଆସନରେ ବିଜେପି ବିଜୟ ଲାଭ କରିଛି।

ବର୍ଡର-ଗାଭାସ୍କର ଟ୍ରଫି

# ଅଷ୍ଟ୍ରେଲିଆ ବିପକ୍ଷରେ ଭାରତର ବିଶାଳ ବିଜୟ



**ପର୍ଥ, ୨୫।୧୧:** ବର୍ଡର-ଗାଭାସ୍କର ଟ୍ରଫିରେ ଅଷ୍ଟ୍ରେଲିଆ ବିପକ୍ଷରେ ବିଶାଳ ବିଜୟ ହାସଲ କରିଛି ଟିମ୍ ଇଣ୍ଡିଆ। ଘରୋଇ ମାଟିରେ କଙ୍ଗାରୁ ବାହିନୀ ୨୯୫ ରନରେ ପରାସ୍ତ ହୋଇଛନ୍ତି। ଫଳରେ ଏହି ଟେଷ୍ଟ ସିରିଜରେ ୧-୦ରେ ଆଗରେ ରହିଛି ଭାରତ। ଅଷ୍ଟ୍ରେଲିଆର ପର୍ଥରେ ବର୍ଡର-ଗାଭାସ୍କର ଟ୍ରଫିର ପ୍ରଥମ ଟେଷ୍ଟ ମ୍ୟାଚ୍ ଖେଳା ଯାଇଥିଲା। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଭାରତ ନୈରାଶ୍ୟଜନକ ପ୍ରଦର୍ଶନ କରିଥିଲା। ପ୍ରଥମ ଇନିଂସରେ ଦଳ ମାତ୍ର ୧୫୦ ରନରେ ଅଲ୍ ଆଉଟ୍ ହୋଇ ଯାଇଥିଲା। ଫଳରେ ଏକ ଲଜ୍ଜାଜନକ ପରାଜୟର ଆଶଙ୍କା କରାଯାଉଥିଲା। ମାତ୍ର ବୋଲର ଆଶାର ସଂଚାର ସୃଷ୍ଟି କରିଥିଲେ। ଘରୋଇ ଦଳକୁ ପ୍ରଥମ ଇନିଂସରେ ୧୦୪ ରନରେ ଅଲ୍ ଆଉଟ୍ କରାଇ ନେଇଥିଲେ। ଏଥିରେ ଯଶପ୍ରୀତ ବୁମରାଙ୍କୁ ୫ଟି ୱିକେଟ ମିଳି ଥିବାବେଳେ ନୀତିଶ ରେଡ୍ଡୀଙ୍କୁ ତିନୋଟି ଏବଂ ମହମ୍ମଦ ସିରାଜଙ୍କୁ ୨ଟି ୱିକେଟ ମିଳିଥିଲା।

ଏହାପରେ ଦ୍ୱିତୀୟ ପାଳିରେ ଜାଦୁ ଦେଖାଇଥିଲେ ବ୍ୟାଟର। ଷ୍ଟାର୍ ଓପନର୍ ଯଶସ୍ୱୀ ଜୈସ୍ୱାଲ ୧୬୧ ରନର ବଡ଼ ପାଳି ଖେଳିଥିଲେ। ତାଙ୍କ ସହ ଓପନିଂ କରିଥିବା କେଏଲ ରାହୁଲ ମଧ୍ୟ ୭୭ ରନ୍ କରି ଥିବାବେଳେ ବିରାଟ କୋହଲି ଅପରାଜିତ ରହି ଶତକୀୟ ପାଳି ଖେଳିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନୀତିଶ ରେଡ୍ଡୀ ୩୮ (ଅପରାଜିତ), ୱାଶିଂଟନ ସୁନ୍ଦର ୨୯, ଦେବଦତ୍ତ ପାଡିକଲ ୨୫ ରନ୍ କରିଥିଲେ ଏବଂ ଋଷଭ ପନ୍ତ ଓ ଧ୍ରୁବ୍ ଜୁରେଲ ଯଥାକ୍ରମେ ଗୋଟିଏ ଲେଖାଏଁ ରନ୍ କରି ଆଉଟ୍ ହୋଇ ଯାଇଥିଲେ। ୬ ୱିକେଟ ବିନିମୟରେ ୪୮୭ ରନ୍ କରି ପାଳି ଘୋଷଣା କରିଥିଲା ଟିମ୍ ଇଣ୍ଡିଆ। ଫଳରେ କଙ୍ଗାରୁ ବାହିନୀ ଆଗରେ ୫୩୪ ରନର ଟାର୍ଗେଟ ରହିଥିଲା।


ଦ୍ୱିତୀୟ ପାଳିରେ ବି ଭାରତୀୟ ବୋଲରଙ୍କ ସାମ୍ନା କରିପାରି ନଥିଲା କଙ୍ଗାରୁ ବାହିନୀ। ଦଳ ଖାତା ଖୋଲି ନ ଥିବାବେଳେ ପ୍ରଥମ ୱିକେଟ ହରାଇଥିଲା ଅଷ୍ଟ୍ରେଲିଆ। ତୃତୀୟ ଦିନର ଷ୍ଟମ୍ପ ଅପସାରଣ ବେଳକୁ ତିନି ୱିକେଟ୍ ବିନିମୟରେ ୧୨ ରନ୍ ସଂଗ୍ରହ କରିଥିଲା କଙ୍ଗାରୁ ବାହିନୀ। ଆଜି ଚତୁର୍ଥ ଦିନରେ ଅବଶିଷ୍ଟ ୱିକେଟ୍ ହରାଇ ୨୨୬ ରନ୍ କରିବାକୁ ସକ୍ଷମ ହୋଇଥିଲା। ଫଳରେ ଏହି ମ୍ୟାଚକୁ ୨୯୫ ରନର ବିଶାଳ ବ୍ୟବଧାନରେ ଜିତି ନେଇଛି ଟିମ୍ ଇଣ୍ଡିଆ। ଦ୍ୱିତୀୟ ମ୍ୟାଚ୍ ଡିସେମ୍ବର ୬ରୁ ଆରମ୍ଭ ହେବ।



## ଐତିହାସିକ ବିଜୟ ପରେ ବିଶ୍ୱ ଟେଷ୍ଟ ଚାମ୍ପିୟନସିପ ପଏଣ୍ଟ ଟେବୁଲ ଶୀର୍ଷରେ ଭାରତ

**ପର୍ଥ, ୨୫।୧୧:** କ୍ରମାଗତ ତୃତୀୟ ଥର ପାଇଁ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ ଫାଇନାଲ ଖେଳିବା ପାଇଁ ଭାରତର ଆଶା ଉଜ୍ଜୀବିତ ରହିଛି। ସୋମବାର ଦଳ ପର୍ଥରେ ଅଷ୍ଟ୍ରେଲିଆକୁ ୨୯୫ରେ ହରାଇ ଐତିହାସିବ ବିଜୟ ହାସଲ କରିଛି। ଏହାପୂର୍ବରୁ ଭାରତୀୟ ଟିମ ଘରୋଇ ମାଟିରେ ନ୍ୟୁଜିଲ୍ୟାଣ୍ଡ ଠାରୁ ୦-୩ରେ ପରାସ୍ତ ହୋଇଥିଲା। ତେବେ ପର୍ଥରେ ଐତିହାସିକ ବିଜୟ ପରେ ଭାରତୀୟ ଟିମ ବିଶ୍ୱ ଟେଷ୍ଟ ଚାମ୍ପିୟନସିପ ପଏଣ୍ଟ ଟେବୁଲର ଶୀର୍ଷ ସ୍ଥାନ ଦଖଲ କରିଛି। ନ୍ୟୁଜିଲ୍ୟାଣ୍ଡ ସିରିଜ ପୂର୍ବରୁ ଭାରତୀୟ ଟିମ ଶୀର୍ଷରେ ରହିଥିଲା। କିନ୍ତୁ ୦-୩ରେ ସିରିଜ ହାରିବା ପରେ ଦ୍ୱିତୀୟ ସ୍ଥାନକୁ ଖସି ଯାଇଥିଲା। ଅଷ୍ଟ୍ରେଲିଆ ପଏଣ୍ଟ ଟେବୁଲର ଶୀର୍ଷରେ ପହଞ୍ଚି ଯାଇଥିଲା। ହେଲେ ଭାରତ ଏବେ ବର୍ଡର-ଗାଭାସ୍କର ଟେଷ୍ଟର ପ୍ରଥମ ମ୍ୟାଚ୍‌ରେ ଅଷ୍ଟ୍ରେଲିଆକୁ ହରାଇ ବଡ଼ ସଫଳତା ପାଇଛି। ବିଜୟ ପ୍ରତିଶତ ୬୧.୧୧ ସହ ଭାରତୀୟ ଟିମ ଏବେ ଶୀର୍ଷରେ ପହଞ୍ଚିଥିବ ବେଳେ ୫୭.୬୯ ବିଜୟ ପ୍ରତିଶତ ସହ ଅଷ୍ଟ୍ରେଲିଆ ଦ୍ୱିତୀୟରେ ରହିଛି। ଶ୍ରୀଲଙ୍କା ୫୫.୫୬% ସହ ତୃତୀୟ, ୫୪.୫୫% ସହ ନ୍ୟୁଜିଲ୍ୟାଣ୍ଡ ୪ର୍ଥ ଓ ୫୪.୧୭% ସହ ଦକ୍ଷିଣ ଆଫ୍ରିକା ୫ମ ସ୍ଥାନରେ ରହିଛି। ଭାରତ ଯଦି ବର୍ଡର ଗାଭାସ୍କର ଟ୍ରଫିକୁ ୪-୦ରେ ଜିତି ନେବ, ତା'ହେଲେ ଦଳ ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିବ। ପ୍ରଥମ ଟେଷ୍ଟ ଆଜି ଶେଷ ହୋଇଥିବା ବେଳେ ଡିସେମ୍ବର ୬ରୁ ଆଡିଲେଡରେ ଦ୍ୱିତୀୟ ଟେଷ୍ଟ ଆରମ୍ଭ ହେବ।

# ସାମ୍ନାକୁ ଆସିଲା ବିରୁଷ୍କାଙ୍କ ପୁଅ ଅକାୟଙ୍କ ଭିଡିଓ



**ନୂଆଦିଲ୍ଲୀ, ୨୫।୧୧:** ଲୋକପ୍ରିୟ ଦମ୍ପତି ବିରାଟ କୋହଲି ଓ ଅନୁଷ୍କା ଶର୍ମା ଏବେ ୨ଟି ସନ୍ତାନର ମାତାପିତା। ୨୦୨୧ରେ ଝିଅ ଭାମିକା ଓ ୨୦୨୪ରେ ପୁଅ ଅକାୟର ମାତାପିତା ହୋଇଥିବା ବିରୁଷ୍କା ଏପର୍ଯ୍ୟନ୍ତ ନିଜ ପିଲାଙ୍କ ମୁହଁ ଦେଖାଇନାହାନ୍ତି। ହେଲେ ଏବେ ଏକ ଭିଡିଓ ଭାଇରାଲ ହେଉଛି, ଯାହା ବିରାଟଙ୍କ ପୁଅର ବୋଲି କୁହାଯାଉଛି। ଏବେ ପର୍ଥରେ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଟେଷ୍ଟ ମ୍ୟାଚ୍ ଚାଲିଛି। ରବିବାର ଟେଷ୍ଟ ମ୍ୟାଚରେ ସ୍ୱାମୀ ବିରାଟଙ୍କୁ ସମର୍ଥନ କରିବା ପାଇଁ ପର୍ଥରେ ପହଞ୍ଚିଥିଲେ ଅନୁଷ୍କା। ରବିବାର ଦିନ ବିରାଟ ଶତକ କରିବା ପରେ ଖୁସିରେ ଝୁମି ଉଠିଥିଲେ ପତ୍ନୀ ଅନୁଷ୍କା। ଏହି ସମୟର ଭିଡିଓ ଭାଇରାଲ ହେଉଥିବା ବେଳେ ଅନୁଷ୍କାଙ୍କ ପଛରେ ଏକ ଶିଶୁ ଥିବା ଦେଖାଯାଇଥିଲା। ଏହା ଦେଖି ଶିଶୁଟି ଅକାୟ ବୋଲି ଚର୍ଚ୍ଚା ଆରମ୍ଭ ହୋଇଥିଲା। ହେଲେ ପରେ ଜାତୀୟ ଗଣମାଧ୍ୟମ ଟାଇମ୍ସ ନାଓରେ ପ୍ରକାଶ ପାଇଥିଲା ଯେ, ଭିଡିଓରେ ନଜର ଆସୁଥିବା ଶିଶୁଟ ଅକାୟ ନୁଅନ୍ତି। ଭାଇରାଲ ଭିଡିଓରେ ଦେଖାଯାଇଥିଲା ଯେ, ଅନୁଷ୍କା ପଡ଼ିଆ ଆଡକୁ ଦେଖି ତାଳି ମାରୁଛନ୍ତି ଓ ହସୁଛନ୍ତି। ପଛରେ ଜଣେ ବ୍ୟକ୍ତି ଏକ ଶିଶୁକୁ କୋଳରେ ଧରି ତାକୁ ଶୁଆଇବାକୁ ଚେଷ୍ଟା କରୁଛନ୍ତି। ତେବେ ଶିଶୁଟି ଅକାୟ ନୁହନ୍ତି ବୋଲି ସ୍ପଷ୍ଟ ହେବା ପରେ ଏବେ ଏହି ଚର୍ଚ୍ଚା ଥମିଛି। ଏହା ସହ ଏକ୍ସରୁ ଭିଡିଓକୁ ମଧ୍ୟ ହଟାଇ ଦିଆଯାଇଛି। ଏହା ପୂର୍ବରୁ ଏକ ମ୍ୟାଚରେ ଅନୁଷ୍କା ଝିଅ ଭାମିକାଙ୍କୁ ନେଇ ପହଞ୍ଚିଥିଲେ। ସେ ଝିଅର ମୁହଁ ଦେଖାଇବାକୁ ଚାହୁଁନଥିବା ବେଳେ ଷ୍ଟାଡିୟମରେ ଲାଗିଥିବା କ୍ୟାମେରାରେ ଝିଅର ମୁହଁ କଏଦ ହୋଇଥିଲା, ଯାହା ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ପରେ ଏହାକୁ ନିନ୍ଦା କରିଥିଲେ ଉଭୟ ବିରାଟ ଓ ଅନୁଷ୍କା।

# କଙ୍ଗାରୁ ଟିମ୍‌ର ଆଉ ଏକ ଗଡ଼ ଭାଙ୍ଗିଲା ଭାରତ

**ପର୍ଥ, ୨୫।୧୧:** ବ୍ରିସବେନର ଗାବା ଓ ପର୍ଥର ଅପଟସ ଷ୍ଟାଡିୟମ। ଏହି ଦୁଇ ଷ୍ଟାଡିୟମ ଅଷ୍ଟ୍ରେଲିଆର ଗଡ଼ ଭାବେ ଏକଦା ରହିଥିଲା। ଏଠାରେ ଅଷ୍ଟ୍ରେଲିଆ ହରାଇବା ଏକ ପ୍ରକାରର ଅସମ୍ଭବ ରହିଥିଲା। ହେଲେ ଭାରତ ଏହି ଅସମ୍ଭବକୁ ସମ୍ଭବ କରି ଦେଖାଇଛି। ଦୁଇଟି ଯାକ ଗଡ଼ରେ କଙ୍ଗାରୁ ଟିମକୁ ଧୂଳି ଚଟାଇଛି ଭାରତୀୟ ଟିମ। ୨୦୨୧ରେ ଜାନୁଆରୀ ୧୯ରେ ଗାବାରେ କଙ୍ଗାରୁ ଟିମର ଶିକାର କରିଥିଲା। ଏହପୂର୍ବରୁ ଗାବାରେ ୧୯୮୮ ଠାରୁ ଘରୋଇ ଟିମ ଅପରାଜେୟ ଥିଲା। ଏହାର ୩ ବର୍ଷ ପରେ ଆଜି ପର୍ଥର ଅପଟସ ଷ୍ଟାଡିୟମରେ ପୁଣିଥରେ ଅଷ୍ଟ୍ରେଲିଆ ଟିମକୁ ମାତ ଦେଇଛି ଭାରତୀୟ ଟିମ। ଏହାର ଅର୍ଥ ନିଜର ଗଡ଼କୁ ନେଇ ଗର୍ବ କରୁଥିବା ଅଷ୍ଟ୍ରେଲିଆକୁ ଦୁଇଟି ଯାକ ଷ୍ଟାଡିୟମରେ ଭାରତୀୟ ଟିମ ଧରାଶାୟୀ କରିଛି।

ବର୍ଡର-ଗାଭାସ୍କର ଟ୍ରଫିର ପ୍ରଥମ ଟେଷ୍ଟ ପର୍ଥର ଅପଟସ ଷ୍ଟାଡିୟମରେ ଖେଳା ଯାଉଥିଲା। ଏଠାରେ ଭାରତ ୨୯୫ ରନର ବୃହତ୍ତ ବ୍ୟବଧାନରେ ଅଷ୍ଟ୍ରେଲିଆକୁ ହରାଇ ଦେଇଛି। ଏଥିସହ ୫ ଟିକିଆ ବର୍ଡର ଗାଭାସ୍କର ଟ୍ରଫିରେ ୧-୦ରେ ଆଗୁଆ ହୋଇଯାଇଛି। ଏହାପୂର୍ବରୁ ଅପଟସ ଷ୍ଟାଡିୟମରେ ଅଷ୍ଟ୍ରେଲିଆ ଟିମ କେବେ ହାରି ନଥିଲା। ଦଳ ଏଠାରେ ୪ଟି ଟେଷ୍ଟ ଖେଳିଥିବା ବେଳେ ସବୁ ମ୍ୟାଚ୍‌ରେ ବିଜୟୀ ହୋଇଥିଲା।

୨୦୧୮ରେ ପର୍ଥ ସହରରେ ଅପଟସ ଷ୍ଟାଡିୟମ ତିଆରି କରାଯାଇଥିଲା। ନୂଆ ଷ୍ଟାଡିୟମରେ ପ୍ରଥମ ମ୍ୟାଚ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଖେଳାଯାଇଥିଲା। ୨୦୧୮ ଡିସେମ୍ବର ୧୪ରୁ ୧୮ ଯାଏ ଖେଳାଯାଇଥିବା ଟେଷ୍ଟ ମ୍ୟାଚ୍‌କୁ ଅଷ୍ଟ୍ରେଲିଆ ୧୪୬ ରନରେ ଜିତି ନେଇଥିଲା।

ଏହାପରେ ୨୦୧୯ରେ ଅଷ୍ଟ୍ରେଲିଆ ଏଠାରେ ନ୍ୟୁଜିଲ୍ୟାଣ୍ଡକୁ ୨୯୬ ରନରେ ଚିତ କରିଥିଲା।



୨୦୨୨ରେ ଅପଟସ ଷ୍ଟାଡିୟମରେ ଅଷ୍ଟ୍ରେଲିଆର ଶିକାର ବନିଥିଲା ୱେଷ୍ଟଇଣ୍ଡିଜ। ୨୦୨୩ ଡିସେମ୍ବର ୧୪ରୁ ୧୭ ଯାଏ ପାକିସ୍ତାନ ବିପକ୍ଷରେ ଅଷ୍ଟ୍ରେଲିଆ ଏଠାରେ ଟେଷ୍ଟ ମ୍ୟାଚ ଖେଳିଥିଲା। ଏହାକୁ ମଧ୍ୟ ଘରୋଇ ଟିମ ୩୬୦ ରନରେ ଜିତି ଅପଟସ ଷ୍ଟାଡିୟମରେ ନିଜର ଅପରାଜେୟ ଧାରା ବଜାୟୀ ରଖିଥିଲା। ୪-୦ରେ ବିଜୟର ଦବାଦବା ସହ ଅଷ୍ଟ୍ରେଲିଆ ଏଠାକୁ ଆସିବା ସହ ଭାରତକୁ ପ୍ରଥମ ଇନିଂସରେ ୧୫୦ ରନରେ ଅଲଆଉଟ କରିଦେଇଥିଲା। ଲାଗୁଥିଲା ଅଷ୍ଟ୍ରେଲିଆ ପୁଣି ନିଜ ଗଡ଼ରେ ବାଜି ମାରିନେବ। କିନ୍ତୁ ଭାରତୀୟ ଟିମ ନିଜର ଜଲୱା ଦେଖାଇ ଅଷ୍ଟ୍ରେଲିଆକୁ ତା'ରି ଗଡ଼ରେ ମାତ ଦେଇଛି। ଏଥିସହ ଅପଟସ ଷ୍ଟାଡିୟମରେ ଥିବା ଅଷ୍ଟ୍ରେଲିଆ ଅପରାଜେୟ ଧାରାକୁ ଭାଙ୍ଗି ଦେଇଛି। ୨୦୨୦-୨୧ ବର୍ଡର-ଗାଭାସ୍କର ଟ୍ରଫିରେ ମଧ୍ୟ ଭାରତ ଅଷ୍ଟ୍ରେଲିଆର ଅନ୍ୟତମ ଗଡ଼ ଗାବାରେ ବିଜୟ ଲାଭ କରିଥିଲା। ଅଜିଙ୍କ୍ୟ ରାହାଣେଙ୍କ ଭାରତୀୟ ଟିମ ୩ ୱିକେଟରେ ଅଷ୍ଟ୍ରେଲିଆକୁ ହରାଇବା ସହ ବର୍ଡର-ଗାଭାସ୍କର ଟ୍ରଫିକୁ ମଧ୍ୟ ୨-୧ରେ କବଜା କରିଥିଲା। ଭାରତଠାରୁ ପରାସ୍ତ ହେବା ପୂର୍ବରୁ ଅଷ୍ଟ୍ରେଲିଆ ଗାବାରେ କେବେ ହେଲେ ୧୯୮୮ ମସିହା ଠାରୁ ହାରି ନଥିଲା। ୧୯୮୮ ଠାରୁ ଗାବା ଅଷ୍ଟ୍ରେଲିଆର ଗଡ଼ ରହିଥିଲା। କିନ୍ତୁ ୨୦୨୧ରେ ଭାରତୀୟ ଟିମ ଅଷ୍ଟ୍ରେଲିଆକୁ ପରାସ୍ତ କରି ନୂଆ ଇତିହାସ ରଚିଥିଲା। ଭାରତ ପରେ ୨୦୨୪ ଜାନୁଆରୀ ମାସରେ ୱେଷ୍ଟଇଣ୍ଡିଜ ମଧ୍ୟ ଗାବାରେ ଅଷ୍ଟ୍ରେଲିଆକୁ ବେଶ ନାଟକୀୟ ଢଙ୍ଗରେ ୮ ରନରେ ପରାସ୍ତ କରିଥିଲା।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଶିକ୍ଷକମାନେ...

ମାଧ୍ୟମରେ ଶିକ୍ଷକମାନଙ୍କୁ ସଶକ୍ତ କରିବାରେ ସହାୟକ ହେବ ବୋଲି କହିଛନ୍ତି।

ଶ୍ରୀ ପ୍ରଧାନ ଆହୁରି କହିଛନ୍ତି, ନବନସୃଜନ ଏବଂ ପ୍ରଯୁକ୍ତିବିଦ୍ୟାର ଉପଯୋଗ କରି ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ନିରନ୍ତର ଦକ୍ଷତା ବିକାଶ ଉପରେ ଭାରତ ସରକାର ଗୁରୁତ୍ୱ ଦେଉଛନ୍ତି । ଜାତୀୟ ଶିକ୍ଷା ନୀତି ଅନୁସାରେ ଶିକ୍ଷକଙ୍କ ଦକ୍ଷତା ବୃଦ୍ଧି କରି ଛାତ୍ରଛାତ୍ରୀଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ସେମାନଙ୍କୁ ବର୍ତ୍ତମାନର ଟେକ୍ନୋଲୋଜି ଦୁନିଆ ସହ ଯୋଡ଼ିବା ଆମର ଲକ୍ଷ୍ୟ ରହିଛି । ଶିକ୍ଷକମାନେ ମେଧାବୀ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥାନ୍ତି। ଏକବିଂଶ ଶତାବ୍ଦୀରେ ଭାରତ ଆଗକୁ ବଢ଼ୁଥିବା ବେଳେ ଶିକ୍ଷକମାନେ ଭବିଷ୍ୟତର ସୁଯୋଗର ମାନଚିତ୍ର ପ୍ରସ୍ତୁତ କରିବା ଏବଂ ଆମ ଯୁବପିଢ଼ି ଅଭିବୃଦ୍ଧି କାହାଣୀର ନେତୃତ୍ୱ ସୁନିଶ୍ଚିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ। ଏହି ମୋବାଇଲ ଆପ୍ଲିକେସନରେ କୋର୍ସ, କ୍ଷୁଦ୍ର ଭିଡିଓ, ୱେବିନାର, ଶିକ୍ଷଣ କିଟ୍ ଏବଂ ସବୁ ସ୍ତରର ଶିକ୍ଷକମାନଙ୍କ ପାଇଁ ସମସ୍ତ ପ୍ରାସଙ୍ଗିକ ବିଷୟମାନ ରହିଛି।

### ୨୪ ବର୍ଷର...

ଧାନକିଣା ଅବ୍ୟବସ୍ଥା, ଆଇନଶୃଙ୍ଖଳା ପରିସ୍ଥିତି ବିଗିଡିବା, ଆଦାନୀ ଏବଂ ଗନ୍ଧମାର୍ଦ୍ଦନ ପ୍ରସଙ୍ଗ ଉଠାଇବ। ଅନ୍ୟପଟେ ବିଧାୟକ ଦଳ ବୈଠକ ଡାକି ବିରୋଧୀଙ୍କୁ କାଉଣ୍ଟର କରିବାକୁ ଷ୍ଟ୍ରାଟେଜି ପ୍ରସ୍ତୁତ କରିଛି ଶାସକ ଦଳ ବିଜେପି। ସରକାରଙ୍କ ଉପଲବ୍ଧି ରଖି ବିଗତ ସରକାରଙ୍କ ୨୪ ବର୍ଷର କଳା ଚିଠା ଖୋଲିବାକୁ ସ୍ଥିର କରିଛି ବିଜେପି। ଧାନ କିଣାରେ କିଭଳି ମିଲରଙ୍କ ସହ ଯୋଗାଣ ବିଭାଗ ସାଲିସ କରିଥିଲା, ମିଶନ ଶକ୍ତି ମହିଳାଙ୍କ ସମାଜିକ ଆର୍ଥିକ ସ୍ଥିତିରେ ଉନ୍ନତି ଆଣିବା ନାଁରେ ସେମାନଙ୍କୁ ରାଜନୈତିକ ମୋହରା ବନାଯାଉଥିଲା, ଖଣି ଖାଦାନ ଲୁଟ ଆଦିର ତାଲିକା ଦେବ ବିଜେପି।

ଅନ୍ୟପକ୍ଷରେ ଆଜି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବିଜେଡି ବିଧାୟକ ଦଳର ବୈଠକ ଅନୁଷ୍ଠିତ ହୋଇଛି। ଗୃହରେ ଲଢ଼େଇ କରିବା ପାଇଁ ବିରୋଧୀ ଦଳ ନେତା ନିର୍ଦ୍ଦେଶ ଦେଇଛନ୍ତି । ସରକାର ୬ମାସରେ କ'ଣ କାମ କରିଛନ୍ତି ନା ଲୋକଙ୍କୁ ଭୁଆଁ ବୁଲାଇଛନ୍ତି ସେସବୁ କଥା ବିଧାନସଭାରେ ବିଜେଡି ଉଠାଇବ। ଆମ୍ବଟାକୁଆ, ଚୋରି ଡକାୟତି ଭଳି ଘଟଣା କରି ଇତିହାସର ପୁନରାବୃତ୍ତି ହୋଇଛି ବୋଲି କହି ବିଜେପି ସରକାରଙ୍କୁ ଘେରିବାକୁ ରଣନୀତି ହୋଇଛି। ସେହିପରି କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମଙ୍କ ଅଧ୍ୟକ୍ଷତାରେ ବିଧାୟକ ଦଳ ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକ ପରେ ଶ୍ରୀ କାଡାମ କହିଛନ୍ତି ଯେ, ଶୀତ ଅଧିବେଶନରେ ଦଳ ଆକ୍ରମଣାତ୍ମକ ଆଭିମୁଖ୍ୟ ପୋଷଣ କରିବାକୁ ଆଜି ନିଷ୍ପତ୍ତି ନିଆଯାଇଛି। ତେବେ ଏସବୁର ଜବାବ ଦେବାକୁ ବିଜେପି ମଧ୍ୟ ପରୀ, ପିହୁ ମୃତ୍ୟୁ ପ୍ରସଙ୍ଗ ଠାରୁ ଆରମ୍ଭ କରି ମମିତା ହତ୍ୟା ଘଟଣାରେ କିଭଳି ବିଜେଡି ଆଇନକୁ ମୋଡି ମକଚି ନିଜ ଦଳର ନେତାଙ୍କୁ ସୁରକ୍ଷା ଦେଉଥିଲା ସେସବୁର ଫାଇଲ ଖୋଲିବ ବିଜେପି।

ତେବେ ବିଜେଡି ଦଳ ଭିତରେ ସମନ୍ୱୟର ଅଭାବ ଥିବାରୁ ଗତ ଅଧିବେଶନରେ ମଧ୍ୟ ଦଳୀୟ ନେତାଙ୍କ ପ୍ରଦର୍ଶନ ସେତିକି ଉତ୍ସାହଜନକ ନଥିଲା। ୫୧ ବିଧାୟକରେ ବିଜେଡି ଏକ ଶକ୍ତିଶାଳୀ ବିରୋଧୀ ଦଳ ଭାବେ ବିଧାନସଭାରେ ପ୍ରଦର୍ଶନ କରିବା କଥା।

କିନ୍ତୁ ନବୀନଙ୍କ ପରେ ବିଜେଡି ନେତାମାନେ ଆଉ କାହାକୁ ନେତା ମାନିବାକୁ ନାରାଜ। ଯେଉଁଥି ପାଇଁ ବିଜେଡି ବିଧାୟକମାନେ ନିଜ ନିଜ ସ୍ତରରେ ପ୍ରସଙ୍ଗ ଉଠାଉଛନ୍ତି, ଆଉ ପ୍ରଭାବଶୂନ୍ୟ ହୋଇପଡୁଛନ୍ତି।

ଏହାର ଫାଇଦା ନେଉଛି କଂଗ୍ରେସ। ୧୪ ଜଣ ବିଧାୟକରେ ମଧ୍ୟ କଂଗ୍ରେସ ବସ୍ତୁତଃ ବିରୋଧୀ ଦଳର ଭୂମିକା ନେଉଛି।

ବିଧାନସଭା ସଚିବାଳୟରୁ ମିଳିଥିବା ସୂଚନା ଅନୁସାରେ, ଆସନ୍ତାକାଲି ଗୃହକାର୍ଯ୍ୟ ଆରମ୍ଭ ହେବାମାତ୍ରେ ୬ ଜଣ ଦିବଂଗତ ସଦସ୍ୟଙ୍କ ସମ୍ମାନରେ ଶୋକପ୍ରସ୍ତାବ ପାରିତ ହେବ। ଏହାପରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଚାଲିବ। ମୁଖ୍ୟମନ୍ତ୍ରୀ ତଥା ଅର୍ଥମନ୍ତ୍ରୀ ମୋହନ ଚରଣ ମାଝୀ ଓଡ଼ିଶା ଜିଏସଟି(ଦ୍ୱିତୀୟ ସଂଶୋଧନ) ଅଧ୍ୟାଦେଶ-୨୦୨୪କୁ ଗୃହରେ ଉପସ୍ଥାପନ କରିବେ।

ଦ୍ୱିତୀୟାର୍ଦ୍ଧରେ ଗୃହରେ ୨୦୨୪-୨୫ ଆର୍ଥିକ ବର୍ଷର ପ୍ରଥମ ଅତିରିକ୍ତ ବଜେଟକୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆଗତ କରିବାର କାର୍ଯ୍ୟକ୍ରମ ରହିଛି ।

### ବବିଙ୍କ ...

ଏମାନେ ଅଖଣ୍ଡ କ୍ଷମତାର ଅଧିକାରୀ ଥିଲେ। ବିଜେଡି ହାରିଯିବା ପରେ ବବିଙ୍କ ଏହି ବାଇମୁଣ୍ଡିମାନେ ହଠାତ ମିଷ୍ଟର ଇଣ୍ଡିଆ ଘଣ୍ଟା ପିନ୍ଧି ଉଭାନ ହୋଇଯିବା ପରି ଅଦୃଶ୍ୟ ହୋଇଯାଇଛନ୍ତି। ଯାଜପୁର ବିବାଦରେ ବବି ଦାସ ଛନ୍ଦି ହୋଇପଡ଼ିଥିବା ବେଳେ ତାଙ୍କ ପାଇଁ କହିବାକୁ ବାଇମୁଣ୍ଡି ନେତାଙ୍କ ଦେଖାଦର୍ଶନ ନାହିଁ। ବବି ଏବେ ଏକା ନିଜ ସୁରକ୍ଷା ପାଇଁ ମିଡିଆରେ ଗର୍ଜୁଛନ୍ତି।

କ୍ଷମତାରେ ଅନ୍ଧ ହୋଇ ବବି ଦାସ ବି କିଛି ନେତାଙ୍କୁ ସେମାନଙ୍କ ଦକ୍ଷତା ଠାରୁ ଅଧିକ ପ୍ରଭାବଶାଳୀ କରିଥିଲେ। ଯାହାକୁ ଚାହୁଁଥିଲେ ତାକୁ ବିଧାୟକ ପ୍ରାର୍ଥୀ କରିଦେଉଥିଲେ। ଆଉ ଅରୁଣ ସାହୁ, ସଞ୍ଜୟ ଦାସବର୍ମା, ପ୍ରମିଳା ମଲ୍ଲିକଙ୍କ ପରି ନେତା, ଯେଉଁମାନେ ଦଳର ଆସେଟ ସେମାନଙ୍କୁ କଣଠେସା କରିଦେଇଥିଲେ ବବି। ଏବେ ସେଇ କଣଠେସା ନେତାମାନେ ବବିଙ୍କ ପାଇଁ ମିଡିଆରେ ଲଢେଇ କରୁଛନ୍ତି। ବବି ଦାସ ଏଥିରୁ ବୁଝିପାରୁଥିବେ ସେ ନିଜେ କାହିଁକି ନିର୍ବାଚନରେ ହାରିଲେ ଆଉ ତାଙ୍କ କର୍ମର ଫଳ ଭୋଗୁଛନ୍ତି ନବୀନ ପଟ୍ଟନାୟକ। କିଛି କୁହାଳିଆ ଚାଟୁକାରଙ୍କ କଥାରେ ନଖରେ ଓଡିଶାର ରାଜନୀତିକୁ ଦେଖୁଥିବା ଏହି ନେତା ଏବେ ଅସହାୟ। ସେ ପ୍ରକୃତ ରାଜନୀତି ଦେଖୁଥିଲେ ନା ଚାଟୁକାର ଦେଖାଉଥିବା ରାଜନୀତିକୁ ଦେଖୁଥିଲେ ତାହା ବି ସେ ବୁଝିପାରୁଥିବେ।

### ସବୁଜ...

ଦେଉଥିଲେ। ବିରୋଧୀ ଦଳ ଭାବେ ସରକାରଙ୍କୁ ସମାଲୋଚନା କରିବା ତାଙ୍କ ଦାୟିତ୍ୱ। କିନ୍ତୁ ନ୍ୟାୟିକ ପ୍ରକ୍ରିୟାରେ ତଦନ୍ତକାରୀ ସଂସ୍ଥା ଉପରେ ସନ୍ଦେହ ପ୍ରକାଶ କରି ଅରୁଣ ସାହୁ ନିଜ ଗୋଡରେ ନିଜେ କୁରାଢୀ ମାରୁଛନ୍ତି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

### ଓଡ଼ିଶାରେ ...

ଯେ ୨୯ ତାରିଖରୁ ରାଜ୍ୟରେ ଚାଲିବାକୁ ଥିବା ୩ ଦିନିଆ ଡିଜିପି ସମ୍ମିଳନୀ ପାଇଁ ପ୍ରସ୍ତୁତି ସରିଛି। ଏଥିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ, ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ ପ୍ରମୁଖ ଯୋଗ ଦେବେ। ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ଡିଜିପି ଯୋଗଦେବେ। ଏହା ସହିତ ବିଭିନ୍ନ ସୁରକ୍ଷା ଏଜେନ୍ସିର ମୁଖ୍ୟମାନେ ଯୋଗ ଦେବେ। ଜାତୀୟ ସ୍ତରରେ ଥିବା ସୁରକ୍ଷା ସମସ୍ୟା ସମ୍ପର୍କରେ ସମ୍ମିଳନୀରେ ଆଲୋଚନା କରାଯିବ। ରାଜ୍ୟର ସୁରକ୍ଷା ନେଇ ମଧ୍ୟ ଆଲୋଚନା ହେବ। ଅମିତ ଶାହ ଏହି ସମ୍ମିଳନୀକୁ ଉଦଘାଟନ କରିବେ। ସରକାରଙ୍କ ବିଭିନ୍ନ ଏଜେଣ୍ଡା ସମ୍ପର୍କରେ ଆଲୋଚନା ହେବ। ଏଥିପାଇଁ ଅତିଥି ରହିବା ସ୍ଥାନ, ମିଟିଂ ସ୍ଥାନରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବ। ଓଡ଼ିଶା ପୁଲିସ ପକ୍ଷରୁ ସୁରକ୍ଷା ସମ୍ପର୍କିତ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଛି।

### ମାଫିଆ ...

ଅଧିକ ଗଞ୍ଜେଇ ଗଛ ନଷ୍ଟ କରାଯାଇଛି। ୫୪ ଟି ଏନ୍‌ଡିପିଏସ୍ ମାମଲାରେ ୫୩ ଶହ କେଜି ଗଞ୍ଜେଇ ଜବତ କରାଯାଇଛି। ବାହାରକୁ ଗଞ୍ଜେଇ ଚାଲାଣ ବେଳେ ୨୦ ଟି ଗାଡି ସହ ୧୫ ଲକ୍ଷ ନଗଦ ଟଙ୍କା ମଧ୍ୟ ଜବତ କରାଯାଇଛି। ଏପର୍ଯ୍ୟନ୍ତ ୮୦ ଜଣ ବେପାରୀଙ୍କୁ ମଧ୍ୟ ଜବତ କଟାଯାଇଛି। ଓଡିଶା ଗଞ୍ଜେଇର ରାଜ୍ୟ ବାହାରେ ଚାହିଦା ଥିବାରୁ ପୂର୍ବ ଦିନ ମାନଙ୍କରେ ବିପୁଳ ନିଳଜହର ବାହାରକୁ ଚାଲାଣ ହେଉଥିଲା। ଏହି କାରବାରରେ ଜିରୋ ଟଲରାନ୍ସ ନୀତି ଆପଣାଇବାକୁ ବିଭିନ୍ନ ଜିଲ୍ଲାର ଏସ୍‌ପିଙ୍କୁ କଡା ନିର୍ଦ୍ଦେଶ ଦେଇଛନ୍ତି ଡିଜିପି।

### ବିରଜା ମନ୍ଦିର ...

ପ୍ରକଳ୍ପ ମଧ୍ୟ କାର୍ଯ୍ୟକାରୀ କରାଯିବ। ବିରଜା ମନ୍ଦିର ଓ ପାରିପାର୍ଶ୍ୱିକ ଉନ୍ନୟନ ପାଇଁ ଯେଉଁ ସବୁ ପ୍ରକଳ୍ପ ହାତକୁ ନିଆ ଯାଇଛି, ସେ ସବୁ ପ୍ରକଳ୍ପ ଠିକ୍ ସମୟରେ ସମ୍ପୂର୍ଣ୍ଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

### ଅରୁଣ...

ମୁହୂର୍ତ୍ତରେ ଚରମ ନିଷ୍ପତ୍ତି ନେଇପାରନ୍ତି ତାହା କହିବା ମୁସ୍କିଲ।

ତେବେ ବିଜେଡିରେ ଗତ କିଛିଦିନ ଧରି ଅଲୋଡ଼ା ଓ କୋଣଠେସା ହୋଇଥିବା ଅରୁଣଙ୍କର ହଠାତ୍ ଏଭଳି ଦଳପ୍ରେମ ଏବେ ରାଜନୀତି ମହଲରେ ଚର୍ଚ୍ଚାର ବିଷୟ ହୋଇଛି। ଯଦି ଅରୁଣ ସିନ୍ଦେଙ୍କ ଅବତାରକୁ ଆସନ୍ତି ତେବେ ଚାପରେ ପଡ଼ି ଚୁପ୍ ରହିଥିବା ବହୁ ଅସନ୍ତୁଷ୍ଟ ରାତାରାତି ସେମାନଙ୍କର ରଙ୍ଗ ବଦଳାଇଦେବେ ବୋଲି କୁହାଯାଉଛି।

# ପରିବେଶ ନିୟମ ପାଳନ ନ ହେଲେ କାର୍ଯ୍ୟାନୁଷ୍ଠାନ



**ଭୁବନେଶ୍ୱର,୨୫।୧୧ (ସଂଚାର ବ୍ୟୁରୋ):** ପ୍ରଦୂଷଣ ନିୟନ୍ତ୍ରଣକୁ ନେଇ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଖଣି ମାଲିକ ଓ ସରକାରୀ ଅଧିକାରୀଙ୍କୁ ମନ୍ତ୍ରୀ କଡ଼ା ତାଗିଦ୍ କରିଛନ୍ତି। ସରକାରୀ ଯୋଜନା ଓ ନିୟମ କାର୍ଯ୍ୟକାରୀ ପାଇଁ ମାସକର ମହଲତ ଦେବା ସହ ମାସକ ମଧ୍ୟରେ ନିୟମ ପାଳନ ନ ହେଲେ କଡ଼ା କାର୍ଯ୍ୟନୁଷ୍ଠାନ ହେବ ବୋଲି ସେ ଚେତାବନୀ ଦେଇଛନ୍ତି।

ସରକାରୀ ଯୋଜନା ଓ ନିୟମ ମାସକ ମଧ୍ୟରେ ପାଳନ ନହେଲେ କାର୍ଯ୍ୟନୁଷ୍ଠାନ ହେବ। ଆଇସିସି ପକ୍ଷରୁ ଆୟୋଜିତ ଜଳବାୟୁ ପରିବର୍ତ୍ତନ ସମ୍ମିଳନୀରେ ଯୋଗଦେଇ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ ଏହା କହିଛନ୍ତି। ଆଇସିସି ପକ୍ଷରୁ ଆୟୋଜିତ ଜଳବାୟୁ ପରିବର୍ତ୍ତନ ସମ୍ମିଳନୀରେ ଯୋଗଦେଇ ମନ୍ତ୍ରୀ କହିଛନ୍ତି, ଡିଏମଏଫ୍ ଫଣ୍ଡରେ ରହିଛି ୧୮ ହଜାର କୋଟି ଟଙ୍କା। ଏହାର ସଦୁପଯୋଗ ହେଉନି। ଯୋଡ଼ା ବଡ଼ବିଲ ଅଞ୍ଚଳର ସ୍ଥିତି ନେଇ ଉଦ୍‌ବେଗ ପ୍ରକାଶ ପୂର୍ବକ ମନ୍ତ୍ରୀ କହିଛନ୍ତି, ଏହି ଅଞ୍ଚଳରେ ୧୪୧ଟି ଖଣି ଅଛି। ୬୦ରୁ ୭୦ଟି ଶିଳ୍ପ ଅଛି। ହେଲେ ମେଞ୍ଚା ମେଞ୍ଚା ଧୂଳି ଜମୁଛି। ପାଣି ସିଞ୍ଚା ଯାଉନି। ମାଇନିଂ ଆକ୍ଟିଭିଟି ବଢୁଛି।

ଆମକୁ ତ୍ରୁଟିକୁ ମାନିବାକୁ ପଡ଼ିବ। ଲୋକେ ଧୂଳିରେ ପୋତି ହେଉଛନ୍ତି। ପଇସା ଅଛି, କାହିଁକି ସବୁକିଛି ଷ୍ଟ୍ରିମଲାଇନ ହେଉନି? ଏସି ରୁମରେ ବସି ଯୋଜନା ହେଉଛି, କାର୍ଯ୍ୟାନ୍ୱୟନ ହେଉନି। ସମାଧାନ ବାହାର କରିବାର ଅଛି।

ମେଞ୍ଚା ମେଞ୍ଚା ଅଫିସର ଯନ୍ତ୍ରୀ ଅଛନ୍ତି, କାମ ହେଉନି। ଜଳ, ଜଙ୍ଗଲ ଆଉ ଜମିକୁ ସୁରକ୍ଷା ଦେବା ଉଚିତ୍। ରାଉରକେଲା, ଅନୁଗୁଳ, କେନ୍ଦୁଝର, ତାଳଚେର ବହୁତ ପ୍ରଦୂଷଣ ସହର ପାଲଟିଛି ବୋଲି ମନ୍ତ୍ରୀ କହିଛନ୍ତି।

# ଓରେରା ଅଧ୍ୟକ୍ଷ ପଦରୁ ଅବ୍ୟାହତି ନେବେ ସିଦ୍ଧାନ୍ତ ଦାସ

**ଭୁବନେଶ୍ୱର,୨୫।୧୧ (ସଂଚାର ବ୍ୟୁରୋ):** ଅବସରପ୍ରାପ୍ତ ଆଇଏଫଏସ୍ ସିଦ୍ଧାନ୍ତ ଦାସ ଓଡ଼ିଶା ରିଏଲ ଇଷ୍ଟେଟ୍ ରେଗୁଲେଟୋରୀ ଅଥରିଟି(ଓରେରା) ଅଧ୍ୟକ୍ଷ ପଦରୁ ଅବ୍ୟାହତି ନେବେ । କେନ୍ଦ୍ର ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟର କେନ୍ଦ୍ରୀୟ କ୍ଷମତାପ୍ରାପ୍ତ କମିଟି(ସିଇସି)ର ପୂର୍ଣ୍ଣକାଳୀନ ଅଧ୍ୟକ୍ଷ ଭାବେ କାର୍ଯ୍ୟ କରିବା ନିମନ୍ତେ ଶ୍ରୀ ଦାସ ଏହି ପଦରୁ ଇସ୍ତଫା ଦେଉଥିବା ଜଣାପଡ଼ିଛି । ଓରେରା ଅଧ୍ୟକ୍ଷ ଶ୍ରୀ ଦାସଙ୍କୁ ୨୦୨୩ ଡିସେମ୍ବର ମାସରେ ସିଇସି ଅଧ୍ୟକ୍ଷ ଭାବେ ନିଯୁକ୍ତି ପାଇଥିଲେ । ସେବେଠୁ ଶ୍ରୀ ଦାସ ଉଭୟ ଓରେରା ଓ ସିଇସି ଅଧ୍ୟକ୍ଷ ଭାବେ କାର୍ଯ୍ୟ କରୁଥିଲେ । କିନ୍ତୁ ସିଇସିର ସ୍ଥାୟୀ ଅଧ୍ୟକ୍ଷ ନିଯୁକ୍ତି ପାଇ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ଶ୍ରୀ ଦାସ ଓରେରା ଅଧ୍ୟକ୍ଷ ପଦ ଛାଡୁଥିବା ଜଣାପଡ଼ିଛି । ରାଜ୍ୟ ନଗର ଉନ୍ନୟନ ବିଭାଗର ସଚିବ ଉଷା ପାଢ଼ୀଙ୍କୁ ଚିଠି ଲେଖି ଶ୍ରୀ ଦାସ ଓରେରା ଅଧ୍ୟକ୍ଷ ପଦରୁ ଅବ୍ୟାହତି ନେଇ ଅବଗତ କରାଇଛନ୍ତି । କେନ୍ଦ୍ର ପରିବେଶ ଓ ଜଙ୍ଗଲ ମନ୍ତ୍ରଣାୟ ଦ୍ୱାରା ଗଠିତ ସିଇସି ଅଧ୍ୟକ୍ଷ ଭାବେ ତାଙ୍କୁ ୨୦୨୩ ଡିସେମ୍ବରରେ ନିଯୁକ୍ତି ମିଳିଥିବା ଓ ଏହାକୁ ସୁପ୍ରିମକୋର୍ଟ ଅନୁମୋଦନ କରିଥିବା ନେଇ ସେ ଉଲ୍ଲେଖ କରିଛନ୍ତି । ତାଙ୍କୁ ଡିସେମ୍ବରରେ ସିଇସି ଅଧ୍ୟକ୍ଷ ପଦରେ ନିଯୁକ୍ତି ମିଳିବା ନେଇ ସେ ତତକାଳୀନ ରାଜ୍ୟ ସରକାରଙ୍କୁ ଅବଗତ କରାଇଥିଲେ । ୨୦୨୪ ମାର୍ଚ୍ଚ ୩ତାରିଖରେ ସୁପ୍ରିମକୋର୍ଟ ତାଙ୍କ ରାୟରେ ପୂର୍ଣ୍ଣକାଳୀନ ସିଇସି ଅଧ୍ୟକ୍ଷ ରହିବା ଆବଶ୍ୟକ ବୋଲି କହିବା ସହ କେନ୍ଦ୍ର ସରକାର ଏଥିପ୍ରତି ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ । ସୁପ୍ରିମକୋର୍ଟଙ୍କ ଏହି ନିର୍ଦ୍ଦେଶ ପରେ ଶ୍ରୀ ଦାସ ଓରେରା ଅଧ୍ୟକ୍ଷ ପଦରୁ ଅବ୍ୟାହତି ନେଇ ଦିଲ୍ଲୀରେ ସିଇସି ପୂର୍ଣ୍ଣକାଳୀନ ଅଧ୍ୟକ୍ଷ ଭାବେ କାର୍ଯ୍ୟ କରିବାକୁ ନିଷ୍ପତ୍ତି ନେଇଛନ୍ତି । ଉଲ୍ଲେଖଯୋଗ୍ୟ ଶ୍ରୀ ଦାସଙ୍କୁ ରାଜ୍ୟ ସରକାର ୨୦୨୦ ଜୁଲାଇ ମାସରେ ଓରେରା ଅଧ୍ୟକ୍ଷ ନିଯୁକ୍ତି ଦେଇଥିଲେ । ତାଙ୍କର କାର୍ଯ୍ୟକାଳ ୨୦୨୫ ଜୁଲାଇ ମାସ ପର୍ଯ୍ୟନ୍ତ ରହିଥିଲା ।




# ବଜାରରେ ରୟାଲ ଏନ୍‌ଫିଲ୍ଡର ଗୁଆନ କ୍ଲାସିକ ୩୫୦



**ଭୁବନେଶ୍ୱର,୨୫।୧୧:** ଦେଶର ପ୍ରମୁଖ ପ୍ରିମିୟମ୍ ବୁଲେଟ୍ ବ୍ରାଣ୍ଡ ତଥା ରୟାଲ ଏନ୍‌ଫିଲ୍ଡର ଅଲ ନ୍ୟୁ ଗୁଆନ କ୍ଲାସିକ ୩୫୦'ର ସର୍ବଭାରତୀୟ ଅନାବରଣ ଉତ୍ସବ ସହ ବଜାର ପ୍ରବେଶ କାର୍ଯ୍ୟକ୍ରମ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବ୍ରାଣ୍ଡର ଓଡ଼ିଶା ୟୁନିଟ ପକ୍ଷରୁ ଏକ ସ୍ୱତନ୍ତ୍ର ଅନାବରଣ ଉତ୍ସବର ଆୟୋଜନ କରାଯାଇଥିଲା ବେଳେ ଘରୋଇ ବଜାରର ଡିଲର୍ସଙ୍କ ଜରିଆରେ ଏହାର ଅନାବରଣ ସହିତ ବଜାର ପ୍ରବେଶ ମଧ୍ୟ ହୋଇଯାଇଛି। ଉଲ୍ଲେଖଯୋଗ୍ୟ, ରୟାଲ ଏନ୍‌ଫିଲ୍ଡର ଅଲ ନ୍ୟୁ ଗୁଆନ କ୍ଲାସିକ ୩୫୦'ରେ ସମସ୍ତ ପ୍ରକାରର ଅତ୍ୟାଧୁନିକ ବୈଶିଷ୍ଟ୍ୟ ସାଙ୍ଗକୁ ସୁରକ୍ଷା ସମ୍ପର୍କିତ ଫିଚର ଓ ୩୫୦ ସିସି ଟ୍ୱିନ ସିଲିଣ୍ଡର ଇଞ୍ଜିନ ସାମିଲ ରହିଛି। ଏପରି କି ଏହାର ୨-୧ ଏକ୍‌ଜଷ୍ଟ ଇଞ୍ଜିନର ସୁବିଧା ମଡେଲର ଗୁଣାତ୍ମକତାକୁ ବଢ଼ାଉଛି। ଏଥିରେ ଦ୍ୱୈତ ଉଦ୍ଦେଶ୍ୟ ଉପଯୋଗୀ ଟାୟାର ଓ ବଦଳିପାରୁଥିବା ଏବିଏସ୍ ମଧ୍ୟ ସାମିଲ ରହିଛି। ସେହିପରି ଏହି ମଡେଲ ଓଡ଼ିଶା ବଜାରର ବ୍ରାଣ୍ଡ ଶୋ'ରୁମ ଗୁଡ଼ିକରେ ବିଭିନ୍ନ ଭାରିଆଣ୍ଟ ସହ କଲର ମଧ୍ୟ ଉପଲବ୍ଧ ରହିଛି। ଭୁବନେଶ୍ୱରର ମଞ୍ଚେଶ୍ୱରସ୍ଥିତ ରୟାଲ ଗୁଗ୍‌ନାନୀ ପରିସରରେ ରୟାଲ ଏନ୍‌ଫିଲ୍ଡର ଅଲ ନ୍ୟୁ ଗୁଆନ କ୍ଲାସିକ ୩୫୦'କୁ ଆନୁଷ୍ଠାନିକ ଭାବେ ଅନାବରଣ କରାଯାଉଛି। ଏହି ଅବସରରେ ରୟାଲ ଏନ୍‌ଫିଲ୍ଡର ଜୋନାଲ ହେଡ୍ (ସେଲ୍‌ସ ଆଣ୍ଡ ମାର୍କେଟିଂ) ସାଜିଦ ଖାନ୍‌ଙ୍କ ସମେତ ଗୁଗ୍‌ନାନୀ ଅଟୋମୋବାଇଲ୍ସର ମ୍ୟାନେଜର (ସେଲ୍‌ସ ଆଣ୍ଡ ଆଡ୍‌ମିନ) ପ୍ରଭାତ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଅଛନ୍ତି।

# କେବଳ ଓଡ଼ିଶାରେ ବଢ଼ିଲେ ମୋବାଇଲ୍ ଗ୍ରାହକ

**ଭୁବନେଶ୍ୱର, ୨୫।୧୧:** ଚଳିତ ବର୍ଷ ସେପ୍ଟେମ୍ବର ମାସରେ ସାରା ଦେଶରେ କେବଳ ଓଡ଼ିଶାରେ ମୋବାଇଲ୍ ଗ୍ରାହକ ବଢ଼ିଥିଲେ। ଅନ୍ୟ ସବୁ ରାଜ୍ୟରେ ଗ୍ରାହକ କମିଛନ୍ତି ବୋଲି ଭାରତୀୟ ଟେଲିକମ୍ ନିୟାମକ କର୍ତ୍ତୃପକ୍ଷ (ଟ୍ରାଇ) ଜାରି କରିଥିବା ରିପୋର୍ଟରୁ ଜଣାପଡ଼ିଛି। ସେପ୍ଟେମ୍ବର ମାସରେ ଦେଶ କୋଟିଏରୁ ଅଧିକ ଗ୍ରାହକଙ୍କୁ ହରାଇଛି। କେବଳ ଓଡ଼ିଶାରେ ୧,୩୩,୪୬୩ ଜଣ ଗ୍ରାହକ ବଢ଼ିଛନ୍ତି। ଟ୍ରାଇ ରିପୋର୍ଟ ଅନୁସାରେ ପଞ୍ଜାବ ଏହାର ୨.୧୩ ପ୍ରତିଶତ ଗ୍ରାହକଙ୍କୁ ସେପ୍ଟେମ୍ବର ମାସରେ ହରାଇଥିବା ବେଳେ କୋଲକାତା ୧.୯୯ ପ୍ରତିଶତ ମୋବାଇଲ୍ ଗ୍ରାହକଙ୍କୁ ହରାଇଛନ୍ତି। ଆଲୋଚ୍ୟ ମାସରେ ଓଡ଼ିଶାରେ ଏୟାରଟେଲ୍, ବିଏସ୍‌ଏନ୍‌ଏଲ୍ ଓ ଭୋଡାଫୋନ୍ ନୂଆ ଗ୍ରାହକ ଯୋଡ଼ିଥିବା ବେଳେ ରିଲାଏନ୍ସ ଜିଓ ବହୁ ଗ୍ରାହକଙ୍କୁ ହରାଇଛି। ଏୟାରଟେଲ୍ ସର୍ବାଧିକ ୨,୩୧,୩୪୧ ନୂଆ ଗ୍ରାହକ ଯୋଡ଼ିଛି। ସେହି ସମୟରେ ଜିଓ ୧,୬୧,୦୮୨ ଗ୍ରାହକଙ୍କୁ ହରାଇଛି। ବିଏସ୍‌ଏନ୍‌ଏଲ୍ ୬୨,୧୭୬ ନୂଆ ଗ୍ରାହକ ପାଇଛି। ଭୋଡାଫୋନ୍ ଆଇଡିଆରେ ୧୦୨୮ ଗ୍ରାହକ ଯୋଡ଼ିହୋଇଛନ୍ତି। ସେପ୍ଟେମ୍ବର ୩୦ ସୁଦ୍ଧା ରାଜ୍ୟର ମୋଟ୍ ମୋବାଇଲ୍ ଗ୍ରାହକ ସଂଖ୍ୟା ୩ କୋଟି ୪୦ ଲକ୍ଷ ୮୦ ହଜାର ୬୨୬କୁ ବୃଦ୍ଧି ପାଇଛି।

# ସୁଜୁକି ଇଣ୍ଡିଆର ମାଇଲେଜ ରାଲି




**ଭୁବନେଶ୍ୱର,୨୫।୧୧:** ସୁଜୁକିମୋଟରସାଇକେଲ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ୍‌ର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ 'ମାଇଲେଜ ରାଲି' ର ଶୁଭାରମ୍ଭ ସର୍ବଭାରତୀୟ ସ୍ତରରେ ଆରମ୍ଭ କରାଯାଇଛି। ଏପରି କି କମ୍ପାନୀର ପ୍ରମୁଖ ମଡେଲ ସୁଜୁକି ଆସେସ୍ ୧୨୫ର ଗୁଣବତ୍ତା ଓ ମାଇଲେଜକୁ ନେଇ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ନିକଟରେ ଶୁଭାରମ୍ଭ ହୋଇଯାଇଛି। ସେହିଭଳି ଓଡ଼ିଶାରେ ମଧ୍ୟ ପ୍ରଥମ ଥର ପାଇଁ କମ୍ପାନୀ ପକ୍ଷରୁ ଏଭଳି ଏକ ଅଭିନବ କାର୍ଯ୍ୟକ୍ରମ ଉଭୟ ଗ୍ରାହକ ଓ କମ୍ପାନୀର ସ୍ୱୀକୃତିପ୍ରାପ୍ତ ଡିଲରମାନଙ୍କ ଜରିଆରେ ଆରମ୍ଭ କରାଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀର ସ୍ୱୀକୃତିପ୍ରାପ୍ତ ଡିଲର ଜ୍ୟୋତି ସୁଜୁକି ପଟିଆ ଏବଂ ନାରାୟଣୀ ସୁଜୁକି ଲକ୍ଷ୍ମୀସାଗର (ଝାରପଡା) ଆନୁକୂଲ୍ୟରେ ରବିବାର ଭୁବନେଶ୍ୱରର ଜନତା ମଇଦାନଠାରେ 'ମାଇଲେଜ ରାଲି'ର ଆୟୋଜନ କରାଯାଇଥିଲା। ଏହି ରାଲିରେ ୫୦ ଜଣ ସୁଜୁକି ଆସେସ୍ ୧୨୫ର ଗ୍ରାହକ ଅଂଶ ଗ୍ରହଣ କରି ସେମାନଙ୍କର ଗାଡ଼ିର ଗୁଣବତ୍ତା ଓ ମାଇଲେଜ ଟେଷ୍ଟ କରି ପୁରସ୍କୃତ ହୋଇଥିଲେ। ସେହିଭଳି ରାଲିରେ ଅଂଶ ଗ୍ରହଣ କରିଥିବା ୫୦ଗ୍ରାହକଙ୍କ ମଧ୍ୟରୁ ଶ୍ରେଷ୍ଠ ମାଇଲେଜ ପ୍ରଦାନ କରିଥିବା ଗାଡ଼ି ମାଲିକଙ୍କୁ ୫୦୦୦ ଟଙ୍କାର ପୁରସ୍କାର ଦିଆଯାଇଥିଲା ବେଳେ ପ୍ରଥମ ରନର୍ସ ଅପ ଗାଡ଼ି ମାଲିକଙ୍କୁ ୩୦୦୦ ଟଙ୍କା ଏବଂ ୨ୟ, ୩ୟ ଏବଂ ୪ର୍ଥ ସ୍ଥାନ ଅଧିକାର କରିଥିବା ଗାଡ଼ି ମାଲିକଙ୍କୁ ୧୦୦୦ ଟଙ୍କା ଲେଖାଏ ପୁରସ୍କାର ସ୍ୱରୂପ ଅର୍ଥ ରାଶି ପ୍ରଦାନ କରାଯାଇଥିଲା। ସେହିପରି ଏହି ରାଲିରେ ଉଭୟ ନୂଆ ଓ ପୁରୁଣା ସୁଜୁକି ଆସେସ୍ ୧୨୫ ଗାଡ଼ି ମାଲିକମାନେ ସାମିଲ ହୋଇ ଗାଡ଼ିର ଗୁଣବତ୍ତା ସମ୍ପର୍କରେ ନିଜ ନିଜର ମତ ଉପସ୍ଥାପନ ସହ ଅନେକ ପ୍ରକାର କାର୍ଯ୍ୟକ୍ରମରେ ଭାଗନେଇ ପୁରସ୍କାର ସହିତ ମନୋରଞ୍ଜନ କରିଥିଲେ।

# ଖୁବ ଶୀଘ୍ର ଆସିବାକୁ ଯାଉଛି ସ୍କୋଡା ସାଲ୍‌ଭିଆ ଫେସ୍‌ଲିଫ୍ଟ

ନୂଆଦିଲ୍ଲୀ, ୨୫।୧୧: ଚେକ୍ ରିପବ୍ଲିକର ଅଟୋମୋବାଇଲ୍ ନିର୍ମାତା କମ୍ପାନୀ ସ୍କୋଡା ଭାରତୀୟ ବଜାରରେ ସେଡାନ୍ ଏବଂ ଏସୟୁଭି ସେଗମେଣ୍ଟରେ ଗାଡି ବିକ୍ରି କରେ। କମ୍ପାନୀ କ୍ରମାଗତ ଭାବରେ ଏହାର ପୋର୍ଟଫୋଲିଓ ଅପଡେଟ୍ କରୁଛି। ଯାହାର ସିଧାସଳଖ ଫାଇଦା କାର୍ କ୍ରେତା ତଥା କମ୍ପାନୀ ପାଇଁ ଲାଭଦାୟକ ହୋଇଥାଏ। ମିଡିଆ ରିପୋର୍ଟ ଅନୁଯାୟୀ କମ୍ପାନୀ ଏହାର ଏକ ସେଡାନ କାରର ଫେସଲିଫ୍ଟ ଲଞ୍ଚ କରିବାକୁ ପ୍ରସ୍ତୁତ ହେଉଛି। ତେବେ ଆସନ୍ତୁ ଜାଣିବା ଏଥିରେ କେଉଁ ପ୍ରକାରର ଫିଚର୍ସ ପ୍ରଦାନ କରାଯିବ ଏବଂ କ'ଣ




ସବୁ ପରିବର୍ତ୍ତନ ହୋଇପାରେ। ମିଡିଆ ରିପୋର୍ଟ ଅନୁଯାୟୀ ଖୁବଶୀଘ୍ର ସ୍କୋଡା ସ୍ଲାଭିଆର ଫେସଲିଫ୍ଟ ଭର୍ସନ ଆସିପାରେ, ଯାହା ଭାରତୀୟ ବଜାରରେ ମିଡ୍ ସାଇଜ୍ ସେଡାନ କାର ଭାବରେ ପ୍ରଦାନ କରାଯାଇଥାଏ। ଯଦିଓ କମ୍ପାନୀ ଏପର୍ଯ୍ୟନ୍ତ ଏହାର ସୂଚନା ଦେଇନାହିଁ, କିନ୍ତୁ ରିପୋର୍ଟ ଅନୁଯାୟୀ ଏହା ଆସନ୍ତା ବର୍ଷ ଆରମ୍ଭ ହୋଇପାରେ ବୋଲି ସୂଚନା ରହିଛି। ରିପୋର୍ଟ ଅନୁଯାୟୀ, ସ୍କୋଡା ସ୍ଲାଭିଆର ଫେସଲିଫ୍ଟ ଭର୍ସନରେ କମ୍ପାନୀ ଦ୍ୱାରା ଅନେକ ପରିବର୍ତ୍ତନ କରାଯିବ। ଏହାର ଡିଜାଇନରେ ମୁଖ୍ୟ ପରିବର୍ତ୍ତନ କରାଯିବ। ଫେସଲିଫ୍ଟ ପରେ, ଏହି କାର ସ୍କୋଡା ଓକ୍ଟାଭିଆ ଏବଂ ସୁପର୍ ଭଳି ହେବ। ଯେଉଁଥିପାଇଁ ଏହା ବହୁତ ପ୍ରିମିୟମ୍ ଦେଖାଯିବ। ଏହା ସହିତ ଗାଡିରେ ଅନେକ ନୂତନ ଫିଚର୍ସ ମଧ୍ୟ ଯୋଡିହେବ। ସ୍କୋଡା ସ୍ଲାଭିଆରେ ଅନେକ ଦମଦାର ଫିଚର୍ସ ମିଳିଥାଏ। କିନ୍ତୁ ଏହି ଫେସଲିଫ୍ଟରେ ଡିଜାଇନ୍ ସହିତ ଅନେକ ନୂତନ ଫିଚର୍ସ ମଧ୍ୟ ଯୋଡି ହୋଇପାରେ। ରିପୋର୍ଟ ଅନୁଯାୟୀ, ଫେସଲିଫ୍ଟ ଭର୍ସନରେ କମ୍ପାନୀ ଏକ୍ସଟେରିୟର ଏବଂ ଇଣ୍ଟେରିୟରରେ ନୂତନ ଫିଚର୍ସ ପ୍ରଦାନ କରିବାକୁ ଯାଉଛି। ୩୬୦ ଡିଗ୍ରୀ କ୍ୟାମେରା ସହିତ, ସେଡାନ୍ କାରରେ ଥିବା ଫିଚର୍ସଗୁଡିକ ଆହୁରି ଉନ୍ନତ ହେବାକୁ ଯାଉଛି। ଏହା ସହିତ ସେଡାନ୍ କାରକୁ କିଛି ନୂଆ କଲର୍ ଅପ୍ସନ ସହିତ ମଧ୍ୟ ଅଣାଯାଇପାରେ। ଖବର ଅନୁଯାୟୀ, ସ୍କୋଡା ସ୍ଲାଭିଆର ଫେସଲିଫ୍ଟ ଭର୍ସନରେ କମ୍ପାନୀ ଇଞ୍ଜିନରେ କୌଣସି ପରିବର୍ତ୍ତନ କରିବ ନାହିଁ। କିନ୍ତୁ ଏଥିରେ ନୂତନ ଟ୍ରାନ୍ସମିସନର ଅପ୍ସନ ଦିଆଯାଇପାରେ। ସୂଚନା ଅନୁଯାୟୀ, ଏହି ନୂଆ କାରରେ କମ୍ପାନୀ ୧. ୫ ଲିଟର ଇଞ୍ଜିନ ସହିତ ଏକ ନୂତନ ଅଟୋମେଟିକ ଟ୍ରାନ୍ସମିସନ ଦେଇପାରେ। ଏ ବାବଦରେ କମ୍ପାନୀ ପକ୍ଷରୁ କୌଣସି ଅଫିସିଆଲ ସୂଚନା ଦିଆଯାଇ ନାହିଁ, କିନ୍ତୁ ଆଶା କରାଯାଏ ଯେ ଏହାର ଫେସେଲିଫ୍ଟ ଭର୍ସନ ୨୦୨୫ ମଧ୍ୟଭାଗରେ ଭାରତରେ ଲଞ୍ଚ ହୋଇପାରେ।

# ଭାରତରେ ଲଞ୍ଚ ହେଲା ନୂଆ କାୱାସାକି ଜେଡ୍‌ଏକ୍ସ-୪ଆର୍

ନୂଆଦିଲ୍ଲୀ, ୨୫।୧୧: କାୱାସାକି ଏହାର ଏକ ବାଇକର ଅପଡେଟ୍ ଭର୍ସନ ଲଞ୍ଚ କରିଛି। ଏହା ଏକ ସୁପରସ୍ପୋର୍ଟ ବାଇକ୍, ଯାହାର ନାମ କାୱାସାକି ଜେଡ୍‌ଏକ୍ସ-୪ଆର୍। ମେକାନିକାଲ୍ ବ୍ୟତୀତ ଏହାର ମଡେଲରେ ଅନେକ ପରିବର୍ତ୍ତନ କରାଯାଇଛି। ଏହାକୁ ଏକ ନୂଆ କଲର୍ ଅପ୍ସନ ମଧ୍ୟ ଦିଆଯାଇଛି। ପୂର୍ବ ମଡେଲ ତୁଳନାରେ ୩୦,୦୦ ଟଙ୍କା ମୂଲ୍ୟରେ ଭାରତରେ ନୂତନ କାୱାସାକି ଜେଡ୍‌ଏକ୍ସ-୪ଆର୍ ଲଞ୍ଚ ହୋଇଛି। ଆସନ୍ତୁ ଜାଣିବା ୨୦୨୫ କାୱାସାକି ଜେଡ୍‌ଏକ୍ସ-୪ଆର୍ ରେ କ'ଣ ନୂଆ ଦିଆଯାଇଛି ଏବଂ ଏହାର ଦାମ୍ କେତେ ରହିଛି। ନୂଆ କାୱାସାକି ଜେଡ୍‌ଏକ୍ସ-୪ଆର୍ ର ମୂଲ୍ୟ ପୂର୍ବ ମଡେଲ ତୁଳନାରେ ୩୦, ୦୦୦ ଟଙ୍କା ଅଧିକ। ଏହା ଭାରତରେ ୮.୭୯ ଲକ୍ଷ ଟଙ୍କା ମୂଲ୍ୟରେ ଲଞ୍ଚ କରାଯାଇଛି। ଏହାର ଏକ ଶକ୍ତିଶାଳୀ ଇଞ୍ଜିନ୍ ଅଛି। ଭାରତୀୟ ବଜାରରେ ଏହା ଟ୍ରାଇମ୍ଫ ଡେଟୋନା ୬୬୦ ଏବଂ ସୁଜୁକି ଜିଏସଏକ୍ସ-୮ ଏସ୍ ଭଳି ବଡ ମଡେଲ ସହିତ ପ୍ରତିଦ୍ୱନ୍ଦ୍ୱିତା କରିବ।

ନୂଆ କାୱାସାକି ଜେଡ୍‌ଏକ୍ସ-୪ଆର୍ ରେ ଏକ ଫୋର୍ ସିଲିଣ୍ଡର ୩୯୯ cc ଇଞ୍ଜିନ ଅଛି। ଏହି ଇଞ୍ଜିନ୍ ୭୫. ୯ ଏଚପି ପାୱାର (କିମ୍ବା ରାମ ଏୟାର ସହିତ ୭୭ ଏଚପି) ଏବଂ ୩୯ ଏନ୍‌ଏମ୍ ଟର୍କ ଜେନେରେଟ କରେ। ବାଇକ୍ ର ଇଞ୍ଜିନ୍ ୬-ସ୍ପିଡ୍ ଗିଅରବକ୍ସ ସହିତ ଯୋଡ଼ା ହୋଇଛି। ଏହି ବାଇକରେ ଏକ ଟ୍ୟୁବଲାର୍ ଷ୍ଟିଲ୍ ଫ୍ରେମ୍ ଅଛି। ଏହା ଉଭୟ ଆଗ ଏବଂ ପଛରେ ଶୋଆ ସସପେନ୍ସନ୍ ସହିତ ଲେସ୍ କରାଯାଇଛି। ଏଥି ସହିତ, ବ୍ରେକିଂ ପରଫରମାନ୍ସ ପାଇଁ, ଆଗରେ ୨୯୦ ଏମ୍‌ଏମ୍ ରୋଟର୍ ବ୍ୟବହାର କରାଯାଇଛି ଏବଂ ଡୁଆଲ୍ ଡିସ୍କ ସେଟଅପ୍ ମଧ୍ୟ ପ୍ରଦାନ କରାଯାଇଛି।




ନୂତନ କାୱାସାକି ଜେଡ୍‌ଏକ୍ସ-୪ଆର୍ ବ୍ଲୁଟୁଥ୍ କନେକ୍ଟିଭିଟି ସହିତ ୫-ଇଞ୍ଚ୍ ଟିଏଫ୍‌ଟି ଡିସପ୍ଲେ ଦିଆଯାଇଛି। ନୂଆ ବାଇକରେ ଚାରୋଟି ଭିନ୍ନ ଭିନ୍ନ ରାଇଡିଂ ମୋଡ୍ ଦିଆଯାଇଛି। ଏହା ଏକ ଏକ୍ସଟ୍ରା ୬୩,୦୦୦ ଟଙ୍କା ପାଇଁ ଉପଲବ୍ଧ, ଯେଉଁମାନେ କ୍ୱିକସିଫ୍ଟର ଏବଂ ପ୍ରିଲୋଡ୍ ଆଡଜଷ୍ଟେବଲ୍ ସସପେନ୍ସ ଭଳି ଏକ୍ସଟ୍ରା ଫିଚର୍ସ ଖୋଜନ୍ତି। ଏହି ନୂଆ ବାଇକରେ ୩ ଟି ନୂଆ କଲର୍ ସ୍କିମ୍ ଲାଇମ୍ ଗ୍ରୀନ୍, ଇବୋନି ଏବଂ ପର୍ଲ ବ୍ଲିଜାର୍ଡ ହ୍ୱାଇଟ୍ ଅଛି, ଏହା ସହିତ କାୱାସାକି ଜେଡ୍‌ଏକ୍ସ-୪ଆର୍ ଏକ ସ୍ପେଶାଲ ବ୍ଲାକ୍ ଫିନିସରେ ପରିଚିତ ହୋଇଛି। ଏହି ବାଇକରେ ୧୭ ଇଞ୍ଚର ଆଲଏ ହ୍ୱିଲ୍ ଅଛି, ଯେଉଁଥିରେ ୧୨୦ ସେକ୍ସନ୍ ଫ୍ରଣ୍ଟ ଏବଂ ୧୬୦ ସେକ୍ସନ୍ ରିୟର ଟାୟାର ଅଛି। ଏଥି ସହିତ, ଏହାର ୧୩୫ ଏମ୍‌ଏମ୍ ଗ୍ରାଉଣ୍ଡ କ୍ଲିୟରାନ୍ସ, ୮୦୦ ଏମ୍‌ଏମ୍ ସିଟ୍ ଉଚ୍ଚତା ଏବଂ ୧୮୯ କିଲୋଗ୍ରାମର କର୍ବ ୱେଟ ରହିଛି ଯାହା ଉଭୟ ମଡେଲ ପାଇଁ ସମାନ।

# ଷ୍ଟକ ବଜାରରେ ଉତ୍ସାହ: ସେନସେକ୍ସ ୯୯୨ ପଏଣ୍ଟ ବୃଦ୍ଧି




ମୁମ୍ବାଇ, ୨୫।୧୧: ସପ୍ତାହର ପ୍ରଥମ ଦିନରେ ଷ୍ଟକ ବଜାରରେ ଜୋରଦାର ବୃଦ୍ଧି ଦେଖିବାକୁ ମିଳିଛି। ମହାରାଷ୍ଟ୍ର ନିର୍ବାଚନରେ ବିଜେପି ନେତୃତ୍ୱାଧୀନ ମହାଯୁତିର ଜବରଦସ୍ତ ବିଜୟ ନିବେଶଙ୍କ ଉତ୍ସାହକୁ ବଢାଇଦେଇଛି। ସୋମବାର ବିଏସଇ ସେନସେକ୍ସ ୯୯୨.୭୪ ପଏଣ୍ଟ ବୃଦ୍ଧି ପାଇ ୮୦,୧୦୯.୮୫ ପଏଣ୍ଟରେ ବନ୍ଦ ହୋଇଥିବା ବେଳେ ଏନଏସଇ ନିଫ୍ଟି ୫୦ ଇଣ୍ଡେକ୍ସ ମଧ୍ୟ ୩୧୪.୬୫ ପଏଣ୍ଟ ବୃଦ୍ଧି ପାଇ ୨୪,୨୨୧.୯୦ ପଏଣ୍ଟରେ ବନ୍ଦ ହୋଇଛି। ଆଜିର ଏହି ବୃଦ୍ଧିରେ ଅଧିକାଂଶ ତାଲିକାଭୁକ୍ତ କଂପାନିର ସେୟାର ବୃଦ୍ଧି ପାଇଛି। ସୂଚନାଯୋଗ୍ୟ, ଗତ ସପ୍ତାହରେ ଶୁକ୍ରବାର ମଧ୍ୟ ବଜାର ରେ ଜବରଦସ୍ତ ବୃଦ୍ଧି ଘଟିଥିଲା। ଶୁକ୍ରବାର ବିଏସ୍ଇ ସେନ୍ସେକ୍ସ ୧୯୬୧.୩୨ ପଏଣ୍ଟ ବୃଦ୍ଧି ପାଇ ୭୯,୧୧୭.୧୧ ପଏଣ୍ଟରେ ବନ୍ଦ ହୋଇଥିବା ବେଳେ ନିଫ୍ଟି ୫୦ ମଧ୍ୟ ୫୫୭.୩୫ ପଏଣ୍ଟ ବୃଦ୍ଧି ପାଇ ୨୩,୯୦୭.୨୫ ପଏଣ୍ଟରେ ବନ୍ଦ ହୋଇଛି। ଆଦାନୀ ମାମଲାକୁ ନେଇ ଭାରତୀୟ ଷ୍ଟକ ବଜାରରେ ବଡ଼ ଧରଣର ହ୍ରାସ ଦେଖାଯିବାର ଆଶଙ୍କା କରାଯାଉଥିବାବେଳେ, ଫଳ ତାହାର ଠିକ ଓଲଟା ହୋଇଛି । ଷ୍ଟକବଜାରରେ ଗତ ଶୁକ୍ରବାର ଓ ଆଜି ସୋମବାର ଜୋରଦାର ଉତ୍ସାହ ଦେଖିବାକୁ ମିଳିଛି।

# ଦେଶରେ ଲାଗୁ ହେବ ମେସେଜ ଟ୍ରେସେବିଲିଟି ସୁବିଧା ପହିଲାରୁ ବିଳମ୍ବରେ ଆସିବ ଓଟିପି




ନୂଆଦିଲ୍ଲୀ,୨୫/୧୧: ଟେଲିକମ କମ୍ପାନି ଗୁଡିକ ପହିଲାରୁ ମେସେଜ ଟ୍ରେସେବିଲିଟି ସୁବିଧା ଲାଗୁ କରିବେ। ଭାରତୀୟ ଟେଲିକମ ନିୟାମକ କର୍ତ୍ତୃପକ୍ଷ ( ଟ୍ରାଇ) ଏ ନେଇ ନିର୍ଦ୍ଦେଶ ଦେଇଛି। ବର୍ତ୍ତମାନ ଦ୍ରୁତ ଗତିରେ ବଢ଼ୁଥିବା ସାଇବର ଠକେଇକୁ ନଜରରେ ରଖି ଏଭଳି ସୁବିଧା ଆସିବ। ଏହା ଦ୍ୱାରା ଓଟିପି ଆସିବାରେ ବିଳମ୍ବ ହେବ। ଫଳରେ ଓଟିପି ଆଳରେ ହେଉଥିବା ଠକେଇ ଉପରେ ନିୟନ୍ତ୍ରଣ ଲଗାଇବାକୁ ସକ୍ଷମ ହେବେ ସରକାର। ବ୍ୟାଙ୍କିଙ୍ଗ ଏବଂ ରିଜର୍ଭେସନ କ୍ଷେତ୍ରରେ ଓଟିପି ଲାଗି ଅପେକ୍ଷାକୃତ ଅଧିକ ସମୟ ଅପେକ୍ଷା କରିବାକୁ ହେବ। ସବୁ ଟେଲିକମ କମ୍ପାନି ଏହାକୁ ଲାଗୁ କରିବେ। ସାଇବର ଠକେଇରୁ ଲୋକଙ୍କୁ ରକ୍ଷା କରିବା ଲାଗି ଏଭଳି ପଦକ୍ଷେପ ଗ୍ରହଣ କରାଯାଇଥିବା ଟ୍ରାଇ କହିଛି। ଏହା ପୂର୍ବରୁ ଅକ୍ଟୋବର ଏବଂ ନଭେମ୍ବର ୩୧ ଏହାର ସମୟ ସୀମା ରହିଥିଲା। ତେବେ ଟେଲିକମ କମ୍ପାନିଗୁଡିକ ଏ ନେଇ ପ୍ରସ୍ତୁତ ହୋଇନଥିବାରୁ ସମୟ ସୀମାରେ ବୃଦ୍ଧି କରାଯାଇଥିଲା।

### ମହଙ୍ଗା ପଡିଲା କି ଡ୍ରାଗନ ସହ ବନ୍ଧୁତା

# ପାକିସ୍ତାନ ପରେ ଦେବାଳିଆ ହେଲା ନେପାଳ

କାଠମାଣ୍ଡୁ ୨୫/୧୧: ମହଙ୍ଗା ପଡିଛି ଚୀନ ସହ ବନ୍ଧୁତା। ପାକିସ୍ତାନ ପରେ କାଙ୍ଗାଳ ସ୍ଥିତିରେ ନେପାଳ। ଗମ୍ଭୀର ଆର୍ଥିକ ସଂକଟ ଦେଇ ଗତି କରୁଛି ଦେଶ। ଆମଦାନୀ ଓ ରପ୍ତାନୀ କ୍ଷେତ୍ରରେ ଦେଖାଦେଇଛି ଅସନ୍ତୁଳନ। ଜୁଲାଇରୁ ନଭେମ୍ବରରେ ୪୬୦ ବିଲିୟନ ଡଲାର କ୍ଷତି ହୋଇଛି। ଆର୍ଥିକ ବର୍ଷର ୪ମାସରେ ୫୧୩ ବିଲିୟନ ସାମଗ୍ରୀ ଆମଦାନୀ ହୋଇଥିବାବେଳେ ୫୨.୬୭ ବିଲିୟନ ହୋଇଛି ରପ୍ତାନୀ। ଯାହାକି ଆର୍ଥିକ ସଂକଟର ମୂଳ କାରଣ ବୋଲି କୁହାଯାଉଛି। କଷ୍ଟମ୍‌ସ ବିଭାଗ ରିପୋର୍ଟ କହୁଛି ଚଳିତ ଆର୍ଥିକ ବର୍ଷର ପ୍ରଥମ ଚାରି ମାସରେ ନେପାଳର ବିତ୍ତିଅ ନିଅଣ୍ଟ ୪୬୦.୭୧ ବିଲିୟନରେ ପହଞ୍ଚିଛି। ଗତ ବର୍ଷ ତୁଳନାରେ କଷ୍ଟମ୍‌ସ ବିଭାଗ ଅନୁଯାୟୀ, ଏଥର ଜୁଲାଇରୁ ନଭେମ୍ବର ମଧ୍ୟଭାଗରେ ଆମଦାନୀରେ ୦.୧୭ ପ୍ରତିଶତ ବୃଦ୍ଧି ଏବଂ ରପ୍ତାନୀରେ ୪.୧୬ ପ୍ରତିଶତ ବୃଦ୍ଧି ଘଟିଛି। ଏହି ଅବଧି ମଧ୍ୟରେ ନେପାଳର ଭାରତ ସହିତ ବ୍ୟବସାୟିକ ସମ୍ପର୍କ ଉପରେ ବିଶେଷ ପ୍ରଭାବ ପଡିଛି।

# ବଢ଼ିବ ଆଦାନୀ ଗ୍ରୁପ ଅଡୁଆ

**ଆମେରିକା ପ୍ରତିଭୂତି ଏବଂ ବିନିମୟ ଆୟୋଗ ସମନ୍ ଜାରି, ୨୧ ଦିନରେ ଜବାବ ଦିଅ**



ନୂଆଦିଲ୍ଲୀ,୨୫/୧୧: ଲାଞ୍ଚ ଏବଂ ଜାଲିଆତି ଅଭିଯୋଗରେ ଆଦାନି ଗ୍ରୁପ୍ ଅଧ୍ୟକ୍ଷ ଗୌତମ ଆଦାନି ଏବଂ ତାଙ୍କ ପୁତୁରା ସାଗର ଆଦାନିଙ୍କୁ ଘେରିଛି ଆମେରିକା। ଉଭୟଙ୍କ ବିରୋଧରେ ଆମେରିକା ପ୍ରତିଭୂତି ଏବଂ ବିନିମୟ ଆୟୋଗ(ଏସ୍‌ଇସି) ସମନ୍ ଜାରି କରିଛି। ଏହା ଅନ୍ତର୍ଗତ ଉଭୟଙ୍କୁ ୨୧ ଦିନ ମଧ୍ୟରେ ସେମାନଙ୍କ ଉପରେ ଲାଗିଥିବା ଅଭିଯୋଗର ଜବାବ ଦେବାକୁ ପଡ଼ିବ। ଏପଟେ ଭାରତରେ ସୁପ୍ରିମକୋର୍ଟରେ ପହଞ୍ଚିଛି ଆଦାନି ମାମଲା। ଏ ନେଇ ସୁପ୍ରିମକୋର୍ଟରେ ଏକ ପିଟିଶନ ଦାୟର କରାଯାଇଛି। ଏହି ମାମଲାର ଯାଞ୍ଚ ଲାଗି ଆବେଦନରେ କୁହାଯାଇଛି। ବିଶାଲ ତିୱାରୀ ଆଦାନି ହିଣ୍ଡେନବର୍ଗ ବିବାଦରେ ଶେୟାର ମୂଲ୍ୟ ହେରଫେର ଅଭିଯୋଗରେ ଏକ ଅନ୍ତରୀଣ ପିଟିଶନ ଦାଖଲ କରିଛନ୍ତି। ଆଦାନିଙ୍କ ବିରୋଧରେ ଆସିଥିବା ଅଭିଯୋଗ ସାଂଘାତିକ। ଭାରତୀୟ ଅଧିକାରୀଙ୍କ ଦ୍ୱାରା ଏହାର ଯାଞ୍ଚ ହେବା ଜରୁରୀ ବୋଲି ପିଟିଶନରେ କୁହାଯାଇଛି।

ଆବେଦନକାରୀ ଏହା ମଧ୍ୟ କହିଛନ୍ତି ଯେ, ସେବି ଏହାର ଯାଞ୍ଚ ସମ୍ପୂର୍ଣ୍ଣ କରିବା ସହ ନିଷ୍କର୍ଷକୁ ରେକର୍ଡ ଭାବେ ଗ୍ରହଣ କରାଯିବା ଆବଶ୍ୟକ। ସେବି ଯାଞ୍ଚରେ ସର୍ଟ ସେଲିଂର ଅଭିଯୋଗ ରହିଥିଲା। ବିଦେଶୀ ଏଜେନ୍ସି ଗୁଡିକ ପକ୍ଷରୁ ଆସିଥିବା ଅଭିଯୋଗ ଏହା ସହ ସମ୍ପର୍କ ରହିଥାଇ ପାରେ। ସେବି ଯାଞ୍ଚ ରିପୋର୍ଟରେ ଏ ସମ୍ପର୍କରେ ସ୍ପଷ୍ଟ ହେବା ଉଚିତ। ସେବିର ବିଶ୍ୱସନୀୟତାକୁ ନେଇ ମଧ୍ୟ ଆବେଦନରେ ଚିନ୍ତା ପ୍ରକଟ କରାଯାଇଛି। ଆମେରିକା ଜଷ୍ଟିସ ବିଭାଗର ଆଦେଶ ଏବଂ ୟୁଏସ୍ ସିକ୍ୟୁରିଟିଜ ଏବଂ ଏକ୍ସଚେଞ୍ଜ କମିଶନର ଅଭିଯୋଗ ଆଦାନି ଗ୍ରୁପର ଗଡବଡକୁ ସାମ୍ନାକୁ ଆଣିଛି। ଆରୋପ ଗମ୍ଭୀର ହୋଇଥିବାରୁ ଭାରତୀୟ ଏଜେନ୍ସି ଗୁଡିକ ଏହି ମାମଲାରେ ହସ୍ତକ୍ଷେପ କରିବା ସହ ଭଲ ଭାବେ ଯାଞ୍ଚ କରନ୍ତୁ ବୋଲି ଆବେଦନକାରୀ ସର୍ବୋଚ୍ଚ କୋର୍ଟଙ୍କୁ ନିବେଦନ କରିଛନ୍ତି। ଏକ ମିଡିଆ ରିପୋର୍ଟ ମୁତାବକ, ଆମେରିକା ସିକ୍ୟୁରିଟିଜ ଆଣ୍ଡ କମିଶନର ଗୌତମ ଆଦାନି ଏବଂ ତାଙ୍କ ପୁତୁରା ସାଗର ଆଦାନିଙ୍କୁ ଉଚିତ ପ୍ଲାଟଫର୍ମରେ ସମନ ପଠାଇବାର ଆବଶ୍ୟକତା ରହିଛି ବୋଲି କୁହାଯାଇଛି। କାରଣ କୌଣସି ବିଦେଶୀ ନାଗରିକଙ୍କୁ ସିଧା ସମନ ପଠାଇବା ଅଧିକାର କ୍ଷେତ୍ରର ବାହାରେ ରହିଛି। ଏସ୍‌ଇସିର ବିଦେଶୀ ନାଗରିକଙ୍କ ଉପରେ କୌଣସି ଅଧିକାର ନାହିଁ। ୧୯୬୫ର ହେଗ ଚୁକ୍ତି ଅନୁସାରେ ଉଭୟ ଦେଶ ମଧ୍ୟରେ ଏଭଳି ମାମଲାକୁ ନିୟନ୍ତ୍ରିତ କରିଥାଏ। କୌଣସି ବ୍ୟକ୍ତି ବିଶେଷଙ୍କୁ ଏଭଳି ସିଧାସଳଖ ସମନ ପଠାଇବାକୁ ଏହି ଚୁକ୍ତିରେ ବାରଣ କରାଯାଇଛି। ଅନ୍ୟ ପଟେ ବାଂଲାଦେଶର ଅନ୍ତରୀଣ ସରକାର ଆଦାନିର ଶକ୍ତି ପ୍ରକଳ୍ପ ଉପରେ ଅଡିଟ କରିବ ବୋଲି ଜଣାପଡିଛି। ଭାରତରେ ଏକ ସୌରଶକ୍ତି କଣ୍ଟ୍ରାକ୍ଟ ହାସଲ କରିବା ପାଇଁ ଆଦାନି ଗ୍ରୁପ୍ ୫ଟି ରାଜ୍ୟର ସରକାରୀ ଅଧିକାରୀଙ୍କୁ ୨୬.୫ କୋଟି ଡଲାର ବା ୨୨୦୦ କୋଟି ଟଙ୍କାରୁ ଅଧିକ ଲାଞ୍ଚ ଦେଇଥିବା ଅଭିଯୋଗ ରହିଛି। ସୌରଶକ୍ତି ପ୍ରକଳ୍ପ ଆଳରେ ଆମେରିକୀୟ ବ୍ୟାଙ୍କ ଏବଂ ନିବେଶକଙ୍କଠାରୁ କୋଟି କୋଟି ଟଙ୍କା ଉଠାଇ ତାହାକୁ ଲାଞ୍ଚ ବାବଦ ଉକ୍ତ ଅଧିକାରୀମାନଙ୍କୁ ପ୍ରଦାନ କରାଯାଇଥିବା ଅଭିଯୋଗ ରହିଛି। ଆମେରିକୀୟ କୋର୍ଟ ଗୌତମ ଆଦାନି ଏବଂ ପୁତୁରା ସାଗର ଆଦାନିଙ୍କ ବିରୋଧରେ ଗିରଫ ପରୱାନା ବି ଜାରି କରିଛନ୍ତି। ଆମେରିକା ପକ୍ଷରୁ କରାଯାଇଥିବା ସମନ୍ ବା ନୋଟିସ୍ ଅହମ୍ମଦାବାଦସ୍ଥିତ ଗୌତମ ଆଦାନିଙ୍କ ବାସଭବନ(ଶାନ୍ତିବନ ଫାର୍ମ) ଏବଂ ସାଗର ଆଦାନିଙ୍କ ଆବାସ(ବୋଦକଦେବ ଘର) କୁ ପଠାଯାଇଛି। ଅନ୍ୟପକ୍ଷରେ, ଆଦାନି ଗ୍ରୁପ୍ ଏସବୁ ଅଭିଯୋଗକୁ ଭିତ୍ତିହୀନ ଦର୍ଶାଇଛି।

